
CMYK



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି


The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର, ୧୭ ଅପ୍ରେଲ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 17 APRIL 2022

Vol.No. 33 ■ No. 100 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022




ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-

# ପଞ୍ଜାବରେ ମିଳିବ ମାଗଣା ବିଜୁଳି

## ଜୁଲାଇ ପହିଲାରୁ ମିଳିବ ୩ଶହ ୟୁନିଟ ମାଗଣା ବିଜୁଳି



ନୂଆଦିଲ୍ଲୀ, ୧୬/୦୪ : ପଂଜାବରେ ଏକ ମାସ ପୂର୍ତି ସରକାର ଗଠନ ଅବସରରେ ବଡ ଘୋଷଣା କରିଛି ଆପ୍ ସରକାର । ଘର ପ୍ରତି ୩ଶହ ୟୁନିଟ ମାଗଣା ଯୋଗାଇ ଦେବାକୁ ମାନ୍ ସରକାର ଘୋଷଣା କରିଛନ୍ତି । ଜୁଲାଇ ୧ତାରିଖରୁ ଏହି ନୂଆ ନିୟମ ଲାଗୁ ହେବ । ଏହାସହ ଶିଳ୍ପାଂଚଳ ଓ ବ୍ୟବସାୟିକ ଦରରେ ବୃଦ୍ଧି ହେବ ନାହିଁ ବୋଲି ନିଷ୍ପତି ନିଆଯାଇଛି । ପଂଜାବରେ ଘର ପିଛା ଏଣିକି ୩ଶହ ୟୁନିଟ ମାଗଣା ବିଜୁଳି ମିଳିବ । ଜୁଲାଇ ପହିଲାରୁ ଏହି ମାଗଣା ସେବା ପାଇ ପାରିବେ ପଂଜାବବାସୀ । ରାଜ୍ୟରେ ଆପ୍ ସରକାର ଗଠନ ହେବାର ଏକ ମାସ ପୂର୍ତି ଅବସରରେ ଏନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂ ମାନ୍ । ଏଥିରେ କୌଣସି ବର୍ଗ କରାଯାଇନାହିଁ ଗରୀବଠୁ ନେଇ ଧନୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଦୁଇ ମାସରେ ୬ଶହ ୟୁନିଟ ମାଗଣା ବିଜୁଳି ମିଳିବ ବୋଲି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମାନ୍ । ପଞ୍ଜାବରେ ମୋଟ ୬୨ ଲକ୍ଷରୁ ଉର୍ଦ୍ଧ୍ୱ ଗ୍ରାହକ ଏଥିରେ ଉପକୃତ ହେବେ । ପରିବାର ପିଛା ମାସିକ ୩ଶହ ୟୁନିଟ ମାଗଣା ବିଦ୍ୟୁତ ଯୋଗାଇ ଦିଆଯିବ ବୋଲି ଆପ୍ ପଂଜାବ ବିଧାନସଭା ନିର୍ବାଚନ ବେଳେ ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା । ଦିଲ୍ଲୀରେ ଆପ୍ ସରକାର ପ୍ରତି ମାସରେ ୨ଶହ ୟୁନିଟ ମାଗଣା ବିଜୁଳି ଯୋଗାଇ ଦେଉଛନ୍ତି । ପଞ୍ଜାବ ଏବେ କୃଷି କ୍ଷେତ୍ରରେ ବିନିଯୋଗ ପାଇଁ ମାଗଣା ବିଦ୍ୟୁତ୍ ଯୋଗାଇ ଦେଉଥିବା ବେଳେ ପଛୁଆ ବର୍ଗଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ମାଗଣାରେ ଯୋଗାଇ ଦେଉଛନ୍ତି । ତେବେ ୧୮ ବର୍ଷରୁ ଅଧିକ ବୟସ୍କ ମହିଳାଙ୍କୁ ୧ ହଜାର ଟଙ୍କାର ସହାୟତା ଯୋଗାଇଦେବାକୁ ଆପ୍ ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ପୁରା କରିପାରିବ କି ନାହିଁ ତାକୁ ନେଇ ଏବେବି ଦ୍ୱନ୍ଦ ରହିଛି । କାରଣ ଏଥିପାଇଁ ସରକାରଙ୍କ ରାଜକୋଷରୁ ପ୍ରତିବର୍ଷ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ ।

# ବ୍ରିଟେନ ଉପରେ ପ୍ରତିବନ୍ଧକ ଲଗାଇଲା ଋଷ



ନୂଆଦିଲ୍ଲୀ, ୧୬/୦୪ : ଋଷ ଓ ୟୁକ୍ରେନ ମଧ୍ୟରେ ଲାଗିଥିବା ଯୁଦ୍ଧ ଚରମ ସୀମାରେ ପହଂଚିଛି । ଦୀର୍ଘ ୫୦ ଦିନର ଯୁଦ୍ଧ ମଧ୍ୟରେ ଛାରଖାର ହୋଇଯାଇଛି ୟୁକ୍ରେନ । ୟୁକ୍ରେନ ଉପରେ ପ୍ରତିଶୋଧ ନେବାକୁ ଯାଇ ଏବେ ଅନ୍ୟ ପଡୋସୀ ଦେଶଙ୍କ ଉପରେ ବି ପ୍ରତିଶୋଧ ନେବା ଆରମ୍ଭ କରିଛନ୍ତି ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ । ୟୁକ୍ରେନକୁ ସହାୟତା ଯୋଗାଉଥିବା ଅଭିଯୋଗରେ ଏବେ ପୁଟିନ ବ୍ରିଟେନର ପ୍ରଧାନମନ୍ତ୍ରୀ ବୋରିଷ ଜନସନଙ୍କ ଉପରେ କଡା ପ୍ରତିବନ୍ଧକ ଘୋଷଣା କରିଛନ୍ତି । ଅନ୍ତର୍ଜାତୀୟ ଗଣମାଧ୍ୟମ ଏଏଫବିର ରିପୋର୍ଟ ମୁତାବକ ଋଷ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିଷ ଜନସନ ଓ ଦେଶର ଶୀର୍ଷ ଅଧିକାରୀଙ୍କୁ ଋଷ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯାଇଛି । କେବଳ ସେତିକି ନୁହେଁ ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଓ ଅର୍ଥ ଯୋଗାଉଥିବା ଆମେରିକାକୁ ସିଧାସଳଖ ଚେତାବନୀ ଦେଇଛନ୍ତି ଋଷ ରାଷ୍ଟ୍ରପତି ପୁଟିନ । ଏସବୁ ଭିତରେ ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିରି ଜେଲେନସ୍କି ସ୍ୱୀକାର କରିଛନ୍ତି କି ଏବେ ସୁଦ୍ଧା ୩୦୦୦ ୟୁକ୍ରେନ ସୈନିକ ଯୁଦ୍ଧରେ ପ୍ରାଣ ହରାଇଛନ୍ତି ଓ ୧୦ ହଜାରରୁ ଅଧିକ ସୈନିକ ଆହତ ହୋଇଛନ୍ତି । କହିରଖୁ ଯୁଦ୍ଧକୁ ୫୦ ଦିନରୁ ଅଧିକ ହୋଇଥିବା ବେଳେ ଏବେ ୟୁକ୍ରେନର ଅନେକ ବଡ ବଡ ସହର ଋଷ କବଜାରେ ରହିଛି । ହେଲେ ବ୍ରିଟେନ ତରଫରୁ ଦାବି କରାଯାଇଛି କି ଋଷ ସେନା ୟୁକ୍ରେନର ଅନେକ ସେନା ଭିତ୍ତିଭୂମୀ ନଷ୍ଟ କରିସାରିଛି ।

## କଂଗ୍ରେସରେ ମିଶିବେ କି ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ?

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ବହୁଚର୍ଚ୍ଚିତ ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ପୁଣି ଚର୍ଚ୍ଚାରେ । ପ୍ରଶାନ୍ତ କିଶୋର କଂଗ୍ରେସରେ ସାମିଲ ହେବା ନେଇ ଚର୍ଚ୍ଚା ହେଉଛି । ଶନିବାର ଦିନ କଂଗ୍ରେସ ଅଧକ୍ଷ ସୋନିଆ ଗାନ୍ଧୀଙ୍କ ବାସଭବନରେ ସୋନିଆ, ରାହୁଲ ଓ ବରିଷ୍ଠ ନେତାଙ୍କ ସହ ପ୍ରଶାନ୍ତ କିଶୋର ବୈଠକ କରିବା ପରେ ଏପରି ଚର୍ଚ୍ଚା ସାମ୍ନାକୁ ଆସିଛି । କୁହାଯାଉଛି ଯେ, ନିର୍ବାଚନ ରଣନୀତିକାର ଭାବେ ନୁହେଁ ବରଂ ସଦସ୍ୟ ଭାବେ କଂଗ୍ରେସରେ ଯୋଗଦେବାକୁ ପ୍ରଶାନ୍ତ କିଶୋରଙ୍କୁ ପ୍ରସ୍ତାବ ଦିଆଯାଇଛି । ଏବଂ କଂଗ୍ରେସର ଏହି ପ୍ରସ୍ତାବ ପରେ ସେ ଦଳରେ ଯୋଗଦେଇ ପାରନ୍ତି ବୋଲି ସୂଚନା ମିଳିଛି । ଶନିବାର କଂଗ୍ରେସ ଅଧକ୍ଷ ସୋନିଆ ଗାନ୍ଧୀଙ୍କ ବାସଭବନରେ ବରିଷ୍ଠ ନେତାଙ୍କୁ ନେଇ ▶▶ପୃଷ୍ଠା ୭

# ରାତି ଅଧରେ ପାକିସ୍ତାନ କଲା ଏୟାର ଷ୍ଟ୍ରାଇକ୍ : ୩୦ ନିହତ



ନୂଆଦିଲ୍ଲୀ, ୧୬/୦୪ : ପଡ଼ୋଶୀ ଆଫଗାନିସ୍ତାନରେ ଏୟାର ଷ୍ଟ୍ରାଇକ୍ କରିଛି ପାକିସ୍ତାନ। ଆଫଗାନିସ୍ତାନର ଖୋସ୍ତ ପ୍ରଦେଶରେ ପାକିସ୍ତାନ ଏୟାର ଷ୍ଟ୍ରାଇକ କରିଥିବା ସୂଚନା ମିଳିଛି। ଏହି ଖବରକୁ ନେଇ ଆଫଗାନିସ୍ତାନର ସ୍ଥାନୀୟ ସୂତ୍ରରୁ ଜଣାପଡ଼ିଛି। ଶୁକ୍ରବାର ରାତି ଅର୍ଥାତ ଏପ୍ରିଲ ୧୫ ତାରିଖରେ ଏହି ଆକ୍ରମଣ କରାଯାଇଛି। ଏହି ଆକ୍ରମଣରେ ପ୍ରାୟ ୩୦ ଜଣ ନିହତ ହୋଛନ୍ତି। ମୃତକଙ୍କ ମଧ୍ୟରେ କିଛି ମହିଳା ଏବଂ ଶିଶୁ ଥିବା ଜଣାପଡ଼ିଛି। ଖୋଷ୍ଟ ପ୍ରୋଭିଡେନନ୍ସର ସ୍ପୁର ଜିଲ୍ଲାରେ ପାକିସ୍ତାନ ଯୁଦ୍ଧ ବିମାନ ଟାର୍ଗେଟ ହିଟ୍ କରିଛି। ସ୍ପୁର ଜିଲ୍ଲାରେ ମିରାପର, ମଣ୍ଡେସ୍, ସାରଇଦି ଏବଂ କାଇ ଗ୍ରାମରେ ପାକିସ୍ତାନର ୨୬ଟି ପ୍ଲେନ୍ ପକ୍ଷରୁ ଆକ୍ରମଣ କରାଯାଇଛି। ୱାଜିସ୍ତାନ ଅଞ୍ଚଳର ଏକ ବଡ଼ ଧାର୍ମିକ ଗୋଷ୍ଠୀ 'କିଙ୍ଗ ଜାମସିଦ୍' ଗଣମାଧ୍ୟମକୁ କହିଛି ଯେ, ଏହି ଆକ୍ରମଣରେ ଅନୁନ୍ୟ ୩୦ ▶▶ପୃଷ୍ଠା ୭

# ରାଜଧାନୀରେ ଏଟିଏମ୍ ମେସିନ୍ ତାଡ଼ି ଲୁଟ୍ ଘଟଣାରେ ବେଙ୍ଗାଲୁରୁରୁ ଦୁଇଜଣ ଗିରଫ

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ଧଉଳି ଥାନା ଅନ୍ତର୍ଗତ ଇନ୍ଦିରା କଲୋନିର ଏସବିଆଇ ଏଟିଏମ୍ ମେସିନ୍ ତାଡ଼ି ଲୁଟ୍ ଘଟଣାରେ କମିଶନରେଟ ପୋଲିସ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ୨ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ବାଂଲାଦେଶୀ ଏବଂ ଆଉ ଜଣେ ଅଭିଯୁକ୍ତ କୋଲକାତାର ବୋଲି ପୁଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିସନର ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଗତ ୪ ତାରିଖ ରାତିରେ ଲୁଟେରାମାନେ ଇନ୍ଦିରା କଲୋନିରେ ଥିବା ଏଟିଏମ ତାଡିକି ନେଇ ଯାଇଥିଲେ। ପରେ ତାକୁ ଦୟା ନଦୀରେ ଫୋପାଡ଼ି ଦେଇଥଲେ। ପ୍ରଥମ ଥର ପାଇଁ ଲୁଟେରାମାନେ ଏଟିଏମ ତାଡି ନେବା ଘଟଣା ଦେଖା ଯାଇଥିବା ସେ କହିଛନ୍ତି । ଏମିତିକି ସିସିଟିଭି ଭିଜୁଆଲ ବହୁଳ ମାତ୍ରାରେ ଡିଲିଟ କରାଯାଇଥିଲା। ▶▶ପୃଷ୍ଠା ୭

## ରାଜ୍ୟର ୧୫ ସହରର ତାପମାତ୍ରା ୪୦ ଡିଗ୍ରି ଉପରେ

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ରାଜ୍ୟର ୧୫ ଟି ସହରର ତାପମାତ୍ରା ୪୦ ଡିଗ୍ରୀରୁ ଉପରେ ରେକର୍ଡ କରା ଯାଇଛି। ରାଜ୍ୟର ସୋନପୁର ଠାରେ ଆଜି ରାଜ୍ୟର ସର୍ବାଧିକ ୪୩.୫ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ଅନୁଗୁଳରେ ୪୨.୭, ବାରିପଦାରେ ୪୧.୮, ଝାରସୁଗୁଡ଼ାରେ ୪୨.୬, କେନ୍ଦୁଝରରେ ୪୦.୧, ସମ୍ବଲପୁରରେ ୪୨.୨, ସୁନ୍ଦରଗଡ଼ରେ ୪୨.୫, ହୀରାକୁଦରେ ୪୦.୩, ତାଳଚେରରେ ୪୦.୪, ଭବାନୀପାଟଣାରେ ୪୧.୨, ବଲାଙ୍ଗୀରରେ ୪୩.୦, ଟିଟିଲାଗଡ଼ରେ ୪୧.୫, , ନୟାଗଡ଼ରେ ୪୦.୦, ବୌଦ୍ଧରେ ୪୨.୫ ଓ ପାରଳାଖେମୁଣ୍ଡିରେ ୪୧.୫ ଡିଗ୍ରି ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଆଜି ଭୁବନେଶ୍ୱରରେ ୩୮.୧ ଓ କଟକରେ ୩୮.୦ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ପ୍ରକାଶ କରା ଯାଇଛି ।


# ଚଳିତ ବର୍ଷ ମାତ୍ର ୧୦ ଦିନ ଖରାଛୁଟି

## ଏଥର ଜୁନ ୬ରୁ ୧୬ ପର୍ଯ୍ୟନ୍ତ ବନ୍ଦ ରହିବ ସ୍କୁଲ



ଭୁବନେଶ୍ୱର, ୧୬/୦୪ (ନି.ପ୍ର): ଚଳିତ ବର୍ଷ ଖରା ଛୁଟିକୁ କମାଇ ଦିଆ ଯାଇଛି । ଏଥର ମାତ୍ର ୧୦ ଦିନ ଖରାଛୁଟି ହେବ । ଅବଶିଷ୍ଟ ଦିନମାନଙ୍କରେ ମଧ ପିଲା ମାନଙ୍କର ପାଠପଢା ହେବ । ଏହି ସମୟରେ ପିଲାମାନଙ୍କ ପାଠପଢ଼ା ଜାରି ରଖିବାକୁ ବିଭାଗ ଯୋଜନା ପ୍ରସ୍ତୁତ କରିଥିବା ଜଣା ପଡିଛି । ରାଜ୍ୟର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଏହା ଲାଗୁ ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନାରେ କୁହା ଯାଇଛି ୧୧ ଜୁନ୍ ୬ରୁ ଜୁନ୍ ୧୬ ପର୍ଯ୍ୟନ୍ତ ସ୍କୁଲରେ ଖରାଛୁଟି ପାଇଁ ନିଷ୍ପତି ନିଆଯାଇଛି। ବର୍ତମାନ ଭଳି ସକାଳୁଆ ସ୍କୁଲ ଚାଲୁ ରହିବ। ତେବେ ପାଠପଢ଼ା ସମୟସାରିଣୀରେ ପରିବର୍ତନ କରାଯାଇଛି । ଆଗାମୀ ମେ ପହିଲାରୁ ଜୁନ୍ ୫ ତାରିଖ ଯାଏଁ ସକାଳ ୬ଟାରୁ ୯ଟା ଯାଏ ପାଠପଢ଼ା ହେବ। ଏପ୍ରିଲ ୨୦ ତାରିଖ ଭିତରେ ପ୍ରଥମରୁ ଅଷ୍ଟମ ଯାଏ କ୍ଲାସ୍ ପ୍ରମୋସନ୍ କରାଯିବ। ଏଣେ ୨୦ରୁ ୩୦ ତାରିଖ ମଧ୍ୟରେ ପ୍ରଥମରୁ ନବମ ଶ୍ରେଣୀରେ ଆଡମିସନ୍ ଓ ▶▶ପୃଷ୍ଠା ୭

# ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଆଜି



ଭୁବନେଶ୍ୱର, ୧୬/୦୪ (ନି.ପ୍ର): ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ଆସନ୍ତା କାଲି ରବିବାର ଦିନ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ରବିବାର ସଂଧ୍ୟାରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ହେବାକୁ ଯାଉଥିବା ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟୟକ ମୁଖ୍ୟ ଅତିଥି ଭାବେ ଭର୍ଚୁଆଲ ମାଧ୍ୟମରେ ଯୋଗ ଦେବେ । ସୂଚନା ଓ ଲୋକ ସମ୍ପର୍କ ବିଭାଗର ମନ୍ତ୍ରୀ ରଘୁନନ୍ଦନ ଦାସ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବେ । ସମ୍ମାନିତ ଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ରାଜ୍ୟ ସରକାରଙ୍କ ଲୋକ ସମ୍ପର୍କ ଓ ଗଣମାଧ୍ୟମ ବିଭାଗର ଉପାଦେଷ୍ଟା ମାନସ ମଙ୍ଗରାଜ ଉପସ୍ଥିତ ରହିବେ ।

## ବ୍ରାଉନ୍ ସୁଗର ମାଫିଆ କୟମତ ତୁଲା ପୁଲିସ୍ ପଞ୍ଝାରେ



ଜଳେଶ୍ୱର, ୧୬/୪ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ପୌରପରିଷଦର ଝାଡେଶ୍ୱରପୁର ଅଂଚଳର ରାସ ତୁଲ୍ଲାଙ୍କ ପୁଅ କୟମତ ତୁଲାକୁ ପୁଲିସ୍ ଗିରଫ କରିଛି । ପୂର୍ବରୁ ତା ନାମରେ ବ୍ରାଉନ୍ସୁଗର କାରବାରର ଅଭିଯୋଗ ଥିଲା । ଜଳେଶ୍ୱର ଥାନାରେ ୧୩୨୦/୨୧ ଓ ୧୨୧/୨୨ ଏବଂ ବାଲେଶ୍ୱର ଥାନାରେ ୭/୧୧ରେ ୩ଟି କେସ୍ ଥିବା ବେଳେ ତା ନିକଟରୁ ଯଥାକ୍ରମେ ୨୭୦ ଗ୍ରାମ ଓ ୧୫୨ ଗ୍ରାମର ବ୍ରାଉନ୍ ସୁଗର ଜବତ୍ କରାଯାଇଥିଲା । ସେ କିଛିଦିନ ପୁଲିସ୍ ଆଖିରେ ଧୂଳି ଦେଇ ବୁଲୁଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ଗେରେଜ୍ ବଜାର ନିକଟରୁ ଗିରଫ କରାଯାଇଛି । ପରେ ତାକୁ କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ସେ ଆନ୍ତରାଜ୍ୟ ବ୍ରାଉନ୍ ସୁଗର କାରବାରରେ ଲିପ୍ତ ଥିବା ବିଶେଷ ସୂତ୍ରରୁ ପ୍ରକାଶ। ଏହା ସହିତ ଲିଙ୍କ ଥିବା ଅଭିଯୋଗରେ ଅନ୍ୟଜଣେ ଯୁବକ ସେକ୍ ସାରୁଖ (୨୦)କୁ ପୁଲିସ୍ ରାଜପଥ ୬୦ର ଲକ୍ଷ୍ମଣନାଥ କୋର୍ଟ ନିକଟରୁ ଗିରଫ କରିଥିବା ଜଣାଯାଇଛି ।

## ଅନୁଭବ – ବର୍ଷା ଛାଡ଼ପତ୍ର ମାମଲାରେ ପରିବାର ଅଦାଲତରେ ଅନୁଭବଙ୍କ ସାକ୍ଷ୍ୟ ଗ୍ରହଣ

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ବର୍ଷା-ଅନୁଭବ ଛାଡପତ୍ର ମାମଲାରେ ଶନିବାର ଦିନ ସାକ୍ଷ୍ୟ ଗ୍ରହଣ ହୋଇଛି। କଟକ ପରିବାର ଅଦାଲତରେ ଆଜି କେନ୍ଦ୍ରାପଡା ସାଂସଦ ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ସାକ୍ଷ୍ୟ ଗ୍ରହଣ ହୋଇଛି। ଆଜି ପରିବାର ଅଦାଲତରେ ଅନୁଭବ ହାଜର ହୋଇ ସାକ୍ଷ୍ୟ ପ୍ରଦାନ କରିବା ସହିତ ଦାଖଲ ନଥିପତ୍ର ଚିହ୍ନଟ କରିଥିଲେ। ଅନୁଭବଙ୍କୁ ବର୍ଷାଙ୍କ ଓକିଲ ବିଭିନ୍ନ ପ୍ରଶ୍ନ ଅଦାଲତରେ ଜେରା ସମୟରେ ପଚାରିଥିଲେ।

# ଉପନିର୍ବାଚନ ବାଜିମାରିନେଲେ ବାବୁଲ ସୁପ୍ରିୟୋ, ଶତ୍ରୁଘ୍ନ ସିହ୍ନା



କୋଲକାତା, ୧୬/୦୪ (ନି.ପ୍ର): ପଶ୍ଚିମବଙ୍ଗରେ ଗୋଟିଏ ବିଧାନସଭା ଏବଂ ଗୋଟିଏ ଲୋକସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ବି ତୃଣମୂଳ କଂଗ୍ରେସ(ଟିଏମି) ତାର ଦବଦବା ଜାହିର କରିଛି। ଆଜି ହୋଇଥିବା ଭୋଟ ଗଣତିରେ ପ୍ରତିପକ୍ଷ ବିରୋଧୀଙ୍କୁ ପଛରେ ପକାଇ ଟିଏମସି ବିପୁଳ ଭୋଟ୍ ବ୍ୟବଧାନରେ ଜିତିଛି। ବେଙ୍ଗଲର ବାଲିଗଞ୍ଜ ଆସନରୁ ବିଧାୟକ ଭାବେ ବାବୁଲ ସୁପ୍ରିୟୋ ପ୍ରତିଦ୍ୱନ୍ଦିତା କରୁଥିଲେ। ଏଠାରେ ବାବୁଲ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିକୁ ପରାସ୍ତ କରି ବିଜୟ ବାନା ଉଡ଼ାଇଛନ୍ତି। ବାବୁଲ ସୁପ୍ରିୟୋ କହିଛନ୍ତି ଯେ, ଲୋକେ ବିଜେପିର ଅହଙ୍କାରକୁ ଭାଙ୍ଗିଦେଛନ୍ତି। ଗତ ଏପ୍ରିଲ ୧୨ ତାରିଖରେ ଏଠାରେ ଉପନିର୍ବାଚନ ହୋଇଥିଲା। ଅନ୍ୟପଟେ ଏମିପି ପାଇଁ ଆସନସୋଲରେ ହୋଇଥିବା ଭୋଟ୍ରେ ମଧ ଟିଏମସିର ବିଜୟ ଲାଭ କରିଛି। ଆସନସୋଲ ଲୋକସଭା ଆସନରେ ପ୍ରତିଦ୍ୱନ୍ଦିତା ଶତ୍ରୁଘ୍ନ ସିହ୍ନା ମଧ ବାଜିମାତ କରିଛନ୍ତି । ▶▶ପୃଷ୍ଠା ୭

ନିମନ୍ତ୍ରଣ

ଶୁଭ ଲୋକାର୍ପଣ ଉତ୍ସବ

ଏମିତି ଚାଲିଥିବ

ରାଜନୈତିକ ଉପନ୍ୟାସ






ଔପନ୍ୟାସିକ : ସୃଷ୍ଟିଧର ପରିଡା

ତା୧୭ ଅପ୍ରେଲ ୨୦୨୨ରିଖ, ରବିବାର
ସମୟ : ଅପରାହ୍ନ ୫ଘଟିକା
ସ୍ଥାନ : ଆତିଥ୍ୟ ସଭାଗୃହ, ହସପିଟାଲ ରୋଡ, ବାଲେଶ୍ୱର

ଉତ୍ସବରେ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିବେ :

- ଦେବ ପ୍ରସାଦ ଦାଶ, ବିଶିଷ୍ଟ କଥାକାର
- ଅରୁଣ କୁମାର ସାହୁ, ବିଶିଷ୍ଟ କବି
- ଡ. ଭାଗବତ ବେହେରା, ବିଶିଷ୍ଟ ଔପନ୍ୟାସିକ
- କାଳୀପଦ ପଣ୍ଡା, କବି ଓ ପ୍ରକାଶକ
- ଡ. ଗୀତାଶ୍ରୀ ପ୍ରିୟମ୍ବଦା, କବି
- ସୈରିନ୍ଧ୍ରୀ ସାହୁ, ସଂପାଦିକା : ଧ୍ୱନିପ୍ରତିଧ୍ୱନି ଓ ସାଗରିକା

ଆପଣଙ୍କ ଉପସ୍ଥିତି ଅପେକ୍ଷାରେ
ସୃଷ୍ଟିଧର ପରିଡା

# ବୋଡ଼େନ ବ୍ଲକ ଉପାନ୍ତ ଏବଂ ପାର୍ବତ୍ୟାଂଚଳରେ ଶିକ୍ଷାଦାନ ବ୍ୟବସ୍ଥା ଭୁଷୁଡି ପଡିଛି

ନୂଆପଡ଼ା,୧୬/୦୪ (ନି.ପ୍ର): ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଭାଇସାଦାନୀ ଗ୍ରାମପଂଚାୟତର ପାର୍ବତ୍ୟା ଅଂଚଳ କାଠଫେର ଅଂଚଳର ଶିକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ର ସାମ୍ନାକୁ ଆସିଛି। କାଠଫେର ସ୍କୁଲରେ ୫୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ରହିଥିବା ବେଳେ ୫ ଜଣ ଶିକ୍ଷକ ଥିବା ଜଣାପଡେ। ପ୍ରଧାନ ଶିକ୍ଷକ ଚଳିତ ସ୍କୁଲ ଆରମ୍ଭ ହେବା ଦିନ ମଧ୍ୟାହ୍ନ ଭୋଜନ ପାଇଁ ମହିଳା ଗୋଷ୍ଠୀଙ୍କ ଦାୟିତ୍ୱ ଦେଇଥିଲେ। କିନ୍ତୁ, ସ୍କୁଲ ବନ୍ଦ ଥିବାରୁ କେହି ଶିକ୍ଷକ ଯାଉନଥିଲେ। ବୋଡ଼େନ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦୃଷ୍ଟି ପଡିବା ପରେ ତୁରନ୍ତ ଉପରୋକ୍ତ ଗ୍ରାମକୁ ପରିଦର୍ଶନ କରିଥିଲେ। ସେଠାରେ ମୁଖ୍ୟତଃ ତିନି ଗୋଟି ସମସ୍ୟା ସମାଧାନ କରିଛନ୍ତି। ମଧ୍ୟାହ୍ନ ଭୋଜନ ପାଇଁ ମହିଳା ଗୋଷ୍ଠୀର ବକେୟା ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲ ଆଣିବା ପାଇଁ ଜଣେ ଯୁବକଙ୍କୁ ୨୦୦୦/- ଟଙ୍କାରେ ନିଯୁକ୍ତି ଏବଂ ଛାତ୍ର ଛାତ୍ରୀ ମଧ୍ୟରେ ଉତ୍ସାହ ପାଇଁ ଅଧିକ ଉପସ୍ଥାନ ପାଇଁ ପୁରସ୍କାର ବ୍ୟବସ୍ଥା କରିଛନ୍ତି। ସର୍ବାଧିକ ଉପସ୍ଥାନ ପାଇଁ ୩୦୦/- ଦ୍ୱିତୀୟ ୨୦୦/- ତୃତୀୟ ପାଇଁ ୧୦୦/- ଟଙ୍କା ପୁରସ୍କାର ପ୍ରଦାନ ପାଇଁ ନିଷ୍ପତି ହୋଇଅଛି। ସ୍କୁଲରେ ଶିକ୍ଷା ବ୍ୟବସ୍ଥା ପାଇଁ ଅଧିକ ଗୁରୁତ୍ୱ ଦେବାକୁ ଶିକ୍ଷକଙ୍କୁ ଆହ୍ୱାନ କରାଯାଇଛି।

# ନାକପୋଲ ଲକ୍ ଛକଠାରେ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ

ଧର୍ମଶାଳା,୧୬/୦୪ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଥାନୁଆଳ ପଂଚାୟତସ୍ଥ ନାକପୋଲ ଲକ୍ ଛକରେ ଆଜି ଏକ ଜଳଛତ୍ର କେନ୍ଦ୍ର ଉଦଘାଟିତ ହୋଇଯାଇଛି । ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥିଭାବେ ଯୋଗ ଦେଇ ଏହି କେନ୍ଦ୍ରକୁ ଉଦଘାଟିତ କରିଥିଲେ। ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ଜଳ ଛତ୍ର କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଏହି ରାସ୍ତା ଦେଇ ନେଉଳପୁର,ହରିଦାସପୁର ,ପାଖର,ଗଡମଧୁପୁର ଓ ଜେନାପୁର ଆଦି ଅଂଚଳରୁ ଆସୁଥିବା ଶହଶହ ଜନସାଧାରଣ ବେଶ ଉପକୃତ ହୋଇପାରିବେ । କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକପ୍ରତିନିଧି ସହ ଗ୍ରାମମୁରବୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମ ଏକ ମାସ ଧରି ଚାଲଶବ ବୋଲି ଜଣାପଡିଛି ।

# ୬୮ ତମ ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତାରେ ଜିଲ୍ଲାର ୧୩ ଛାତ୍ରଛାତ୍ରୀଙ୍କ କୃତିତ୍ୱ

କେନ୍ଦ୍ରାପଡ଼ା,୧୬/୦୪ (ନି.ପ୍ର): ରାଜ୍ୟ ସରକାରଙ୍କର କ୍ରୀଡା ଓ ଯୁବସେବା ବିଭାଗ ସହାୟତାରେ ରାଜ୍ୟ ଦୌଡକୁଦ ଆସୋସିଏସନ ତରଫରୁ ଆୟୋଜିତ ୬୮ତମ ରାଜ୍ୟସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ରେ କେନ୍ଦ୍ରାପଡା ଜିଲ୍ଲା ଦୌଡକୁଦ ଆସୋସିଏସନ ର ଛାତ୍ରଛାତ୍ରୀମାନେ କୃତିତ୍ୱ ଅର୍ଜନ କରିଛନ୍ତି । ସେମାନେ ହେଲେ ସରୋଜ କୁମାର ଲୁଗୁନ ହାଇଜମ୍ପ ଏବଂ ୪୦୦ ମିଟର ହଡଲସ୍ ୨ଟି ରୌପ୍ୟ ମେଡାଲ ପାଇଛନ୍ତି । ସେହିପରି ରାବେୟା ଫିରଦୋସ ୨ କିମି ଦୌଡରେ ଗୋଲ୍ଡ ମେଡାଲ, ମୋଜାହିଦ୍ ଖାନ ୧୦ କିମି ଦୌଡରେ ବ୍ରୋଂଜ ମେଡାଲ, ସୁହାନା ପରୱିନ ୧୦ କିମି ଦୌଡରେ ବ୍ରୋଂଜ ମେଡାଲ, ପୁନମ ସାହୁ ୨ କିମି ଦୌଡରେ ବ୍ରୋଂଜ ମେଡାଲ, ସୁରେନ୍ଦ୍ର ଲାଗୁରି ହାଇଜମ୍ପ ରେ ଗୋଲ୍ଡ ମେଡାଲ, ରଶ୍ମି ରଞ୍ଜନ ପାତ୍ର ଲଙ୍ଗଜମ୍ପ ରେ ରୌପ୍ୟ ମେଡାଲ ଏବଂ ଟ୍ରପଲ ଜମ୍ପରେ ବ୍ରୋଂଜ ମେଡାଲ, ସାବେରା ବେଗମ ସଟପୁଟ ରେ ଗୋଲ୍ଡ ମେଡାଲ ଏବଂ ଡିସକସ ରେ ସିଲଭର ମେଡାଲ, ସର୍ମିଷ୍ଠା ମହାପାତ୍ର ୪୦୦ ମିଟର ଦୌଡରେ ଗୋଲ୍ଡ ମେଡାଲ, ସୁଜିତ ନାୟକ ୪୦୦ ମିଟର ଦୌଡରେ ରୌପ୍ୟ ମେଡାଲ, ଖାନମ ବେଗମ ରୌପ୍ୟ, ପରୱାନା ବେଗମ କାଂସ୍ୟ, ସାହାଦତ ଖାନ ଗୋଲ୍ଡ ମେଡାଲ ପ୍ରାପ୍ତ ହୋଇଛନ୍ତି ।

## ଶାରଦା ଗାର୍ଡେନରେ ସୁନ୍ଦରାକାଣ୍ଡ ଅନୁଷ୍ଠିତ

ପୁରୀ,୧୬/୦୪ (ନି.ପ୍ର): ଶାରଦାଦେବୀ ରୋଡ଼ସ୍ଥିତ ଶାରଦା ଗାର୍ଡେନ ପରିସରରେ ଶ୍ରୀରାମ ସୁନ୍ଦରାକାଣ୍ଡ ସତସଂଘ ପରିବାର ପକ୍ଷରୁ ମହା ବିଷୁବ ସଂକ୍ରାନ୍ତି ପାଳନ, ସୁନ୍ଦରାକାଣ୍ଡ ପାଠ ଓ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପବିତ୍ର ପଣା ସଂକ୍ରାନ୍ତି, ମହାବୀର ଜୟନ୍ତୀ ଓ ଓଡ଼ିଆ ନବବର୍ଷ ଅବସରରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଦ୍ରିନାଥ ଧାମର ସନ୍ଥ ଯୋଗେଶ୍ୱର ଦାସଜୀ ମହାରାଜଙ୍କ ଦ୍ୱାରା ଆର୍ଶି ବଚନ ପ୍ରଦାନ କରାଯାଇଥିଲା । ଏଥିରେ ବଳରାମ ଦାଶ ପୁରୋଧା ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସତସଙ୍ଗ ପରିବାରର ସଦସ୍ୟମାନେ ଯୋଗଦେଇ ବିଶ୍ୱର କଲ୍ୟାଣ ପାଇଁ ଗୋମାତା ସୁରକ୍ଷା ପାଇଁ ପ୍ରାର୍ଥନା କରିଥିଲେ।

ଏହି କାର୍ଯ୍ୟକ୍ରମରେ ଶ୍ରୀମନ୍ଦିର ବରିଷ୍ଠ ସେବାୟତ ରଜତକୁମାର ପ୍ରତିହାରୀ, ଶ୍ରୀରାମ ସୁନ୍ଦରକାଣ୍ଡ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ଓ ସମ୍ପାଦକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ କରାଯାଇଥିଲା।

# ଟିଟିଲାଗଡ଼ରେ ସାହିତ୍ୟ ସଂସ୍କୃତିର ବିଷୁବ ମିଳନ

ବଲାଙ୍ଗୀର,୧୬/୦୪ (ନି.ପ୍ର): ଟିଟିଲାଗଡ଼ର ଅଗ୍ରଣୀ ଅନୁଷ୍ଠାନ 'ସାହିତ୍ୟ ସଂସ୍କୃତି' ପକ୍ଷରୁ ସ୍ଥାନୀୟ ପ୍ରଭାବତୀ ପବ୍ଲିକ୍ ସ୍କୁଲ ପରିସରରେ ଗତକାଲି ସଂଧ୍ୟା ସମୟରେ ବିଷୁବ ମିଳନ ତଥା ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ଛାୟାକାନ୍ତ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଭବାନୀପାଟଣା ସାଂଧ୍ୟ କଲେଜର ପ୍ରାଧ୍ୟାପକ ଡ. ପରମେଶ୍ୱର ମୁଣ୍ଡ ମୁଖ୍ୟବକ୍ତା ଓ ପ୍ରଭାବତୀ ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷା ଡ.ସୁନନ୍ଦା ଜତି ସମ୍ମାନିତ ଅତିଥିବ ଭାବେ ଯୋଗ ଦେଇଥିଲେ । ସଭା ସଂଯୋଜନା କରିଥିଲେ ଉମେଶ ଚନ୍ଦ୍ର ଦାଶ । ସଂପାଦକୀୟ ବିବରଣୀ ପାଠ କରିଥିଲେ ସଂପାଦକ ସତ୍ୟବ୍ରତ ପଣ୍ଡା । ଏହି ଅବସରରେ 'କୋଶଳ ପ୍ରବାହ'ର ସଂପାଦକ ତଥା କବି ଆନଂଦ ଚଂଦ୍ର ସାହୁଙ୍କୁ କୋଶଳଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ କବି ଜ୍ୟୋତି ପ୍ରକାଶ ଗଡ଼ତ୍ୟାଙ୍କୁ ବିଷୁବ ସମ୍ମାନ, ଆଦର୍ଶ ଶିକ୍ଷୟିତ୍ରୀ ସୁଚିସ୍ମିତା ମହାନ୍ତିଙ୍କୁ ଶିକ୍ଷା ସମ୍ମାନ ଓ କବି, କଳାକାର ମଧୁସୂଦନ ମହାନନ୍ଦଙ୍କୁ ଶିଳ୍ପୀ ସମ୍ମାନ ପ୍ରଦାନ କରାଯାଇଥିଲା। ସରସ୍ୱତୀ ଶିଶୁ ମନ୍ଦିରର ସଂଗୀତ ଶିକ୍ଷକ ସୋହନ ମାଝୀ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ବରିଷ୍ଠ ସଭ୍ୟ ଡ. ଯୁଗଳ କିଶୋର ଷଡ଼ଙ୍ଗୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ରାଜୀବ ଲୋଚନ ପାଢ଼ୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସ୍ମରଣିକା ସହ ସେବକ ଚରଣ ଦାଶଙ୍କ ପୁସ୍ତକ ଅଳକାନନ୍ଦା ଓ ସିଲ୍‌ଭର ପେଟାଲ୍‌ସ୍, କବି ଜ୍ୟୋତି ପ୍ରକାଶ ଗଡ଼ତ୍ୟାଙ୍କ କବିତା ସଂକଳନ ଭୁରକୁଟି ଉନ୍ମୋଚିତ ହୋଇଥିଲା । କବି ଦିଲୀପ ପଶାୟତ, ଜଗନ୍ନାଥ ପଣ୍ଡା ଓ ଜ୍ୟୋତିପ୍ରକାଶ ଗଡ଼ତ୍ୟା ଉନ୍ମୋଚିତ ପୁସ୍ତକ ଗୁଡ଼ିକର ସମୀକ୍ଷା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ବନମାଳୀ ଦାଶ । ପ୍ରମୋଦ ପାଲ, ଭିକାରୀ ଚରଣ ମିଶ୍ର, ଟିକେଲାଲ ବେହେରା, ନୀଳମଣି ସାହୁ, ରାଜମଣି ସାହୁ, ନରସିଂହ ସାହୁ, ରାଜୁ ମିଶ୍ର, ଆଇନଜୀବୀ ରାଧାକାନ୍ତ ପାଢ଼ୀ, ଡା. ଘନଶ୍ୟାମ ଜୈନ, କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ସହରର ବହୁ କବି, ଲେଖକ ତଥା ବୁଦ୍ଧିଜୀବୀ ଏହି ସମାରୋହରେ ଯୋଗଦାନ କରିଥିଲେ ।

# ଦେଢ ମାସରେ ଉଡିବ ବିମାନ, ଦେଢ ବର୍ଷରେ ସରିବ ଜିଲ୍ଲା ଚିକିତ୍ସାଳୟର ନୂତନ କୋଠା

ଜୟପୁର ,୧୬/୦୪ (ନି.ପ୍ର): ଜୟପୁର ରେ ପହଂଚି ବିକାଶ ମୂଳକ ପ୍ରକଳ୍ପର ତଦାରଖ କରିଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର । ଏହି ଗସ୍ତରେ ଜୟପୁର ଏୟାରଷ୍ଟ୍ରିପ, ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଐତିହାସିକ ଜଗନ୍ନାଥ ସାଗରର ବିକାଶ ନେଇ ସମିକ୍ଷା କରିଛନ୍ତି। ସଂନ୍ଧ୍ୟା ୫ ୫୦ ମିନିରେ ଜୟପୁର ଏୟାରଷ୍ଟ୍ରିପ ରେ ପହଂଚିଥିଲେ ମୁଖ୍ୟ ଶାସନ ସଚିବ ମହାପାତ୍ର । ପହଂଚିଏୟାଷ୍ଟ୍ରିପ ବୁଲି ଦେଖିଥିଲେ। ଏକ ଦେଢ ମାସ ଭିତରେ ଜୟପୁର ରୁ ବିମାନ ଉଡିବା ନେଇ ସୁଚନା ଦେଇଥିଲେ । ପରେ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ । ଚିକିତ୍ସାଳୟରେ ୩ ଶହ ବେଡର ନୁତନ କୋଠା ନିର୍ମାଣ ଚାଲିଛି । ସବୁ ଠାରୁ ବଡ ହସପିଟାଲ ହେବାକୁ ଯାଉଛି । ଏହା ଦେଢ ବର୍ଷ ଭିତରେ ଏହି ଚିକିତ୍ସାଳୟ କାଯ୍ୟକ୍ଷ ହେବ ବୋଲି ମୁଖ୍ୟ ଶାସନ ସଚିବ ମହାପାତ୍ର ସୁଚନା ଦେଇଥିଲେ । ପରେ ଐତିହାସିକ ଜଗନ୍ନାଥ ସାଗର ବିକାଶ ଓ ପୁନଃ ଉଦ୍ଧାର ନେଇ ସମିକ୍ଷା କରିଥିଲେ । ସାଗରେ ଭିତରେ ସହରର ଅଳିଆ ପାଣି ପସୁଛି । ଏହାର କୁ ବନ୍ଦ କରିବା ସହ ସୌନ୍ଦଯ୍ୟ କରଣ, ବୋଟିଂ କ୍ଲବ, କରିବା ପୁନଃ ଉଦ୍ଧାର କାଯ୍ୟ କାରିଯିବ ବୋଲି ମୁଖ୍ୟ ଶାସନ ସିଚବ କରିଥିଲେ । ସାଗରର ବିକାଶ ନେଇ ବିଧାୟକ ତାରା ପ୍ରସାଦ ବାହିନିପତି, ଜିଲାପାଳ ମହମ୍ମଦ ଅବଦୁଲ ଆକ୍ତର , ପିଡି ହେମକାନ୍ତ ସାହ ଙ୍କ ସହ ମୁଖ୍ୟ ଶାସନ ସଚିବ ଆଲୋଚନା କରିଥିଲେ । ଏକ ଉଚ୍ଚମଂଚ ରେ ମୁଖ୍ୟ ଶାସନ ସଚିବ, ବିଧାୟକ ,ଜିଲାପାଳ ଚଢି ସାଗରକୁ ସମିକ୍ଷା କରିଥିଲେ । ସାଗରର ବିକାଶ ପାଇ ଜୟପୁର ବିଧାୟକ ତାରା ବାହିନିପତି ବାରମ୍ବାର ବିଧାନସଭାରେ ଦାବି କରିବା ପରେ ରାଜ୍ୟ ସରକାର ଗୁରୁତ୍ୱ ସହ ନେଇଥିଲେ । ଓ ମୁଖ୍ୟ ଶାସନ ସଚିବଙ୍କୁ ପଠାଇ ସମିକ୍ଷା କରିଥିବା ଜଣାଯାଇଛି । ଖୁବ ଶିଘ୍ର ଜଗନ୍ନାଥ ସଗରର ବିକାଶ ଓ ପୁନଃ ଉଦ୍ଧର ହେବ ବୋଲି ମୁଖ୍ୟ ଶାସନ ସିଚବ ସୁରେଶ ମହାପାତ୍ର ଗଣମାଧମକୁ ସୁଚନା ଦେଇଛନ୍ତି । ସାଗରର ବିକାଶ ସହରର ବିଭିନ୍ନ ଅନୁଷ୍ଠାନ ତରଫରୁ ଶୋଭାଯାତ୍ରା, ବିକ୍ଷୋଭ, କରି ଦାବୀ କରାଯାଇଥିଲ । ମୁଖ୍ୟ ଶାସନ ସଚିବ ଙ୍କ ଗସ୍ତ ସମୟରେ ଜୟପୁର ଏୟାର ଷ୍ଟ୍ରିପରେ ଜିଲାପାଳ ମହମ୍ମଦ ଅବଦୁଲ ଆକ୍ତର, ଏସପି ବରୁଣ ଗୁଣ୍ଡପାଲ୍ଲୀ, ପିଡି ହେମକାନ୍ତ ସାୟ, ରାସ୍ତା ଓ ଗୃହ ବିଭାଗର ନିବାହ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ଉପ ଜିଲାପାଳ ବେଦ ବର ପ୍ରଧାନ, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ଏସଡିପିଓ ଅରୁପ ଅଭିଷେକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଦିନ ଦ୍ୱିପ୍ରହରେ ଘରେ ପଶି ଲୁଟି ନେଲେ ଲକ୍ଷାଧିକ ଟଙ୍କାର ଅଳଙ୍କାର

କେନ୍ଦୁଝର,୧୬/୦୪ (ନି.ପ୍ର): କେନ୍ଦୁଝର ରେ ଦିନ ଦ୍ୱିପ୍ରହରରେ ଲୁଟେରାମାନେ ଲୁଟି ନେଇଛନ୍ତି ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ସହ ନଗଦ ଟଙ୍କା । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ଜିଲ୍ଲାର ପାଟଣା ଥାନା ଅନ୍ତର୍ଗତ କୁଣ୍ଡଳା ଗ୍ରାମରେ । ଘରେ କେହି ସଦସ୍ୟ ନ ଥିବା ସମୟରେ ଦିନ ଦ୍ୱିପ୍ରହରରେ ଏକ ବାଇକରେ ଦୁଇ ଜଣ ଦୁର୍ବୃତ୍ତ ଆସି ଘରେ ଥିବା ସମସ୍ତ ସୁନା ଗହଣା ସହ ନଗଦ ଅର୍ଥ ମଧ୍ୟ ଲୁଟ କରି ନିରାପଦରେ ଚାଲିଯାଇଛନ୍ତି । ପାଟଣା ଥାନା ଅନ୍ତର୍ଗତ କୁଣ୍ଡଳା ଗ୍ରାମର ଝାଟିଆଳ ସାହୀରେ ରହୁଥିବା ବୁଲୁ ଦାସ ଘରେ ଘରେ କେହି ନଥିବାର ସୁଯୋଗ ନେଇ ଆଜି ତଥା ଶୁକ୍ରବାର ସକାଳ ପ୍ରାୟ ୯ ଟା ସମୟରେ ଲୁଟେରା ଦ୍ୱୟ ଘରେ ପଶି ପୁରା ଘରେ କଳାକନା ବୁଲାଇ ଚାଲି ଯାଇଛନ୍ତି । ସକାଳ ବେଳା ବୁଲୁ ଦାସଙ୍କ ଘର ଲୋକମାନେ ମହୁଲ ସଂଗ୍ରହ କରିବାକୁ ଯାଇଥିବା ର ସୁଯୋଗ ନେଇ ବାଇକରେ ଆସିଥିବା ଦୁଇ ଜଣ ଦୁର୍ବୃତ ତାଙ୍କ ଘରେ ପଶି ,ଘର ଭିତରେ ଥିବା ବାକ୍ସ , ଆଲମିରା ଆଦି ଭାଙ୍ଗି ମଙ୍ଗଳସୁତ୍ର , କାନଫୁଲ , ରୂପା ପାଉଜି ,ସୁନା ମୁଦି ଆଦି ସହ ସଂଚିତ ନଗଦ ୫ ହଜାର ଟଙ୍କା ଲୁଟି ନେଇଥିଲେ । ଏ ସଂପର୍କରେ ପାଟଣା ଥାନାରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ଲୁଟେରାଙ୍କୁ ଧରିବା ଲାଗି ଛାନଭିନ ଆରମ୍ଭ ହୋଇଛି । ପୋଲିସର ନିଷ୍କ୍ରିୟତା ସୁଯୋଗରେ ଜିଲ୍ଲାର ବିଭିନ୍ନ ଅଂଚଳରେ ଏଭଳି ଲୁଟ , ରାହାଜାନୀ , ଛିନତାଇ. ଡକାୟତି ଆଦି ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ମତ ପ୍ରକାଶ ପାଉଛି ।

## ରାଇକିଆ ବଣିକ ସଂଘର ନୂତନ କର୍ମକର୍ତ୍ତା

କନ୍ଧମାଳ ,୧୬/୦୪ (ନି.ପ୍ର): କନ୍ଧମାଳ ଜିଲ୍ଲା ରାଇକିଆ ବଣିକ ସଂଘ ର ବାର୍ଷିକ ଅଧିବେଶନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ସତ୍ୟବାନ ପାତ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ରେ ଆଗାମୀ ଦୁଇ ବର୍ଷ ପାଇଁ ସଂଘ ର ନୂତନ କର୍ମକର୍ତା ଚୟନ କରାଯାଇଥିଲା । ସର୍ବସମ୍ମତି କ୍ରମେ ସଭାପତି ଭାବେ ପଦ୍ମ ଚରଣ ପଣ୍ଡା, ଉପସଭାପତି ଭାବେ ସନ୍ଦୀପ ସାବତ, ପ୍ରତାପ ଜେନା, ସାଧାରଣ ସମ୍ପାଦକ ଭାବେ ଦୁର୍ଯ୍ୟୋଧନ ଲେଙ୍କା , ଯୁଗ୍ମ ସମ୍ପାଦକ ଭାବେ ଶ୍ରୀନିବାସ ଆଚାରୀ, ସହ ସମ୍ପାଦକ ଭାବେ ଦୃତିକୃଷ୍ଣ ପଣ୍ଡା , କୋଷାଧକ୍ଷ ଭାବେ ବାଲ୍ମୀକି ପତି ଙ୍କୁ ମନୋନୀତ କରାଯାଇଥିଲା । ସତ୍ୟବାନ୍ ପାତ୍ର,ତ୍ରିପତି ସୁବୁଦ୍ଧି, ବିଜୟ ପଣ୍ଡା, ପ୍ରଭାକର ପାଢ଼ୀ ଙ୍କୁ ଉପଦେଷ୍ଟା କମିଟି ର ସଦସ୍ୟ ଭାବେ ଚୟନ କରାଯାଇଥିଲା ।

# ସାହିତ୍ୟ ଏକାଡେମୀ ସଦସ୍ୟ ସରୋଜ ମହାନ୍ତିଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୧୬/୦୪ (ନି.ପ୍ର): ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ବରିଷ୍ଠ କବି ତଥା ସାହିତ୍ୟ ସଂଗଠକ ସରୋଜ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ମୌସୁମୀ ସାହିତ୍ୟ ଓ ସଂସ୍କୃତି ପରିଷଦ ର ସାହିତ୍ୟ ଆସର ଓ ପୁସ୍ତକ ଉନ୍ମୋଚନ ତଥା ବାର୍ଷିକ କାର୍ଯ୍ୟକ୍ରମ ଅବସର ରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ର ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ପ୍ରଫେସର ନନ୍ଦ କିଶୋର ପରିଡା ଅଧ୍ୟକ୍ଷତା କରିଥିଲେ । ଶାନ୍ତି ନିକେତନର ପ୍ରଫେସର ଡ଼ଃ ବୈଷ୍ଣବ ଚରଣ ସାମଲ ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର ଶ୍ରୀରାମ ଦାଶ ସମ୍ମାନିତ ଅତିଥି, କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ଼ଃ କୃଷ୍ଣଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଭାବେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ଓଡିଆ ସାହିତ୍ୟର ବିକାଶ ଓ ପ୍ରଚାର ପ୍ରସାର ପାଇଁ ସାଂଗଠନିକ ଆଭିମୁଖ୍ୟ ରଖିଥିବା ଶ୍ରୀ ମହାନ୍ତିଙ୍କୁ ଉତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ମୌସୁମୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇ ଥିଲା । ଡ଼ଃ ଶ୍ରୀଧର ସାମଲଙ୍କ ଗୀତି କବିତା ସଂକଳନ ଆଶାବରୀ ଉନ୍ମୋଚନ କରାଯାଇ ଥିଲା । ମହା ବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ସ୍ୱାଗତ ଭାଷଣ ଓ ଉପାଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା ସୂଚନା ପ୍ରଦାନ କରିଥିଲେ ।

## ଶାନ୍ତି ଅନୁଷ୍ଠାନର ଶୀତଳ ବାମ୍ପ ସେବା

ପୁରୀ,୧୬/୦୪ (ନି.ପ୍ର): ଶ୍ରୀକ୍ଷେତ୍ରକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ଆସୁଛନ୍ତି । ଡ଼ହ ଡ଼ହ ଖରାରେ ପାଦରେ ଚାଲି ଚାଲି ବୁଲୁଛନ୍ତି । ଖରା ଦାଉରୁ ରକ୍ଷା ପାଇବା ପାଇଁ ଶ୍ରୀକ୍ଷେତ୍ରର ଅନନ୍ୟ ଲୋକପ୍ରିୟ ଅନୁଷ୍ଠାନ ଶାନ୍ତି ପକ୍ଷରୁ ଦୀର୍ଘ ୨୧ ବର୍ଷ ଧରି ଟାଉନହଲ ଛକଠାରେ ଶୀତଳ ବାମ୍ପ ପ୍ରଦାନ କରି ପର୍ଯ୍ୟଟକଙ୍କୁ ସେବା ଯୋଗାଇ ଆସୁଛନ୍ତି । ପଣା ସଂକ୍ରାନ୍ତି ଠାରୁ ଶ୍ରୀଗୁଣ୍ଡିଚା ପର୍ଯ୍ୟନ୍ତ ଏହି ସେବା ଅନୁଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ଯୋଗାଇ ଦିଆଯାଉଛି । ଅନୁଷ୍ଠାନର ସଭାନେତ୍ରୀ ସଂଘମିତ୍ରା ଦାଶ ଓ ସଂପାଦକ ପଦ୍ମନାଭ ତ୍ରିପାଠୀଙ୍କ ତତ୍ୱାବଧାନାରେ ଏହି ଅନୁଷ୍ଠାନ ଦୀର୍ଘ ବର୍ଷ ଧରି ସେବା ଯୋଗାଉଛି । ପ୍ରାୟ ତିନି ମାସ ଧରି ପଥଚାରୀ, ସହରବାସୀ, ପର୍ଯ୍ୟଟକ, ତୀର୍ଥଯାତ୍ରୀ, ଆଇନଜୀବୀ, ସାମ୍ବାଦିକ, ସମାଜସେବୀମାନଙ୍କୁ ଏହି ସେବା ଯୋଗାଇ ଦେଇ ବେଶ୍ ପ୍ରଶଂସିତ ହୋଇଛି । ପଥଚାରୀଙ୍କୁ ପ୍ରଥମେ ଛାମୁଡ଼ିଆ ତଳେ ଚେୟାରରେ ବସାଇ ଦିଆଯାଉଛି । ପରେ ଗୁଗୁଳ ମିଶ୍ରିତ ପାଣି ମୁହଁ ଓ ବେକରେ ସ୍ପ୍ରେ କରାଯାଉଛି । କର୍ପୁର, ଗୁଗୁଳ ମିଶ୍ରିତ ବରଫ ବାକ୍ସ ଭିତରେ ଧଳା ଛୋଟ ଟାୱେଲ ଆଣି ମୁହଁରେ ଲଗାଇ ମୁଣ୍ଡରେ ଥୋଇବା ପରେ ଏକ ଅହେତୁକ ଶାନ୍ତି ପାଉଛନ୍ତି ପଥଚାରୀ । ଏଥିସହ ନବରତ୍ନ ପାଉଡ଼ର ଓ ସୁବାସିତ ଅତର ଲଗାଇ ଦିଆଯାଉଛି ।

ଏ ସମ୍ପର୍କରେ ସମ୍ପାଦକ ପଦ୍ମନାଭ ତ୍ରିପାଠୀ କୁହନ୍ତି, ଶ୍ରୀକ୍ଷେତ୍ରରେ ସେବା କରିବା ଭାଗ୍ୟରେ ଥିଲେ ପ୍ରାପ୍ତ ହୋଇଥାଏ । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପାରୁ ଏହି ଅନୁଷ୍ଠାନ ଦୀର୍ଘ ବର୍ଷ ଧରି ସେବା ଯୋଗାଇ ଆସୁଛି ।

# କୋରାପୁଟ ଷ୍ଟେସନରେ ଘଂଟା ଘଂଟା ରେଳ ରହଣୀ ବନ୍ଦ କରିବାକୁ ଦାବି

ଜୟପୁର,୧୬/୦୪ (ନି.ପ୍ର): କୋରାପୁଟ ରେଳ ଷ୍ଟେସନରେ ଘଂଟା ଘଂଟା ରେଳ ରହଣିକୁ ବିରୋଧ କରି ଆଜି ଏକ ଦାବି ପତ୍ର ବିଶାଖାପାଟଣା ଡି ଆର ଏମଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜୟପୁର ଜନ କଲ୍ୟାଣ ମଂଚ ପକ୍ଷରୁ ଆବାହକ ରାଜେନ୍ଦ୍ର କୁମାର ଗୌଡ ଏବଂ ୍ରାଲା ରାୟ ଏହି ପତ୍ରକୁ ଷ୍ଟେସନ ମାଷ୍ଟେର ଦାୟିତ୍ୱରେ ରହିଥିବା ଗୋକୁଳାନନ୍ଦ ସାହୁଙ୍କୁ ପ୍ରଦାନ କରିଛନ୍ତି । ପତ୍ରରେ କୁହାଯାଇଛି ଯେ, କରୋନା ପରବର୍ତ୍ତୀ ସମୟରେ ଯେତେବେଳେ ବନ୍ଦ ଟ୍ରେନ ଗୁଡିକ ପୁଣି ଚାଲିବା ଆରମ୍ଭ କଲା ସେହି ସମୟରୁ କୋରାପୁଟ ଷ୍ଟେସନରେ ବିନା କାରଣରେ ଯାତ୍ରୀବାହି ଟ୍ରେନ ଗୁଡିକୁ ଠିଆ କରି ରଖାଯାଉଛି । ବିଶେଷକରି ହୀରାଖଣ୍ଡ, ସମଲେଶ୍ୱରୀ ଏବଂ ରାଉରକେଲା ଜଗଡଲପୁର ଟ୍ରେନ ଜୟପୁର ଅଭିମୁଖେ ବାହାରିବା ବେଳେ କୋରାପୁଟ ଷ୍ଟେସନରେ ଦେଢ଼ ଘଂଟା ଅଟକ ରଖାଯାଇଛି । ଇଞ୍ଜିନ ପରିବର୍ତ୍ତନ ଆଳରେ ଟ୍ରେନ ଗୁଡିକୁ ୨୦ମି ବଦଳରେ ଦେଢ଼ ଘଂଟା ଠିଆ କରାଯାଉଛି । ଫଳରେ ରାତ୍ର ସାରା ଟ୍ରେନରେ ବସିଥିବା ଯାତ୍ରୀମାନେ ନାନା ସମସ୍ୟାର ସମ୍ମୁଖିନ ହୋଇଥାନ୍ତି । ଏହି ତିକ୍ତ ଅନୁଭୂତିକୁ ନେଇ ଏବେ ଯାତ୍ରୀ ମାନେ ନିଜ ନିଜ ଅଂଚଳରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଆଜି ମଂଚ ଦାବୀ କରିବା ସହ ଆନ୍ଦୋଳନର ଧମକ ଦେଇଛି । ତା ସହ ମଂଚ ପକ୍ଷରୁ ଜୟପୁର ରେଳ ଷ୍ଟେସନରେ ଇଲେକ୍ଟ୍ରୋନିକ୍ ବର୍ଥ ଇଣ୍ଡେକ୍ସ ବୋର୍ଡ ଲଗାଇବା ଏବଂ ବନ୍ଦ ରହିଥିବା ବିଶାଖାପାଟଣା କୋରାପୁଟ ଇଂଟରସିଟି ଟ୍ରେନକୁ ଜୟପୁର ଯାଏଁ ସମ୍ପ୍ରସାରଣ କରି ଚଳାଇବାକୁ ଦାବୀ ରଖାଯାଉଛି । ଏହି ପତ୍ର ପ୍ରଦାନ ବେଳେ ଚନ୍ଦ୍ରକାନ୍ତ ସୁତାର, ରୁଦ୍ର ପ୍ରସାଦ ସାହୁ, ଏ ପ୍ରବୀଣ କୁମାର, କୈଳାଶ ପୂଜାରୀ, ଜଗନାଥ ବାଘ ପ୍ରମୁଖ ଉପସ୍ଥିତ ଥିଲେ ।

# କଥାଦେଇ କଥା ରଖିଲେ ଜିଲ୍ଲା ପରିଷଦ ସଦସ୍ୟା

କନ୍ଧମାଳ ,୧୬/୦୪ (ନି.ପ୍ର): ଖଜୁରୀପଡା ବ୍ଲକ ୪ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲ ୨୦୨୨ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବିଜେପି ତରଫରୁ ଜିଲ୍ଲା ପରିଷଦ ପ୍ରାର୍ଥୀନୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ବିପୁଳ ଜନସମର୍ଥନ ହାସଲ କରି ବିଜୟ ହୋଇଛନ୍ତି ।ହେଲେ ବିଜୟୀ ହେବାପରେ କିନ୍ତୁ ଭୂଲି ନାହାନ୍ତି ନିଜେ ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ।ସେଭଳି ଗୋଟିଏ ଉଦାହରଣ ଗତକାଲି ଦେଖିବାକୁ ମିଳିଛି। ନିର୍ବାଚନ ସମୟରେ ଦଳପଡା ଗ୍ରାମପଂଚାୟତ ନଗଲେଜୁ ଗ୍ରାମର ଦଳିତ ବସ୍ତିରେ ଜିଲ୍ଲା ପରିଷଦ ପ୍ରାର୍ଥୀନୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିବା ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଦିଗାଲ ଏବଂ ତାଙ୍କ ସ୍ୱାମୀ ଅନନ୍ତ କୁମାର ଦିଗାଲ ସମାଜସେବୀ ତଥା କନ୍ଧମାଳ ବିଜେପି ଅନୁସୁଚିତ ଜାତି ମର୍ଚ୍ଚୋ ସଭାପତି। ଉଭୟେ ନିର୍ବାଚନ ସମୟରେ ନଗଲେଜୁ ଗ୍ରାମର ଦଳିତ ବସ୍ତିରେ ନିର୍ବାଚନ ବୈଠକ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ ଗୋଟିଏ ଅବହେଳିତ ରାସ୍ତା ପାଇଁ ନଗଲେଜୁ ଗ୍ରାମର ବୟସ୍କ ବ୍ୟକ୍ତି ଛୋଟପିଲା କିମ୍ବା ଯାନବାହାନ ଯିବାଆସିବା ରେ ବହୁତ ସମସ୍ୟା ହେଉଥିଲା ।ଏଭଳି ସମସ୍ୟା ବହୁବର୍ଷ ପୂର୍ବରୁ ରହିଥିଲା। କିନ୍ତୁ ବିଭିନ୍ନ ନିର୍ବାଚନ ବେଳେ ବହୁ ରାଜନୈତିକ ବ୍ୟକ୍ତି ମାନେ ସବୁବେଳେପ୍ରତିଶୃତି ଦେଇଦେଇ ଯାଉଥିଲେ। କିନ୍ତୁ ସମସ୍ୟା ସମାଧାନ ପାଇଁ କେହି ଇଛା କରିନଥିଲେ। ଚଳିତବର୍ଷ କିନ୍ତୁ ନିର୍ବାଚନ ସମୟରେ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଦିଗାଲ ଏବଂ ସମାଜସେବୀ ଅନନ୍ତ କୁମାର ଦିଗାଲ ନଗଲେଜୁ ଗ୍ରାମର ଦଳିତ ବସ୍ତିରେ ନିର୍ବାଚନ ପ୍ରତିଶ୍ରୁତି ରେ ଗୋଟିଏ କଥା କହିଥିଲେ ଯେ ଉର୍ବଶୀ ଦିଗାଲ ନିର୍ବାଚନ ବିଜୟ କିମ୍ବା ପରାଜୟ ଯାହା ହେଲେ ମଧ୍ୟ ନଗଲେଜୁ ଗ୍ରାମର ସେହି ରାସ୍ତା ସମସ୍ୟା ନିଶ୍ଚିତ ଦୂର କରିବେ। ବର୍ତ୍ତମାନ ସରକାରୀ ଭାବେ କୌଣସି ପ୍ରକଳ୍ପ ଆରମ୍ଭ ହୋଇ ନାହିଁ ସତ କିନ୍ତୁ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଦିଗାଲ ନିଜେ ଦେଇଥିବା ନିର୍ବାଚନୀ ପ୍ରତିଶୃତି କୁ ପାଳନ କରି ନିଜ ଖର୍ଚ୍ଚ ରେ ରାସ୍ତା ନିର୍ମାଣ କରିଛନ୍ତି। ସେଥିରେ ଗ୍ରାମବାସୀଙ୍କ ଶ୍ରମଦାନ ମଧ୍ୟ ଭରପୁର ରହିଥିବା ବେଳେ ବହୁ ବର୍ଷ ର ସମସ୍ୟା ସମାଧାନ ହୋଇଛି। ଗ୍ରାମବାସୀ ମଧ୍ୟ ରାସ୍ତା ନିର୍ମାଣ ପରେ ଖୁସି ଅନୁଭବ କରିବା ସହ ଗତକାଲି ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଦିଗାଲ ଏବଂ ସମାଜସେବୀ ଅନନ୍ତ କୁମାର ଦିଗାଲଙ୍କୁ ଗ୍ରାମକୁ ନିମନ୍ତ୍ରଣ କରି ରାସ୍ତା ଉଦଘାଟନ କରିଥିଲେ। ନିଜେ ବ୍ୟକ୍ତିଗତ ଭାବେ ନିର୍ମାଣ କରିଥିବା ରାସ୍ତାକୁ ନିଜେ ଶ୍ରୀମତୀ ଦିଗାଲ ଉଦଘାଟନ କରିଥିବା ବେଳେ ନଗଲେଜୁ ଗ୍ରାମର ଦଳିତ ବସ୍ତିର ସମସ୍ତ ଜନସାଧାରଣ ଉପସ୍ଥିତ ରହି ଶ୍ରୀମତୀ ଉର୍ବଶୀ ଦିଗାଲଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଏସଟିଫ ପଞ୍ଝାରେ ଦୁଇ ଗଞ୍ଜେଇ ବେପାରୀ

ଖୋର୍ଦ୍ଧା,୧୬/୦୪ (ନି.ପ୍ର): ଗଞ୍ଜେଇ ଚାଲାଣ କରୁଥିବା ସମୟରେ ଏସଟିଫ ଦୁଇ ଜଣଙ୍କୁ ଗିରଫ କରିଛି ।ଗିରଫ ଦ୍ୱୟହେଲେ ଗଜପତି ଜିଲା ଆର ଉଦୟଗିରି ଅଞ୍ଚଳ ଟିକାମାଲର ସୁଧୀର ଲିମା ଓ ପୁରୀ ଜିଲା ପିପିଲି ଥାନା ବଡ଼ ବସ୍ତିର ଏସକେ ଆକାଶ ।ଏମାନଙ୍କ ଠାରୁ ଏସଟିଫ ୫୨କେଜି ଗଞ୍ଜେଇ ଜବତ କରିଛି ।ସୂଚନା ମୁତାବକ ସୁଧୀର ଓ ଆକାଶ ଦୁଇ ଜଣ ଗଜପତିରୁ ଗଞ୍ଜେଇ ନେଇ ଭୁବନେଶ୍ୱର ଚାଲାଣ କରୁଥିବା ସମୟରେ ଏସଟିଫ ଏକ ବିଶେଷ ସୂତ୍ରରୁ ଖବର ପାଇଥିଲେ ।ତେବେ ଖୋର୍ଦ୍ଧା ପୋଲିସ ଓ ଏସଟିଫର ମିଳିତ ଭାବେ ଜଟଣୀ ଓଭରବ୍ରିଜ ନିକଟରେ ଉଭୟଙ୍କୁ ଗିରଫ କରିଥିଲେ।

# ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

ଭୁବନ,୧୬/୦୪ (ନି.ପ୍ର): ଆସନ୍ତା ଅପ୍ରେଲ ୧୭ ତାରିଖ ରବିବାର ମହାନ ଜନନାୟକ,ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବରେ ବିଜୁଜନତା ଦଳ ତରଫରୁ 'ଜୀବନ ବିନ୍ଦୁ' ରକ୍ତଦାନ ଶିବିର ଆୟୋଜନ କରାଯାଇଛି । ଏଥି ନିମନ୍ତେ ଆଜିସଂଧ୍ୟାରେ ବିଷ୍ଣୁପ୍ରିୟା ଗାଲାକ୍ସି ପରିସରରେ ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ରସାହୁଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ନଗରପାଳ ଶୁଭେନ୍ଦୁ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ ପ୍ରମୁଖ ଉପସ୍ଥିତ ରହି ସକାଳ ୬.୩୦ରେ ବୁଢ଼େଶ୍ୱର ମନ୍ଦିର ନିକଟରେ ତିଳତର୍ପଣ ,୭.୩୦ ରେ ପ୍ରଭାତଫେରି ଓ ସାମୁହିକ ସଫେଇ ଅଭିଯାନ, ୮.୩୦ ରେବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ସ୍ମୃତିସଭା ଅନୁଷ୍ଠିତହେବା ପରେ ଦିବା ୧୦ ଘଟିକାସମୟରେ ବାଜିରାଉତ କଲ୍ୟାଣମଣ୍ଡପ ଠାରେ'ଜୀବନ ବିନ୍ଦୁ' ରକ୍ତଦାନ ଶିବିରଏବଂ ସଂଧ୍ୟାରେ ନୂଆଭୁବନ ଶିବ ମନ୍ଦିରରେ ଦୀପଦାନ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ । ଏଥିରେ ବହୁସଂଖ୍ୟାରେ ଉତ୍ସାହୀ ଯୁବକ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ନିବେଦନ କରିଥିଲେ।

# ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

କେନ୍ଦ୍ରାପଡ଼ା,୧୬/୦୪ (ନି.ପ୍ର): ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କରିଲୋପାଟଣା ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଆଠଦିନ ଧରି ଚାଲିଥିବା ଏହି ଶିବିରଟି ଅଧକ୍ଷ ଦତକୃଷ୍ଣ ଜେନାଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଶିବିରରେ କରିଲୋପାଟଣା କଲେଜର ଇତିହାସ ବିଭାଗର ଅଧାପକ ବଂଶୀଧର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ କିପରି ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ସୁଫଳ ପାଇପାରିବେ ଓ ନିଜର ଆତ୍ମରକ୍ଷା କରିପାରିବେ ବୋଲି କହିଥିଲେ । ଓଡିଆ ବିଭାଗର ଅଧାପିକା ତଥା ଶିବିରର ସଂଯୋଜିକା ମୋନାଲିସା ନାୟକ ଶିବିରର ସଂଯୋଜନା କରିଥିବା ବେଳେ ଇଂରାଜୀ ବିଭାଗର ପ୍ରାଧ୍ୟାପକ ପ୍ରଫୁଲ୍ଲ ମହାନ୍ତି ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଦୀର୍ଘ ଆଠଦିନ ଧରି ଏହି ଶିବିରରେ ୯୩ଜଣ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଥିଲା ।


# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୭ ଅପ୍ରେଲ, ୨୦୨୨
email : rabibarachayan2015@gmail.com




## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୭୦

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ବ୍ରାହ୍ମଣମାନଙ୍କ ମଧରେ ହଳଧରା ପ୍ରଥା ପ୍ରଚଳିତ ନଥିବାରୁ ଗରିବ ବ୍ରାହ୍ମଣମାନଙ୍କୁ ସୁଦ୍ଧା ହଳିଆ ରଖିବାକୁ ହେଉଅଛି ଓ ଏହି ହଳିଆ ଚାଷର ଆୟରୁ ଅଧିକାଂଶ ଖାଇଦେଉଥିବାରୁ ଚାଷ ଲାଭଜନକ ହେଉନାହିଁ । ନିଜ ହାତରେ ଚାଷକଲେ ହଳିଆ ଖର୍ଚ୍ଚ ବଞ୍ଚିଯିବ । ସୁତରାଂ ଗରିବ ବ୍ରାହ୍ମଣଙ୍କୁ କଷ୍ଟ ଭୋଗିବାକୁ ହେବନାହିଁ । ସହରରେ ବ୍ରାହ୍ମଣଙ୍କ ଅବସ୍ଥା ସାଧାରଣତଃ ସ୍ୱଚ୍ଛଳ । ଅନେକଙ୍କ ଜମିବାଡ଼ି ମଫସଲରେ ଅଛି । ମଫସଲର ଗରିବ ବ୍ରାହ୍ମଣଙ୍କ ଉପକାରାର୍ଥେ ଦୟାପରବଶ ହୋଇ ଏହି ସ୍ୱଚ୍ଛଳାବସ୍ଥା ବାବୁମାନେ ନିଜ ହାତରେ ହଳ ଧରିଥିଲେ, କିନ୍ତୁ ଯେଉଁମାନଙ୍କ ସକାଶେ ସେମାନେ ଏହା କରିଥିଲେ, ସେମାନେ ସୁଦ୍ଧା ଏହା ଗ୍ରହଣ କଲେନାହିଁ । ସେମାନେ କହିଲେ, ଏହି ସହରିଆ ବାବୁମାନେ ତ କେବେ ହଳ ଧରିବେ ନାହିଁ । ସେମାନଙ୍କୁ ତ ଏମାନେ ପୂଝାରୀ, ଚପରାସୀ, ଖମାରୀ କରି ରଖିଲେ । ବର୍ତ୍ତମାନ ହଳିଆ କରିବା ଫିକରରେ ଏହା କରିଛନ୍ତି । ଏମାନଙ୍କୁ ବାରଣ କରିବା ପ୍ରସ୍ତାବକୁ ପ୍ରଥମରେ ଏମାନେ ସମର୍ଥନ କଲେ ଓ ସଭାପତିଙ୍କ ଆଦେଶରେ ଏମାନେ ବାରଣ ହୋଇ ରହିଲେ ।

ଏହା ୧୯୨୫ ସାଲର କଥା । ଏହି ସମୟରେ ମୁଁ ତ ସମ୍ବଲପୁରରେ ନଥିଲି । ଚାକିରିରେ ଇତସ୍ତତଃ ବୁଲୁଥିଲି । ଛୁଟିନେଇ କେବେ ଆସିଲେ ଅଳ୍ପଦିନ ରହି ଚାଲିଯାଉଥିଲି । ଏହି ଜାତିର ଗୁରୁତର ସାମାଜିକ କଥା ମୋତେ ଜଣା ନଥିଲା । ସଭାପତିଙ୍କ ମତରେ ପ୍ରୋକ୍ତ ବ୍ରାହ୍ମଣମାନଙ୍କ ମଧ୍ୟରୁ କେତେକ ମୁଁ ମୋର ପିତୃଶ୍ରାଦ୍ଧକୁ ନିମନ୍ତ୍ରଣ କରିଥିଲି । ଏମାନେ ମୋର ବନ୍ଧୁ; ଏମାନଙ୍କୁ ଡାକିବା ସକାଶେ ଝାଡୁଆ ବ୍ରାହ୍ମଣ ସମାଜର ପ୍ରଥାନୁଯାୟୀ ବ୍ରହ୍ମପୁରା ମନ୍ଦିରର ପୂଜାରୀଙ୍କୁ ଏମାନଙ୍କ ତାଲିକା ଦେଇଥିଲି । କିନ୍ତୁ ମୁଁ ମନେକରି ଦେଖିଲି, ଏମାନଙ୍କ ମଧ୍ୟରୁ କେହି ଆମ୍ଭଘରକୁ ଖାଇବାକୁ ଆସିନଥିଲେ । ସଭାପତି ମହାଶୟଙ୍କୁ ମୁଁ କହିଲି, 'ଏମାନେ ହଳ ଧରି ବାରଣ ହୋଇଥିବା ମୁଁ ଜାଣିନଥିଲି । ଜାଣିଥିଲେ ହୁଏତ ଡାକି ନଥାନ୍ତି । କିନ୍ତୁ ଯେତେବେଳେ ମୁଁ ପୂଜାରୀଙ୍କୁ ଏମାନଙ୍କ ତାଲିକା ଦେଲି ସେତେବେଳେ ବାରଣ ହୋଇଥିବା ବ୍ରାହ୍ମଣମାନଙ୍କ ନାମ ତାଲିକାରୁ ଉଠାଇଦେବା ସକାଶେ ମୋତେ କହିବା ତାଙ୍କ ଉଚିତ ଥିଲା । ସୁତରାଂ ତାଙ୍କ ପ୍ରତି ପ୍ରଥମରେ ଦଣ୍ଡବିଧାନ ଉଚିତ ହେବ ।' ସେତେବେଳେ ହରିଶଙ୍କର ପୂଜାରୀ ଛିଡ଼ାହୋଇ ପଡ଼ିଲେ ଓ କହିଲେ, ସେମାନଙ୍କ ନାମ ତାଲିକାରେ ଥିଲେ ସୁଦ୍ଧା ସେ ସେମାନଙ୍କୁ ଡାକିନଥିଲା । ମୁଁ ହସିଲି ଓ କହିଲି ଯେ, ସଭାପତି ମହାଶୟଙ୍କ ବିଚାର-କୁଆ ତାଙ୍କ କାନ ନେଇଥିବା ଶୁଣି, ପ୍ରକୃତରେ ତାଙ୍କ କାନ ଅଛି ନା କୁଆ ନେଇ ଯାଇଛି- ଜାଣିବା ସକାଶେ କାନ ଉପରେ ହାତ ନ ପକାଇ କୁଆକୁ ମାରିବା ପାଇଁ ବନ୍ଧୁକ ହସ୍ତରେ ଗୋଡ଼ାଇଥିବା ରାଜାଙ୍କ ବିଚାର ତୁଲ୍ୟ । ସଭାପତି ମହାଶୟ ଅପ୍ରତିଭ ହେଲେ ।

ଏହା ଉତ୍ତାରେ ଏହି ହଳଧରା ବିଷୟରେ ଅନୁସନ୍ଧାନ କରିବାକୁ ଲାଗିଲି । ଏମାନଙ୍କ ଉଦ୍ଦେଶ୍ୟ ମହତ୍ ଥିଲେ ହେଁ କେହି ଏମାନଙ୍କ କାର୍ଯ୍ୟକୁ ସମର୍ଥନ କଲେନାହିଁ । ପ୍ରାୟଶ୍ଚିତ କରି ସମାଜଭୁକ୍ତ ହେବା ସକାଶେ ଏମାନଙ୍କୁ କୁହାହୋଇଥିଲା; କିନ୍ତୁ ଏମାନେ ପ୍ରାୟଶ୍ଚିତ କରିବାକୁ ନାରାଜ ହୋଇଥିଲେ । ସେହିଦିନଠାରୁ କେତେକ ବର୍ଷ ମଧରେ ସମାଜରେ ବିବାଦ ବିସମ୍ବାଦ ଚାଲିଆସିଅଛି । ହେଲେ ମଧ ଏମାନଙ୍କ କୌଣସି କାର୍ଯ୍ୟରେ ବାଧା ନାହିଁ । କୌଣସି କାର୍ଯ୍ୟରେ ଆନ୍ତରିକତା ନଥିଲେ ତାହା ସଫଳ ହୁଏନାହିଁ । ବାରଣଦ୍ୱାରା ଯେଉଁ ଅସୁବିଧା ସୃଷ୍ଟି ହୁଏ ତାହା ହେଉନାହିଁ । ଏମାନଙ୍କ ପରିବାର ମଧରେ ବ୍ରତ, ବିବାହ ଆଦି ଯାବତୀୟ ସାମାଜିକ କାର୍ଯ୍ୟସମୂହ ଅବାଧରେ ଚାଲିଅଛି ଓ ପରସ୍ପର ସହିତ ଯୋଗାଯୋଗ ହେଉଅଛି । ଯେଉଁମାନେ ବାରଣର ପକ୍ଷପାତୀ କେବଳ ସେମାନେ ଏଥିରେ ଯୋଗଦାନ ଦେଉନାହାଁନ୍ତି । ଏଥିଯୋଗୁଁ ବିବାଦଟା କେବଳ ସାମାଜିକ ସୀମା ମଧରେ ଆବଦ୍ଧ ରହୁଥିଲେ ସେତେ କ୍ଷତିକର ବିବେଚିତ ହୁଅନ୍ତା ନାହିଁ । ମନୋମାଳିନ୍ୟ ଯୋଗୁଁ ବିବାଦ ଅନ୍ୟଆଡ଼କୁ କ୍ରମେ ବିସ୍ତୃତ ହେଉଅଛି । ମତଭେଦ ଯୋଗୁଁ ମନୋଭେଦ ସୃଷ୍ଟି ହେଉଅଛି । ମନୁଷ୍ୟର ମନ କୌଣସି କାରଣରୁ କଳୁଷିତ ହେଲେ ତହିଁର ପ୍ରଭାବ ବହୁମୁଖୀ ହୋଇବସେ । ଏହି ସାମାନ୍ୟ ଦୋଷ ଯୋଗୁଁ ଏତେଦିନ ଯାଏ ଏମାନଙ୍କୁ ବାରଣ କରି ରଖିବାର କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ । ଏହି ବାବୁମାନେ ନିଜ ଉପକାରାର୍ଥେ ହଳ ଧରିନଥିଲେ, ଯାହା କରିଥିଲେ ଗରିବଙ୍କ ସକାଶେ । ଯଦି ସେମାନେ ଏହା ସମର୍ଥନ କଲେନାହିଁ, ତାହାହେଲେ ଏମାନେ ଚିରକାଳ ବାରଣହୋଇ ରହିବା କାରଣ ନଥିଲା । ଶାସ୍ତ୍ରାନୁମୋଦିତ ପ୍ରାୟଶ୍ଚିତଦ୍ୱାରା ଏମାନଙ୍କୁ ସମାଜଭୁକ୍ତ କରି ଏହି ବିବାଦ ବନ୍ଦ କରିବା ଉଚିତ ବୋଲି ମୁଁ ସଭାରେ କହିଥିଲି । ସଭାପତି ମହାଶୟ କହିଲେ ଯେ ଥରେ ପ୍ରାୟଶ୍ଚିତ କରିବା ସକାଶେ ଅସ୍ୱୀକାର କରିଥିବା ସ୍ଥଳେ ଏମାନଙ୍କୁ ଆଉ ସମାଜକୁ ନିଆଯିବନାହିଁ । ଚିରକାଳ ଏମାନେ ବାରଣ ହୋଇ ରହିଥାନ୍ତୁ । ମୁଁ କହିଲି, ଏହା ଗୋହତ୍ୟା ବା ସୁରାପାନ ତୁଲ୍ୟ ଦୋଷାବହ ନୁହେଁ । ସଭାସ୍ଥଳରେ ଏକ କୋଣରେ ଜଣେ ସୁରାପାୟୀ ବ୍ରାହ୍ମଣ ବସି ବାଚାଳତା ପ୍ରକାଶ କରୁଥିଲେ । ତାଙ୍କ ପ୍ରତି କାହାରି ଦୃଷ୍ଟିନାହିଁ । ପୁଣି କହିଲି, ନିଶ୍ଚୟ ଏମାନଙ୍କୁ ସମାଜଭୁକ୍ତ କରି ସମାଜରେ ଚାଲିଥିବା ବିବାଦ ବନ୍ଦ କରିବାକୁ ହେବ । ଆଉ ସଭାପତି ମହାଶୟ ଯଦି ସମାଜରେ ବିବାଦ ବନ୍ଦ ନକରି ତାହା ଚିରସ୍ଥାୟୀ କରି ରଖିବା ତାଙ୍କ କର୍ତ୍ତବ୍ୟ ବୋଲି ମନେକରନ୍ତି ତାହାହେଲେ ଏହି ଗୁରୁତ୍ୱ ଓ ଦାୟିତ୍ୱପୂର୍ଣ୍ଣ ପଦ ଅବିଳମ୍ବରେ ତ୍ୟାଗ କରିବା ଉଚିତ । ଏମାନଙ୍କୁ ସମାଜଭୁକ୍ତ କରିବାକୁ ମୁଁ ଚେଷ୍ଟା କରିବି, କହି ଚାଲିଗଲି ।

ତତ୍ପରେ ଏହି ବନ୍ଧୁମାନଙ୍କ ସହିତ ପରାମର୍ଶ କଲି । ଦେଖିଲି, କେହି ପ୍ରାୟଶ୍ଚିତ କରିବାକୁ ଅନିଚ୍ଛା ପ୍ରକାଶ କଲେନାହିଁ । ପ୍ରାୟଶ୍ଚିତ କଣ ? କର୍ପୂର ତ ଉଡ଼ିଯାଇଛି, କେବଳ ବନ୍ଧା ହୋଇଥିବା କନାଖଣ୍ଡିକ ଗନ୍ଧହୀନ ହୋଇ ପଡ଼ିରହିଛି । ପ୍ରାୟଶ୍ଚିତ ବୋଲି ଯାହା ସଭାପକ୍ଷରୁ କୁହାହେଲା ତାହା ଥରକେତେ ଗାୟତ୍ରୀ ମନ୍ତ୍ରର ଆବୃତ୍ତିମାତ୍ର । ପୁଣି ନିଜେ ଆବୃତ୍ତି ନକରି ମୂଲ୍ୟ ଦେଇ କୌଣସି ବ୍ରାହ୍ମଣଦ୍ୱାରା ଉଚ୍ଚାରିତ ପାଠ କ୍ରୟ କରିବାକୁ ହେବ । ଏହି ତ ସମାଜପତିଙ୍କ ବ୍ୟବସ୍ଥା; ପାପମୋଚନର ପ୍ରକୃଷ୍ଟ ପନ୍ଥା । ଆପତ୍ତିର କାରଣ ନାହିଁ । ପାଞ୍ଚଛଅ ଦିନ ମଧରେ ଏ ସମସ୍ତ ହଳଧର ବ୍ରାହ୍ମଣମାନେ ଏହିପ୍ରକାରେ ପ୍ରାୟଶ୍ଚିତ କରି ଦୋଷମୁକ୍ତ ହେଲେ । ତଥାପି ସଭାପତି ଏହା ମାନିବେ ନାହିଁ ବୋଲି କହିଲେ । ସମାଜ ଦୁଇଦଳରେ ବିଭକ୍ତ ହୋଇଗଲା । ହଳଧରାଙ୍କ ପକ୍ଷରେ ଗୋଟିଏ ଦଳ ରହିଲେ । ଏହି ଦଳରେ ଆଉ ଅନେକ ଆସି ମିଶିଲେ । କେବଳ ପାଞ୍ଚ ଛଅଟି ପରିବାର ସଭାପତିଙ୍କ ସହିତ ରହିଲେ । ସଂଖ୍ୟାଧିକ ଦଳ ସଭାପତି ଶ୍ରୀ ରାମକୃଷ୍ଣ ବେହେରାଙ୍କୁ ପଦଚ୍ୟୁତ କଲେ ଓ ଗୋଟିଏ ସଭାରେ ଡାକ୍ତର ରାମଚନ୍ଦ୍ର ମିଶ୍ର ସଭାପତି ପଦରେ ପ୍ରତିଷ୍ଠିତ ହେଲେ । ଗୋଟିଏ ସଭାରେ ନିର୍ଦ୍ଧାରିତ ହେଲା ଯେ, ଏକଦଳଭୁକ୍ତ କେହି ଅପର ଦଳ ସହିତ ସାମାଜିକ ସମ୍ପର୍କ ରଖିବେ ନାହିଁ; ରଖିଲେ ଦଣ୍ଡିତ ହେବେ ।

କେତେଦିନ ପର୍ଯ୍ୟନ୍ତ ପ୍ରତିମାସରେ ସଭା ବସିଲା ଓ ପ୍ରତ୍ୟେକ ସଭାରେ ମୋତେ ଶ୍ରେଷ୍ଠାଂଶ ଗ୍ରହଣ କରିବା ସୁଯୋଗ ହେଉଥିଲା । ସାମାଜିକ ବିଷୟମାନ ଆଲୋଚିତ ହେବାକୁ ଲାଗିଲା । ପ୍ରତ୍ୟେକ ସଭାରେ ଆଲୋଚିତ ବିଷୟ ଧ୍ୱଂସାତ୍ମକ । କୌଣସି ବିଷୟ ରଚନାତ୍ମକ ବା ଗଠନାତ୍ମକ ନଥାଏ । କିଏ କେଉଁ ଦୋଷକଲା ଏବଂ ତାହାପ୍ରତି କି ଦଣ୍ଡବିଧାନ ହେବ ଏହାହିଁ ପ୍ରତ୍ୟେକ ସଭାର ଆଲୋଚ୍ୟ ବିଷୟ । ସମାଜର ଗୋଟିଏ ପାଣ୍ଠିଥିଲା । ତାହା ସଭାପତିଙ୍କ ହସ୍ତରେ । ବ୍ରହ୍ମପୁରା ମନ୍ଦିରରେ ଗୋଟିଏ ଲୁହା ସିନ୍ଦୁକରେ ଚାବିଦେଇ ସଭାପତି ତାହା ରଖିଥିଲେ । ମାଗିବାରୁ ଦେଲେନାହିଁ । ପରେ ତାଙ୍କ ନାମରେ ଅଦାଲତରେ ନାଲିସ୍ ହୋଇଥିଲା ଓ ଅଦାଲତଙ୍କ ହୁକୁମ ଅନୁସାରେ ଗଚ୍ଛିତ ଟଙ୍କା ଦେବାକୁ ସେ ବାଧ ହୋଇଥିଲେ । (କ୍ରମଶଃ)

---

## ପର୍ଦ୍ଦା ପଛର କଥା

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।



ଭାଗ- ୪୪

### ॥ ୨୦୧୧ର ରେକର୍ଡ (୨) ॥

'ଲୋଫର' ରିଲିଜ୍‌ର ଠିକ୍ ମାସକ ପରେ ଅର୍ଥାତ୍ ଫେବୃଆରୀ ୧୫ ତାରିଖ ୨୦୧୧ରେ ଆଉ ଗୋଟିଏ ଚଳଚ୍ଚିତ୍ର 'ମନ ମୋର ପ୍ରଜାପତି' ରିଲିଜ୍ ହେଲା । ୨୦୧୦ରେ 'ମନ ମୋର ପ୍ରଜାପତି'ର ପ୍ରସ୍ତୁତି ଚାଲିଥିଲା । ଅନାମ ସାହୁ ଏହାର ପ୍ରଯୋଜକ, 'ନନ୍ଦିନୀ ଆଇ ଲଭ୍ ୟୁ' ଓ 'ମିତରେ ମିତ' ପରେ ଅନାମ ବାବୁଙ୍କ ଏହା ତୃତୀୟ ଚଳଚ୍ଚିତ୍ର । ଏଥର ପ୍ରଯୋଜନାରେ କୃପାଜଳ ଇଞ୍ଜିନିୟରିଂ କଲେଜର ମାଲିକ ଭବାନୀ ରଥ, ଅନାମ ବାବୁଙ୍କ ସହ ଯୋଡ଼ି ଦେଲେ ।

ନିର୍ଦ୍ଦେଶନା ପାଇଁ ସ୍ୱୟଂ ଅନାମ ବାବୁ ଆଗ୍ରହ ପ୍ରକାଶ କଲେ । ଯଦିଓ କ୍ୟାମେରାମ୍ୟାନ୍ ରଂଜନ ମିଶ୍ର ନିର୍ଦ୍ଦେଶନାର ସମସ୍ତ ଦାୟିତ୍ୱ ତୁଲାଇଥିଲେ କ୍ୟାମେରା ପରିଚାଳନା ସହିତ । ରଂଜନ ମିଶ୍ର ୟା' ପୂର୍ବରୁ 'ହସିବ ପୁଣି ମୋ ସୁନା ସଂସାର' ଫିଲ୍ମରେ ମୋ ସହିତ କାମ କରିଥାନ୍ତି । ରଂଜନ ବାବୁଙ୍କ ଫ୍ରେମିଂ ଖୁବ୍ ଭଲ ।

କାହାଣୀ ନିର୍ବାଚନ ହେଲା । ଏକ ଦକ୍ଷିଣୀ ଚଳଚ୍ଚିତ୍ରର କାହାଣୀଟିଏ ଠିକ୍ ହେଲା । କଥା ହେଲା ମୂଳ କଥାବସ୍ତୁକୁ ଆମ ଓଡ଼ିଆ ଢାଞ୍ଚାରେ ପ୍ରେଜେଣ୍ଟ କରାଯିବ । ମୁଁ ରଂଜନ ବାବୁଙ୍କ ବାପୁଜୀନଗର ଭୁବନେଶ୍ୱର ଘରେ ସ୍କ୍ରିପ୍ଟ କାମ ଜୋର୍‌ସୋର୍‌ରେ ଆରମ୍ଭ କରିଦେଲି । ଟିକେ ସମୟ ଲାଗୁଥାଏ । ଅନାମ ବାବୁ ତରତର ହେଉଥାନ୍ତି । ପ୍ଲାନିଂ ଥାଏ ବିଦେଶରେ ସୁଟିଂ ହେବ । ତେଣୁ ଆର୍ଟିଷ୍ଟ ସିଲେକ୍‌ସନ୍ ପୂର୍ବରୁ ପାସ୍‌ପୋର୍ଟ ଯୋଗାଡ଼ କାମ ଚାଲିଲା ।

ତେବେ ଅସଲ ସମସ୍ୟା ହେଲା ନାୟକ ନିର୍ବାଚନ କ୍ଷେତ୍ରରେ । ଅନାମବାବୁଙ୍କ ଅଜବ ଝୁଙ୍କ୍ ଲମ୍ବା ବାଳ ରଖିଥିବା ନାୟକ ତାଙ୍କର ପସନ୍ଦ ନୁହଁନ୍ତି । ତେଣୁ କିଛି ଆଶାୟୀ ନବାଗତ କଳାକାର କେଶକୁ ଛୋଟ କରି ଦେଇଥିଲେ । ତେବେ ପରିଶେଷରେ ଦୀପକଙ୍କୁ ଠିକ୍ କରାଗଲା । ହ୍ୟାଣ୍ଡସମ୍ ଚେହେରା । ଆଲ୍‌ବମ୍‌ରେ ବେଶ୍ ନାଁ କମାଇଥାନ୍ତି । ଗୋଟିଏ ଚଳଚ୍ଚିତ୍ର ବି' ମୁକ୍ତିଲାଭ କରି ସାରିଥାଏ । ଅନାମ ବାବୁ ଦୀପକଙ୍କୁ ହିଁ ନାୟକ ଭାବରେ ମନୋନୀତ କଲେ । ଦୀପକଙ୍କ ବିପକ୍ଷରେ ନାୟିକା ଭାବରେ କୋୟଲ୍‌ଙ୍କୁ ଠିକ୍ କରାଗଲା । ଅନ୍ୟାନ୍ୟ ଭୂମିକାରେ ପ୍ରଦ୍ୟୁମ୍ନ ଲେଙ୍କା, ପୁଷ୍ପା ପଣ୍ଡା, ପିଣ୍ଟୁ ନନ୍ଦ, ମିହିର ଦାସ ପ୍ରମୁଖ ଅଭିନୟ କରୁଥାନ୍ତି । ମୋଟାମୋଟି ଭାବରେ ଆର୍ଟିଷ୍ଟ ସିଲେକ୍‌ସନ୍‌ରେ କୌଣସି କମ୍ପ୍ରୋମାଇଜ୍ କରାଯାଇ ନଥାଏ ।

ସଂଗୀତ ନିର୍ଦ୍ଦେଶନା ପାଇଁ ପ୍ରଶାନ୍ତ ପାଢ଼ୀ । ଅନାମ ବାବୁଙ୍କ ୟୁନିଟ୍‌ରେ ପ୍ରଶାନ୍ତ ବାବୁ ଓ ମୁଁ ପ୍ରାୟତଃ ପରମାନେଣ୍ଟ ସଦସ୍ୟ ବୋଲି ନିଜକୁ ଧରି ନେଇଥାଉ । ୬ଟି ଗୀତର ସଂଯୋଜନା କରାଗଲା । ଗୋଟିଏ ଗୀତ ମୁଁ ଲେଖିଥିଲି । ନାୟକ ଓ ସାଙ୍ଗ ନାୟିକାଙ୍କୁ ଖୋଜୁଛନ୍ତି । ନାୟିକାର ବାପା ମିହିର ଦାସ ନାୟିକାର ବିବାହ ନିଜ ମନପସନ୍ଦର ଯୁବକ ସାଥିରେ କରିବା ପାଇଁ ମନସ୍ଥ କରିଥାନ୍ତି । ନାୟକ ବିଚଳିତ ହୋଇ ପଡ଼ିଥାଏ । ଏକ ଅଜଣା ସହରର ଗଳିକନ୍ଦିରେ ନାୟିକା ଉଦ୍ଦେଶ୍ୟରେ ଗୀତ ଗାଇ ବୁଲୁଥାଏ । ଗୀତର ଧାଡ଼ି ଏହିପରି ଥିଲା, 'ଭଲ ମୁଁ ପାଇଛି ହୃଦୟ ଦେଇଛି, ଝରଣାଠୁ ବେଶୀ, ନଈଠାରୁ ବେଶୀ, ମେଘ ପଣତରେ ଉଛୁଳା କଳସୀ, କହି ଦେ' ରେ ଜହ୍ନ ମୋର ପ୍ରିୟା ଠିକଣା, ପାଖେ ଥାଇ କାହିଁ ଲାଗେ ଅଜଣା' ଗୀତଟିର ଚମତ୍କାର କମ୍ପୋଜିସନ୍ କରିଥିଲେ ପ୍ରଶାନ୍ତ ପାଢ଼ୀ । କୁମାର ବାପିଙ୍କ କଣ୍ଠରେ ଗୀତଟି ବେଶ୍ ଲୋକପ୍ରିୟ ହୋଇ ପାରିଥିଲା । ଏବେ ବି କୁମାର ବାପି ଗୀତଟିକୁ ମେଲୋଡ଼ି କାର୍ଯ୍ୟକ୍ରମରେ ଗାଇଥାନ୍ତି, କିନ୍ତୁ ଦୁଃଖର ବିଷୟ ଥିଲା ଏହି ଗୀତର ପିକ୍‌ଚରାଇଜେସନ୍ । ମୋତେ ଭଲ ଲାଗିଲାନି ।

ଏହି ଚଳଚ୍ଚିତ୍ରଟି ବ୍ୟବସାୟିକ ସଫଳତା ପାଇଥିଲା । ରଂଜନ ମିଶ୍ର, ପ୍ରଶାନ୍ତ ପାଢ଼ୀ ଓ ପ୍ରତ୍ୟେକ କଳାକାର, ଟେକ୍ନିସିଆନ୍ ନିଜ ନିଜର ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇଥିଲେ ।

କିନ୍ତୁ ଏହି ଚଳଚ୍ଚିତ୍ର ପରେ ପ୍ରଯୋଜକ ଅନାମ ବାବୁଙ୍କ ସହିତ ସଂପର୍କରେ ଫାଟ ସୃଷ୍ଟି ହୋଇଥିଲା । ଯଦିଓ ଆମ ଭିତରେ ବ୍ୟକ୍ତିଗତ ସଂପର୍କ ଭଲ ଥିଲା ମାତ୍ର କିଛି ନିର୍ଦ୍ଦେଶକ ଅନାମ ବାବୁଙ୍କ ପ୍ରୋଜେକ୍ଟରେ ସେମାନଙ୍କ ମନୋନୀତ ଟେକ୍ନିସିଆନ୍‌ଙ୍କୁ ନେଇ କାମ କରିବାକୁ ଚାହିଁଲେ । ପ୍ରଶାନ୍ତ ପାଢ଼ୀ ଓ ମୁଁ ଆପେ ଆପେ ଦୂରେଇ ଆସିଲୁ । ପରବର୍ତ୍ତୀ କାଳରେ ଅନାମ ବାବୁ ଅନେକ ଗୁଡ଼ିଏ ସଫଳ ଚଳଚ୍ଚିତ୍ର ପ୍ରଯୋଜନା କରିଛନ୍ତି । କମ୍ ବଜେଟ୍‌ରେ ସୁନ୍ଦର ଚଳଚ୍ଚିତ୍ର କରି ଦର୍ଶକଙ୍କୁ ଉପହାର ଦେବାର କୌଶଳ ଅନାମ ବାବୁଙ୍କୁ ବେଶ୍ ମାଲୁମ୍ ଥିଲା । ବିଶେଷ କରି ଅଯଥା ଖର୍ଚ୍ଚ ତଥା ଅନାବଶ୍ୟକ ଖର୍ଚ୍ଚର ସେ ଘୋର ବିରୋଧୀ ଥିଲେ । କାହାଣୀ ଓ ସଂଗୀତ ଉପରେ ସେ ବେଶ୍ ଗୁରୁତ୍ୱ ଦେଉଥିଲେ । ତେବେ ବେଳେବେଳେ ଅତ୍ୟଧିକ ଆତ୍ମବିଶ୍ୱାସ ହିଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ଏହାହିଁ ବହୁ ପ୍ରଯୋଜକ ନିର୍ଦ୍ଦେଶକଙ୍କ କ୍ଷେତ୍ରରେ ଘଟି ଆସିଛି । ଇତିହାସ ତାର ମୂକସାକ୍ଷୀ । ସେଥିପାଇଁ ଚଳଚ୍ଚିତ୍ର ନିର୍ମାଣରେ ଉପଯୁକ୍ତ ଟେକ୍ନିସିଆନ୍‌ଙ୍କୁ ଗ୍ରହଣ କରି ସବୁ ଦୃଷ୍ଟିରୁ ସତର୍କ ରହିବା ଜଣେ ପ୍ରଯୋଜକ ପାଖରେ ନିହାତି ଜରୁରୀ । ପ୍ରଯୋଜକଙ୍କର ସରଳତାକୁ ଦୁର୍ବଳତା ଭାବି ତାଙ୍କର ସର୍ବନାଶ ପାଇଁ ବାଟ ଫିଟେଇବା ପ୍ରଫେସନାଲ ଏଥିକ୍‌ସ ବିରୋଧୀ ବୋଲି ମୁଁ ମନେକରେ ।

'ମନ ମୋର ପ୍ରଜାପତି'ର ଅଧିକାଂଶ ଦୃଶ୍ୟ ଉତ୍ତରା ଛକରେ ଥିବା ଅନାମ ବାବୁଙ୍କ ଏକ ହୋଟେଲରେ ଅନୁଷ୍ଠିତ ହୋଇଥିଲା । ଏହି ହୋଟେଲଟିକୁ ଅନାମ ବାବୁ ଷ୍ଟୁଡିଓରେ ପରିଣତ କରିଥିଲେ । ନିଜ ପ୍ରଡକ୍ସନ ସହିତ ଅନେକ ଚଳଚ୍ଚିତ୍ର ସୁଟିଂ ହେଉଥିଲା । ଅନେକ ସମୟରେ କିଛି କଳାକାର ଅନାବଶ୍ୟକ ସଂଳାପ ପ୍ରୟୋଗ କରିଥାନ୍ତି ଯାହାକି କାହାଣୀର ଗ୍ରାଫ୍‌କୁ କ୍ଷତି ପହଞ୍ଚାଏ । ଏହାକୁ ମୁଁ ଢେର୍ ବିରୋଧ କରେ । ଏହି ଚଳଚ୍ଚିତ୍ରରେ ଜନୈକ କଳାକାରଙ୍କ ଏହିପରି ଆଚରଣ ମତେ ଅସନ୍ତୁଷ୍ଟ କରିଥିଲା ଓ ମୋର ଜିଦ୍ ପାଇଁ ଏଡିଟିଂରୁ ସେଇ କଳାକାରଙ୍କର ଅନାବଶ୍ୟକ ସଂଳାପକୁ ବାଦ୍ ଦିଆଯାଇଥିଲା ।

ତେବେ ଅନେକ ଦୃଷ୍ଟିରୁ 'ମନ ମୋର ପ୍ରଜାପତି' ଏକ ସଫଳ ଚଳଚ୍ଚିତ୍ର ଥିଲା । (କ୍ରମଶଃ)

---

## ଆମ ସମୟର କବିତା.....

### ॥ ତିନୋଟି ଅନୁବାଦ କବିତା ॥

ମୂଳ ବାଂଲା: ବିନାୟକ ବନ୍ଦ୍ୟୋପାଧ୍ୟାୟ



ଅନୁବାଦ: ଅଜିତ୍ ପାତ୍ର



#### ॥ ବିରୁଦ୍ଧରେ ॥

ହାତର ବିରୁଦ୍ଧରେ ହାତ
ଆଖିର ବିରୁଦ୍ଧରେ ଥିଲା ଆଖି
ଦିନେ ଏଇଠି ଆସି
ବଦଳି ଯାଇଥିଲେ ଅଶୋକ

ତୁମେ ବଦଳି ଯାଇଛ,
ଆଉ ମୁଁ ବି ଯାଇଛି ବଦଳି
ପୁରୁଣା ପାଦର ଚିହ୍ନ ଅସ୍ୱୀକାର କରି
ଆସିଛି ସୀମାନ୍ତ ଲଙ୍ଘି,
ତା' ବୋଲି ମନେ ନାହିଁ
କେଉଁମାନେ ଥିଲେ ସୀମାନ୍ତରେ ପ୍ରହରୀ ।

ମନେ ନାହିଁ କେତେକିଛି
କେଉଁମାନେ ନେଇଥିଲେ ପିଛା
ସାରାକ୍ଷଣ କିଏ ଥିଲେ ଆଗୁଆ

ନଦୀ ବି ଦର୍ପଣ ହୋଇ
ବହିଯାଏ ଅସମୟରେ
ପାରୁଛ ଯଦି ବାନ୍ଧି ରଖ ହାତ ଦେଇ...

ହାତରେ ମିଶିଗଲେ ହାତ
ଆଖିରେ ମିଶିବହିଁ ଆଖି
ପୁଣି ବଦଳି ଯିବେ ଅଶୋକ;

ରୋକିବାକୁ ଚାହିଁବ ଯଦି
କାନକୁ ନିଓ ନାହିଁ ମନ୍ତ୍ର,
ମଫସଲ୍ ବା ସଦରରେ
ଜନ୍ମ ନେଉ ଗଣତନ୍ତ୍ର;
ଲୋକଙ୍କ ବିରୁଦ୍ଧରେ ରହିଥାଉ ଲୋକ ।

#### ॥ ଶମୀବୃକ୍ଷ ॥

କିଏ ମତେ ପୁଣିଥରେ
ଆତ୍ମାର ବ୍ୟବହାର
ଶିଖାଇବ ଚା' କେଟଲି ହାତରେ
ମୋବାଇଲରେ, ସାକ୍ଷାତରେ
ଡିସେମ୍ବରର ଭୋରରେ,
କହିବ, 'ଫଗୁଣ ନିଅ'...

ଅଭୁକ୍ତ, ଅସ୍ନାତ
ଦେଲେ ବି ନେବିନି ତ
ବରଂ ମନେ କରାଇଦେବି
ପ୍ରକାଶ୍ୟରେ ବା ଗୋପନରେ
ମୋ'ର ମୃତ୍ୟୁ ଥିଲା,
ତମର ହିଁ ତାରୁଣ୍ୟରେ ।

#### ॥ ଗାଁ-ସହର ॥

ଗାଁରେ କିଛିଟା ଜଟିଳତା ଅଛି
ସହରରେ ଶୀତର ମଜା
ଏକେବାରେ ସରଳ;
ବାପା-ମା'ଙ୍କୁ ଓଲ୍ଡ ଏଜ୍ ହୋମରେ ରଖି ଆସି
ଶରଣାର୍ଥୀଙ୍କ ଦୁଃଖରେ,
ପୁଅର ଦୁଇ ଆଖି ଭରା ଅଶ୍ରୁଜଳ ।

ସେହି ଜଳ ମାଟିରେ ଯଦି ପଡ଼େ
ମାଟି ବି ହୋଇଯାଏ ଦୁଇଭାଗ
କାରଣ ସିଏ ଜାଣେନା କେମିତି
ଭୂଗର୍ଭସ୍ଥ ସବୁ ନର୍ମଦାରେ

ନିଜ ଆତ୍ମାକୁ ରଖି ହୁଏ
ଟାଇଲସରେ ଲୁଚାଇ ହୁଏ ଟଙ୍କା
ବାପା-ମାଆଙ୍କୁ ଲୁଚେଇ ରଖି
ପ୍ରକାଶ୍ୟରେ ଦେଖାଇ ହୁଏ ଅଶ୍ରୁ...
ଏକେବାରେ ସରଳ ।

(ମୋ) ୯୮୬୧୬୨୯୭୦୨

---

## ଶ୍ୟାମା କିଙ୍କର ମହାନ୍ତି



### ॥ ଝିଅ... ॥

ସେଇ ଗୋରୀ ତନୁପାତେଳୀ ଝିଅ
ଭଲପାଉଥିଲା ପିଲାବେଳେ,
ଗଛ ଚଢ଼ିବାକୁ
ପୋଖରୀରେ ପହଁରିବାକୁ
ସାଇକେଲ ଚଳାଇବାକୁ ...

ହେଲେ ବାରଣ କଲା ଜେଜେମା
କହିଲା, ତୁ ଶିଖ
ବେସର ବାଟିବା ଧାନ ଉସେଇଁବା
ବଡି ପାରିବା ପରିବା କାଟିବା

ଆଉ ମା ...
ତରକାରୀରୁ ବାଛି ବାଛି
ପେଟି ମାଛସବୁ ଦେଲା ଭାଇକୁ
ତା ଭାଗରେ ଲାଞ୍ଜ,
ସବୁଠୁ ଉଷୁମ କମ୍ବଳ
ଘୋଡେଇ ଦେଲା ଭାଇକୁ
ଆଉ ତା ଭାଗରେ କନ୍ଥା !

ଆଜି ଟିଭି ଦେଖୁଛ, ପଢୁଛ ପେପର ?
ବିଧାନସଭା ଆଗରେ ଯିଏ
ଚିଲ୍ଲଉଥିଲା ଜୋରରେ,
ମୋର ସମାନତା ଦରକାର
ଲୋଡ଼ାନାହିଁ ମୋତେ ଆରକ୍ଷଣ
ସମବେଦନାର ମୁଁ ନୁହେଁ ପାତ୍ର
ମତେ ଦରକାର ସମ୍ମାନ
ତା'ରି କଥା ହିଁ କହୁଛି
ସେଇ ଗୋରୀ ତନୁପାତେଳୀ ଝିଅ ...

ମାର୍କଣ୍ଡେଶ୍ୱର ସାହି, ପୁରୀ
ମୋ: ୯୮୬୧୧୯୧୩୮୦

---

## ସୁପ୍ରଭା ସାମଲ

### ॥ ଚିଠି ସ୍ମୃତି..... ॥



ଚିଠି ଯେତେ ଲେଖୁ ଲେଖୁ
କେତେ ରାତି ବିତିଛି ଯେ ଉଜାଗରେ
ହିସାବ ରଖିନି,
ନୀଳ ଲଫାପାରେ ଲେଖିଥିବା
ତମ ଗୋଲାପୀ ଅକ୍ଷର
ଛାତି ତଳେ ସ୍ମୃତି ଆଜି
କେବେବି' ଭୁଲିନି ।

ଚିଠିର ସେ ଶବ୍ଦ ସବୁ
ଏତେ ବେଶୀ ଲାଗୁଥିଲା ଭଲ
ତା'ଭିତରେ ଭରି ଥିଲା
ଆବେଗର ଗୀତି,
କେବେ କେବେ ଲାଗୁଥିଲା
ଚିଠି ଗୋଟେ ଫଗୁଣର ଫୁଲ ସଞ୍ଜ
ପ୍ରଣୟର ମିଠା ପ୍ରତିଶ୍ରୁତି ।

କେତେ କେତେ ଜହ୍ନ ରାତି
ବିତିଛି ଯେ ଉଜାଗରେ
ନିରୋଳାରେ ତମ କଥା
ଜହ୍ନ ସାଥେ ଗପି ଗପି
ହିସାବ ରଖିନି,
ଆଜିବି' ସାଇତା ଏଇ ହୃଦୟ ଭିତରେ
ତମ ପାଇଁ ଗପ, ଗୀତ, ଚିଠି, ସ୍ମୃତି
ଭୁଲି ମୁଁ ପାରୁନି ।

ଏତେ ଚିଠି ଲେଖିଲେ ବି'
ଶବ୍ଦଟିଏ ମିଳିଲାନି କହିବାକୁ ମନ କଥା
ରହିଗଲା ମନ ତଳେ
ଲେଖି ବି' ହେଲାନି,
କେମିତି ଯେ' ଶୁଖିଗଲା ପ୍ରୀତିର ଯମୁନା
ନୀରବତା ସାଥି ହେଲା
ସବୁ କିଛି ରହିଗଲା ଅଧା
ବୁଝିବି' ହେଲାନି ।

ଆଜିକାଲି ଦେହ, ମନ ଛୁଇଁ ଦେଲେ
ଚଇତି ମଳୟ ମନେ ପଡେ
ଆମର ସେ ଅଭୁଲା ଅତୀତ
ଆଖି କୋଣେ ଲୁହ ଜମିଯାଏ,
ସମୟ ସୁଅରେ ଭାସିଗଲା କେଉଁଆଡ଼େ
ସୁନାଝରା ଦିନସବୁ

ପ୍ରେମ ଆମ ରହିଗଲା ଅଧାଲେଖା
ପ୍ରୀତି କାବ୍ୟଟିଏ ।

ଶୂନ୍ୟତାକୁ ସାଥି କରି ତମରି ସ୍ମୃତି ରେ
କେତେ ଦିନ ଜୀଇଁ ହେବ
ଜାଣିନି କଦାପି,
ଛାତି ତଳେ ମଥା ପିଟେ
ଅସରନ୍ତି ଭାବନାର ଢେଉ
ବସା ବାନ୍ଧେ ଅଭିମାନ
ତମ ଚିଠି ପଢି ପଢି
ଜୀଇଁଛି ତଥାପି......!

କୋଠପଦା, ମାହାଙ୍ଗା, କଟକ

---

## ନିହାରିକା ରାୟ ବରାଳ

### ॥ ତମେମୟ ॥



ସକାଳର କାକର ଟୋପାରେ ତମେ
ସଂଜ ଆଳତୀରେ ତମେ
ଭଂଗା କୁଡ଼ିଆରେ ତମେ
ମୋ ମନ ସିଂହାସନେ ତମେ
ପାଦତଳ ମାଟି ତମେ
ମଥାର ଆକାଶ ତମେ
ଅଁଳା ନବମୀ, ଅଷ୍ଟମୀର ରାତି
ପବନ ହିଲ୍ଲୋଳ ତମେ...

ମୋ ସଂସାର ସଂଗମ ତମେ
ବିଶ୍ୱାସର ବୀଜ ତମେ
ସିନ୍ଦୂର ସୌନ୍ଦର୍ଯ୍ୟ ତମେ
ଚଂଦନ ସୁଗଂଧ ତମେ
ମଂଗ ଧରିଥିବା ନାଉରୀ ଆହୁଲା
ସାମ୍ରାଜ୍ୟେ ସମ୍ରାଟ ତମେ...

ପକ୍ଷୀର କାକଳୀ ତମେ
କୁହୁଡ଼ିରେ ପୁଣି ବୁନ୍ଦାବୁନ୍ଦା ଜଳ
ମେଘ ଗର୍ଜନରେ ତମେ...

ହାଡ଼ଭଂଗା ଶୀତେ ନିଆଁ ଉହ୍ମେଇର
ନରମ ଉଷୁମ ତମେ
ବସନ୍ତ ହିଲ୍ଲୋଳ ତମେ
ଏକାନ୍ତବାସରେ ତମେ
ମନ ଉପବନେ ଫଗୁଣ ଫୁଲରେ
ପେନ୍ଥି ପେନ୍ଥି ଆସ୍ଥା ତମେ
ନିଶବଦ୍‌ତାରେ ତମେ

ଶବ୍ଦର ମୋହିଣୀ ତମେ
ମଲ୍ଲୀ ଗଜରାର ଭୁରୁଭୁରୁ ବାସ୍ନା
ଶୀତ୍କାର ଶିଖର ତମେ...


ଅତୀତ ଭାସଇ ସ୍ୱପ୍ନର ନାଆରେ
ଜୁଆର ଭଟ୍ଟା ବି ତମେ
ରାସ୍ତାରେ, ରିସ୍ତାରେ, ରିକ୍ତତାରେ ପୁଣି
ଫୁଲ ବିଛା ସଂଜ ତମେ,
ଅମୃତ ଶିଶୁର ଦରୋଟି କଥାରେ
ସ୍ମିତ ହସଟିଏ ତମେ
ପ୍ରାପ୍ତିରେ ଯେବେ ଭରିଯାଏ ମନ
ଶାନ୍ତି କପୋତ ତମେ
ସିଗ୍ଧ ଶୀତଳ ପରଶରେ ତମ
ମନପକ୍ଷୀ ମୋର ଝୁମେ ।

'ଅନୁରାଗ'
ବି/୧୦, ପ୍ରତିଭା ଏନ୍‌କ୍ଲେଭ
ବିଜେବି ନଗର, ଭୁବନେଶ୍ୱର

ଧ୍ୱନି ପ୍ରତିଧ୍ୱନି


ବାଲେଶ୍ୱର, ରବିବାର, ୧୭ ଅପ୍ରେଲ, ୨୦୨୨

## ପ୍ରେମରେ ପ୍ରେମରେ ଗୀତି ....(୪୩)



■ ବିପିନ ମହାନ୍ତି

❤ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୯୯୧





### ॥ ଅନ୍ତିମ ସଂଳାପ ମୋ'ର ॥

ବାଟୋଇଟିଏ ମୁଁ ବାଟ ସରିଗଲା
ହାଟରେ ପଡ଼ିଛି ଶୋଇ,
ଚାରିଆଡ଼େ ମୋର ଲାଗିଅଛି ଭିଡ଼
କୋଳାହଳ ଶୁଭୁନାହିଁ ।

ହଟ କରିଥିଲି ହଟିଆ ପାଖରେ
ଧରିଥା ଜୀବନ ଡୋରି,
ସରିନାହିଁ ମୋର ଜୀବନ ନାଟକ
କରିଦେବୁ ଟିକେ ଡେରି,
ନାଟ ଲଗାଇଛି ନଟିଆ ଠାକୁର
ଶୁଣିବ ବା ସିଏ କାହିଁ ।

ସରି ତ ନଥିଲା ଶେଷ ଦୃଶ୍ୟପଟ
ଶେଷ ଅଙ୍କ ନାଟକର,
ରଙ୍ଗ ମାଖି ମୁଖେ ଘୋଷୁଥିଲି ବସି
ଅନ୍ତିମ ସଂଳାପ ମୋର,
ରହିଗଲା ଅଧା ଅଭିନୟ ସବୁ
କହ କେଉଁ ଭୁଲ୍ ପାଇଁ ।

## ବିଜୁଙ୍କ ଅବର୍ତ୍ତମାନରେ ୨୫ ବର୍ଷ.....



ବିଜୁ ବାବୁଙ୍କ ଅବର୍ତ୍ତମାନର ୨୫ ବର୍ଷ ପୁରିଲା । ସ୍ୱଦେହରେ ବିଜୁବାବୁ ନାହାନ୍ତି ସତ କିନ୍ତୁ ଏଇ ୨୫ ବର୍ଷ ମଧ୍ୟରେ ଓଡ଼ିଶାର ସାମାଜିକ ଓ ରାଜନୈତିକ ଚେତନାରେ ବିଜୁବାବୁ ସଦା ଜୀବନ୍ତ ହୋଇ ରହିଛନ୍ତି । ଓଡ଼ିଶାର ଶାସନ, ପ୍ରଶାସନ ଓ ସାଧାରଣ ଜୀବନକୁ ବିଜୁଙ୍କ ସ୍ମୃତିପୂର୍ଣ୍ଣ ରୂପେ ପ୍ରଭାବିତ କରିଛି । ତାଙ୍କ ପ୍ରତି ଓଡ଼ିଶାବାସୀଙ୍କର ରହିଥିବା ସ୍ନେହ, ଆଦର ଓ ସମ୍ମାନ ଅଧିକ ପରିସ୍ଫୁଟିତ ହୋଇଛି । ୧୯୯୭ ଏପ୍ରିଲ ୧୭ ତାରିଖରେ ବିଜୁବାବୁଙ୍କର ମହାପ୍ରୟାଣ ଘଟିଥିଲା । ଯଦିଓ ଜଣେ ବ୍ୟକ୍ତିଙ୍କୁ ତାଙ୍କ ଅବର୍ତ୍ତମାନରେ ମହାପ୍ରୟାଣର ପୁଣ୍ୟତିଥି ହିଁ କେବଳ ସ୍ମୃତିଚାରଣ କରାଯାଇଥାଏ । କିନ୍ତୁ ବିଜୁବାବୁଙ୍କ କ୍ଷେତ୍ରରେ ତାହା ଭିନ୍ନ । ବିଜୁବାବୁ ୨୫ ବର୍ଷ ପରେ ବି ଓଡ଼ିଶାବାସୀଙ୍କ ଆତ୍ମରେ ଓ ହୃଦୟରେ ଜୀବନ୍ତ, ଦୀପ୍ତିମନ୍ତ । ବିଜୁବାବୁଙ୍କ ଦେହାନ୍ତ ପରେ ବିଗତ ୨୫ ବର୍ଷ ମଧ୍ୟରେ ରାଜ୍ୟ ରାଜନୀତିରେ ବଡ଼ ପରିବର୍ତ୍ତନ ଘଟିଛି । ଯାହା ବିଜୁବାବୁ କରିପାରିନଥିଲେ ତାହା ତାଙ୍କ ପୁଅ କରି ଦେଖାଇଛନ୍ତି । ୮୧ ବର୍ଷ ସୁଦୀର୍ଘ ଜୀବନର ସଂଘର୍ଷମୟ ପଥରେ ବିଜୁବାବୁ କ୍ଷମତାରେ ସର୍ବାଧିକ ସମୟ ରହିପାରିନଥିଲେ । କେନ୍ଦ୍ର ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ହୋଇଥିଲେ । କିନ୍ତୁ କ୍ଷମତାରେ ରହିବାର ଲମ୍ବା ରେକର୍ଡ଼ କରିପାରିନଥିଲେ । ବିଧି ଯେମିତି ତାଙ୍କ ପାଇଁ ଭିନ୍ନ ରାସ୍ତା ପ୍ରସ୍ତୁତ କରିଥିଲା । ବିଜୁବାବୁଙ୍କ ଅବର୍ତ୍ତମାନରେ ସେହି ଲମ୍ବା ରେକର୍ଡ଼ ତାଙ୍କ ପୁଅ ପ୍ରତିଷ୍ଠା କରିଛନ୍ତି । ବିଜୁବାବୁଙ୍କ ନାଁରେ ଗଠନ କରାଯାଇଥିବା ରାଜନୈତିକ ଦଳ ବିଜେଡ଼ି ରାଜ୍ୟ ରାଜନୀତିର ମୋଡ଼ ବଦଳାଇ ଦେଇଛି । ରାଜନୈତିକ ଇତିହାସକୁ ବଦଳାଇଛି । ଅତୀତରେ ଆଞ୍ଚଳିକ ଦଳର ଉତ୍‌ଥାନ ଓଡ଼ିଶାରେ ଅନେକ ବାର ବିଫଳ ହୋଇଥିଲେ ମଧ୍ୟ ବିଜେଡ଼ିର ଉତ୍‌ଥାନ ସହ ସଫଳଯାତ୍ରା ଇତିହାସର ସେହି ଫର୍ଦ୍ଦକୁ ପରିବର୍ତ୍ତନ କରିଛି । ରାଜନୀତିରେ ବିଜୁଙ୍କ ଆଦର୍ଶରେ ବିଜେଡ଼ି ନୂଆ ଅଧ୍ୟାୟ ଯୋଡ଼ିବାରେ ସଫଳ ହୋଇପାରିଛି । ବିଜୁବାବୁ ୧୦ଥର ବିଧାନସଭାକୁ ଓ ୫ଥର ଲୋକସଭାକୁ ନିର୍ବାଚିତ ହୋଇଥିଲେ । କିନ୍ତୁ ବିଜୁବାବୁଙ୍କ ରାଜନୈତିକ ଯାତ୍ରା ଅପରାଜେୟ ନଥିଲା । ଅନେକ ବାର ନିର୍ବାଚନ ଜିତିଥିଲେ, ଅନେକବାର ହାରିଥିଲେ । କିନ୍ତୁ ତାଙ୍କ ଅବର୍ତ୍ତମାନରେ ରାଜନୀତିକୁ ଆସିଥିବା ତାଙ୍କ ପୁଅ ନବୀନ ପଟ୍ଟନାୟକ ନିଜକୁ ଅପରାଜେୟ ନେତାଭାବେ ପ୍ରତିପାଦିତ କରିପାରିଛନ୍ତି । ସେ ନିର୍ବାଚନ କେବଳ ଜିତିଛନ୍ତି, କୌଣସି ଠାରେ ହାରିନାହାନ୍ତି ।

୧୯୪୬ରୁ ବିଜୁବାବୁଙ୍କ ରାଜନୈତିକ ଜୀବନର ଯାତ୍ରା ଯେମିତି ଆରମ୍ଭ ହୋଇଥିଲା । ସେଣ୍ଟ୍ରାଲ କଟକସଦର ଆସନରୁ କଂଗ୍ରେସ ପ୍ରାର୍ଥୀଭାବେ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୧୯୫୨ ପର୍ଯ୍ୟନ୍ତ ଏହାର ସଦସ୍ୟ ଥିଲେ । ପରେ ୧୯୫୨ରେ ଜଗନ୍ନାଥପ୍ରସାଦ ଆସନରୁ, ୧୯୫୭ ରେ ସୋରଡା ଆସନରୁ ଓ ୧୯୬୧ରେ ଚୌଦ୍ୱାର ଆସନରୁ କ୍ରମାଗତ ଭାବେ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ । ୧୯୭୧ରେ ଉତ୍କଳ କଂଗ୍ରେସ ପ୍ରାର୍ଥୀ ଭାବେ ଉପନିର୍ବାଚନରେ ରାଜନଗର ଆସନରୁ ବିଜୟୀ ହୋଇଥିବା ବେଳେ ୧୯୭୪ରେ ସେହି ଆସନରୁ ପୁଣି ବିଧାନସଭାକୁ ଆସିଥିଲେ । କଟକରୁ ଗଞ୍ଜାମ ଓ ଗଞ୍ଜାମରୁ ପୁଣି କଟକ ହୋଇ କେନ୍ଦ୍ରାପଡ଼ା, ରାଜନୈତିକ ସଫଳତାର ଯାତ୍ରା ରଖିଥିବା ବିଜୁବାବୁ ୧୯୮୦ରେ ଚରଣ ସିଂଙ୍କ ନେତୃତ୍ୱାଧୀନ ଜନତା ପ୍ରାର୍ଥୀ ଭାବେ କେନ୍ଦ୍ରାପଡ଼ାର ପାଟକୁରା ଆସନରୁ ବିଜୟୀ ହୋଇଥିଲେ । ପରେ ୧୯୮୫, ୧୯୯୦ ଓ ୧୯୯୫ରେ କ୍ରମାଗତ ଭାବେ ତିନିଥର ଜନତା ଦଳର ପ୍ରାର୍ଥୀ ଭାବେ ଭୁବନେଶ୍ୱର ଆସନରୁ ବିଧାନସଭାକୁ ଆସିଥିଲେ । ଏହାରି ଭିତରେ ତାଙ୍କର ସଂସଦ ଅଭିଯାନ ମଧ୍ୟ ଚାଲିଥିଲା । କେନ୍ଦ୍ରରେ ମନ୍ତ୍ରୀ ହେବା ସହିତ ଦୁଇଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ । ୧୯୭୭ରେ ବିଜୁବାବୁ କେନ୍ଦ୍ରାପଡ଼ା ଲୋକସଭା ଆସନରୁ ବିଜୟୀ ହୋଇଥିବା ବେଳେ ୧୯୮୦ ଓ ୧୯୮୪ରେ ସେହି କେନ୍ଦ୍ରାପଡ଼ା ଆସନରୁ ଲୋକସଭାକୁ ବିଜୟୀ ହୋଇଥିଲେ । ୧୯୯୬ରେ ଉଭୟ ଆସିକା ଓ କଟକ ଲୋକସଭା ଆସନରେ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ । ପରବର୍ତ୍ତୀ ସମୟରେ କଟକ ଆସନଟି ଛାଡ଼ି ଦେଇଥିଲେ । ୧୯୪୬ରୁ ୧୯୯୭ ଯାଏଁ ରାଜନୈତିକ ଯାତ୍ରାରେ ବିଜୁବାବୁଙ୍କୁ ଯେତିକି ସଫଳତା ମିଳିଥିଲା ସେତିକି ବିଫଳତା ମଧ୍ୟ ମିଳିଥିଲା । ୧୯୬୧ ମସିହା ଜୁନ୍ ୨୩ ତାରିଖରୁ ୧୯୬୩ ମସିହା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସେ ପ୍ରଥମ ଦଫାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ । ଦ୍ୱିତୀୟବାର କ୍ଷମତାକୁ ଆସିବା ପାଇଁ ତାଙ୍କୁ ଦୀର୍ଘବର୍ଷ ଲାଗିଯାଇଥିଲା । ୧୯୯୦ରେ ସେ ପୁଣି ମୁଖ୍ୟମନ୍ତ୍ରୀ ପଦ ଫେରି ପାଇଥିଲେ । କେନ୍ଦ୍ରରେ ସେ ମନ୍ତ୍ରୀ ହୋଇଥିଲେ ସତ କିନ୍ତୁ ଯେତେବେଳେ ଭାରତର ବର୍ଷର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ଆସିଲା ସେତେବେଳେ ସେ ସେଥିରୁ ବଞ୍ଚିତ ହୋଇଥିଲେ । ହୋଇପାରେ ବିଧିର ବିଡ଼ମ୍ବନା ଥିଲା । ସେ ପ୍ରଧାନମନ୍ତ୍ରୀ ତିଆରି କରିଥିଲେ । ମାତ୍ର ନିଜେ ପ୍ରଧାନମନ୍ତ୍ରୀ ହୋଇପାରିନଥିଲେ ।

ଅବର୍ତ୍ତମାନର ୨୫ ବର୍ଷ ମଧ୍ୟରେ ତାଙ୍କୁ ନେଇ ଓଡ଼ିଶାର ରାଜନୀତି ଯେଉଁଭଳି ଭାବେ କଡ଼ ଲେଉଟାଇଛି ସେଥିରେ ରାଜନୀତିର ଧାର ଧାରୁନଥିବା ଓ ତାଙ୍କ ଜୀବିତ ଅବସ୍ଥାରେ ରାଜନୈତିକ ଉତ୍ତରାଧିକାରୀ ହେବାର କୌଣସି ସୂଚନା ନଥିବା ପୁଅ ନବୀନ ପଟ୍ଟନାୟକ, ଅପ୍ରତିଦ୍ୱନ୍ଦ୍ୱୀ ଅପରାଜେୟ ନେତାଭାବେ ଉଭା ହୋଇଛନ୍ତି । ବିଜୁବାବୁ କେନ୍ଦ୍ରମନ୍ତ୍ରୀ ସହ ମାତ୍ର ଦୁଇଥର ମୁଖ୍ୟମନ୍ତ୍ରୀ ହୋଇଥିବା ବେଳେ ନବୀନବାବୁ କେନ୍ଦ୍ରମନ୍ତ୍ରୀ ସହ ୪ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବାର ଗୌରବଲାଭ କରିଛନ୍ତି । ବିଜୁଙ୍କ ପ୍ରତି ଓଡ଼ିଶା ବାସୀଙ୍କର ରହିଥିବା ସମସ୍ତ ସ୍ନେହ, ଶ୍ରଦ୍ଧା, ଆଦର ଓ ସମ୍ମାନର ଯେମିତି ଉତ୍ତରାଧିକାରୀ ହୋଇଛନ୍ତି ନବୀନ । ଓଡ଼ିଶାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ରାଜନୀତିର ଏହି ବଡ଼ ପରିବର୍ତ୍ତନରେ ତାଙ୍କ ଅନୁଗତ ଓ ଏକାନ୍ତ ଅନେକ ନେତାଙ୍କୁ ନୂଆ ରାସ୍ତା ଦେଖିବାକୁ ପଡ଼ିଛି । ଅନେକ ନେତା ପରିବର୍ତ୍ତିତ ରାସ୍ତାକୁ ଆପଣାଇ ମଧ୍ୟ ନେଇଛନ୍ତି । ନୂଆପିଢ଼ୀ ପରିବର୍ତ୍ତନର ନୂଆଧାରାରେ ଆଗକୁ ଚାଲିବାରେ ସଫଳ ମଧ୍ୟ ହୋଇଛନ୍ତି । ୨୫ ବର୍ଷ ଧରି ଏହି ପରିବର୍ତ୍ତନ ହିଁ ବିଜୁବାବୁଙ୍କୁ ସାଧାରଣ ଜନମାନସରେ ଅଧିକ ଜୀବନ୍ତ ମୂର୍ତ୍ତିମନ୍ତ କରିଛି ।



ବାଦଲ ଭୂୟାଁ

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
ମୋ: ୭୪୮୮୯୯୮୫୩୨,



ଧାରାବାହିକ ଉପନ୍ୟାସ

## ଉଜ୍ଜ୍ୱଳ ଉପତ୍ୟକା

ଭାଗ-୨

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ସୁକାନ୍ତି ନନ୍ଦ
❤ ଗୁଡ଼ିଆ ସାହି, ପୁରୀ-୭୫୨୦୦୧
ମୋ : ୮୩୩୯୦୦୨୬୫୮



ସତରେ ଗୋଳମାଳିଆ ଲାଗୁଛି...ଏ ସମୟ । ଭାଗ୍ୟ କି ଭଗବାନ... କାହା ଉପରେ ଆସ୍ଥା ରଖିହେଉନି । ଦୁଇଟି ପ୍ରିୟ ମଣିଷଙ୍କ ଛିନ୍ନଛତ୍ର ପରିସ୍ଥିତିକୁ ଭାବିଲେ ଛିଃ ଲାଗୁଛି ଘର...ସଂସାର, ଭାଗ୍ୟ ଓ ଭବିଷ୍ୟତ । ଆତ୍ମ ବିଶ୍ୱାସ ତ ଧିମେଇ ଗଲାଣି । ଭଗବତ୍ ବିଶ୍ୱାସ ଉପରେ ବି ଆଉ ଆସ୍ଥା ନାହିଁ । ଯାହା ଘଟିବ...ପୂର୍ବ ଭଳି ହିଁ ଘଟିବ । ଲୁହ ଭିଜା ଆଖି ଆଉ କୋହ ଭର୍ତ୍ତି ଛାତିରେ ସବୁ ଅଭାବବୋଧକୁ ଜାକି ନେଇ ଚୁପ୍‌ଚାପ୍ ରହିବାକୁ ପଡ଼ିବ ।

ଛଟପଟ୍ ହେଇ କାନ୍ଦିଲି ମୁଁ । ଢ଼େର କାନ୍ଦିଲି...ଚିତ୍କାର କରି କାନ୍ଦିଲି ବି । ବାପା ଓ ଅଖିଲ୍ ଶୁଣି ପାରିଲେ ମୋ କାନ୍ଦ ଶବ୍ଦ । ଦୌଡ଼ି ଆସିଲେ । ମୋ ଅସ୍ଥିରତାକୁ ନିୟନ୍ତ୍ରଣ କରିବା ପାଇଁ ବାପା ମୁଣ୍ଡରେ ହାତଦେଇ ବସିପଡ଼ିଲେ କିଛି କ୍ଷଣ । କହିଲେ ମୁଁ ଜାଣିଥିଲି ଲେଖାର ଏଭଳି ଅବସ୍ଥା ଦେଖିଲେ ତୁ ଭାଙ୍ଗି ପଡ଼ିବୁ । ଆମେମାନେ ତ ଟୁକୁଡା ଟୁକୁଡା ହେଇ ସାରିଲୁଣି । ତୁ ଏତେ ଅଧୈର୍ଯ୍ୟ ହେଲେ କଣ ଚଳିବ । ସତରେ ମ ଝିଅ ଏଇ କେତେଦିନ ହେବ ମୁଁ ମାଟିରେ ନଥିଲି ମହାଶୂନ୍ୟରେ ଘୂରିବୁଲୁଛି । ଭୁଲି ଯାଇଛି ଭୋକ ଶୋଷ । ନିଦ ତ' କାହିଁ କେତେ ଦିନରୁ ଦୂରେଇଗଲାଣି ମୋ ବିଛଣା ଛାଡ଼ି । ଲେଖା ପାଇଁ, ସନ୍ନ୍ୟାସୀ ଭଳି ଜୀବନ ବିତଉଛି ମୁଁ । ଈଶ୍ୱର ସହାୟ ହୁଅନ୍ତେ କି... ନିୟମ ନିଷ୍ଠାର ସହ ମୋ ଅବଶିଷ୍ଟ ବୟସକୁ ଉତ୍ସର୍ଗ କରି ମୁଁ ତାଙ୍କୁ କୁହନ୍ତି ମୋ ମୃତ୍ୟୁ ଘଟରେ ଲେଖାର ବୀଜାଙ୍କୁର ସମ୍ଭବ କରିଦିଅ ପ୍ରଭୁ...ମୋ ମୁକ୍ତିରେ ତା ଜାଗୃତିର ଝଣଝଣ ନାଦ ମାଟିଠୁ ଆକାଶ ଯାଏଁ ଚମ୍‌କେଇଦିଅ ।

ବାପା ଥକି ପଡ଼ିଲେ । ନିରବି ଗଲେ । ତାଙ୍କର ବା ଶକ୍ତି କେତେ ! ଆସ୍ତେ ଆସ୍ତେ ସରି ଆସୁଥିବା ସମୟ ସହିତ ଝାଉଁଳା ପରିସ୍ଥିତିମାନଙ୍କୁ ଛାତିରେ ଜାକି ସେ ବି ତ' ରୋଗୀଟିଏ ଭଳି ଟହଲୁଛନ୍ତି । ନିଜର ଦେଖାଶୁଣା କରିବାକୁ ତାଙ୍କର ସମୟ ବା କାହିଁ । ଦେହଟେ ଅଛି, ତା'ର ଯତ୍ନ ନେବାଟା ଜରୁରୀ, ସେ ନେଇ ସଚେତନ ନୁହଁନ୍ତି ସେ । ହେଲେ ମୋ ମା... ଏ ମାମଲାରେ ବାପାଙ୍କୁ ସାହାଯ୍ୟ କରିପାରନ୍ତେ ତ ! ପୂଜାପାଠ ଧ୍ୟାନ ଭଜନ ହୁଏତ ଏ ସବୁର ପ୍ରୟୋଜନ ଅଛି ଏଭଳି ସମୟକୁ ସହଜ କରିବାପାଇଁ । ତଥାପି ତ' ରୋଗୀର ସେବା ଯତ୍ନ ପାଇଁ କିଛି ସମୟ କାଢ଼ିବା ଉଚିତ୍ । ବାପା ଏକା କେତେ କଣ କରିପାରିବେ ! ଛାଡ଼ ମା' କାଳେକାଳେ ଏମିତି ଠାକୁରମାନଙ୍କୁ କୁଣ୍ଢେଇ ଜାକି ଚଳି ଆସିଛନ୍ତି । ସହଜେ ତ ଏବେ ବୟସ ବଢ଼ିଲାଣି । ଭଗବତ୍ ଚିନ୍ତା ଓ ବିଶ୍ୱାସକୁ ନେଇ ଆଗତ ସମୟ କେମିତି ଭଲରେ ବିତିଯାଉ, ସ୍ୱାମୀ ଓ ପିଲାମାନେ ନିରୋଗ ରୁହନ୍ତୁ ପୁଣି ସେମାନଙ୍କ ଜୀବିତ ଅବସ୍ଥାରେ କାଚ ସିନ୍ଦୂର ନାଇ ସେ ବିଦାୟ ନିଅନ୍ତୁ ଏ ସଂସାରରୁ, ଏତିକି ହିଁ ତ ତାଙ୍କ କାମନା ବାସନା ଓ ଯୁଗଯୁଗର ଅପେକ୍ଷା ।

ଆରେ ଦେବା... ଅସମୟରେ ତୁ ଅଫିସରୁ ଚଳି ଆସିଲୁ ଯେ...ମାନସୀ କହୁଥିଲା ତୋର ବେଳାଏ କାମ ବାକି ଅଛି, ସାରିଦେଇ ଆସିବୁ ବୋଲି...!

: ତମେମାନେ ଆସିଛ, ମୁଁ କେମିତି ସେଠି ଚୁପ୍‌ଚାପ୍ ବସିପାରିଥାନ୍ତି...। ଅଖିଳ ଭାଇ କୋଉଠି... ବାପାଙ୍କ ପାଖରେ କି ?

: ହଁ ବାପା ଓ ସେ ଲେଖାର ଟ୍ରିଟ୍‌ମେଣ୍ଟ ସଂପର୍କରେ କଥାବାର୍ତ୍ତା ହେଉଛନ୍ତି ।

: ଝୁମୁରୀ କାହିଁ ? ସତ ନା ନାନୀ, ତାକୁ ଦେଖିବି ବୋଲି ତ ଅଧାକାମରୁ ଅଫିସ ଛାଡ଼ି ଚଳି ଆସିଲି । ହେଲେ ମୋ ବେବି ଡଲ୍ ମାମୁ କଥା କେମିତି ଭୁଲିଗଲା ମ ?

: ତୁ ତ ଜାଣିଛୁ ଝୁମୁରୀ ଆଉ ଲୁଲା ଏକାଠି ହେଲାମାନେ ଗଗନ ପବନ ଏକାକାର କରିଦେବେ । ସେ ଦୁଇଜଣ ଯେ ଏବେ କୋଉଠି ଅଛନ୍ତି ମତେ ବି ଜଣା ନାହିଁ, ହୁଏତ ସେମାନଙ୍କୁ ସଫାସୁତୁରା କରି ମାନସୀ ଖୁଆଉଥିବ ।

: ଲୁଲା ଭାରି ଦୁଷ୍ଟ ହେଇଛି ମ' ନାନୀ । ବାପା ତାକୁ ଗେଲବସର କରି ମୁଣ୍ଡରେ ବସେଇଛନ୍ତି । ସେଥିପାଇଁ ସେ କାହା କଥା ଶୁଣୁନି କି ମାନୁନି । କୋଉ କଥାକୁ ତ' ତାର ଡର ଭୟ ନାହିଁ । ନିଜ ମା' ଭାବେ ମାନସୀକୁ ସେ ଖାତିର୍ କରୁନି । ଦୁଷ୍ଟାମୀର ସୀମା ଟପିଗଲେ ଆମ ମା' ବେଳେବେଳେ ତାକୁ ତାଗିଦ୍ କରନ୍ତି । କହନ୍ତି - ରହରେ ଟୋକା ସାର୍‌ଙ୍କ ଆଗରେ ତୋ କାର୍ଯ୍ୟକାର୍‌ନାମାକୁ କହିଦେଲେ ସେ ତତେ ସ୍କୁଲରେ ପୂରେଇବେନି । ପାଠଶାଠ ଯୋଉମାନେ ନପଢ଼ନ୍ତି ସେମାନଙ୍କୁ ଗଧ କୁହାଯାଏ । ତୁ ସେମିତି ପେଟୁଆ ଗଧଟିଏ ପରି ଆମ ଘରେ ରହିବୁ । କିଛି ନବୁଝି ନସୁଝି ସବୁ କଥାରେ ମୁଣ୍ଡ ହଲଉଥିବୁ ।ହସ ଲାଗିଲା, ଦେବା କଥା ଶୁଣି । ମୁଁ ବି ହସିହସି କହିଲି - ତୁ ବୋକାଙ୍କ ଭଳି କଥା କହୁଛୁ । କେତେ ବା ବୟସ ହେଲାଣି ଲୁଲାର । ଛୋଟ ପିଲା ଖେଳକୁଦରେ ମାତିବେନି ତ କଣ କରିବେ । ଆରେ ବାବା ବଦଳିବା ସମୟ ସହିତ ପାଦ ମିଳେଇ ଆମେମାନେ ବି ଚଳିବା ଉଚିତ୍ । ଯା ବୋଲି ଆକଟ ନିୟମ କଣ ଉଠିଯିବ ଆମ ଅଭିଧାନରୁ । ତେବେ ତୁ ବ୍ୟସ୍ତ ହ'ନା । ଛୁଆବେଳର ଖୁଜୁବୁଜୁ ପଣ ହେତୁ ହେଲାବେଳକୁ ଆଉ ରହି ନଥାଏ । ଠିକ୍ ଠାକ୍ ହେଇଯିବରେ ସମୟ । ଆମ ସମସ୍ତଙ୍କ ଭଳି ଈଶ୍ୱର ବି ତ' ତା'ପାଇଁ ସୁନ୍ଦର ପରିଷ୍କାର ରାସ୍ତାଟିଏ ତିଆରିଥିବେ । ଚଳୁଚଳୁ ସେ କେମିତି ବାଟବଣା ନହେଉ ସେତିକି ଆମର ତଦାରଖ କରିବା କଥା ।

ମୋ ଉତ୍ତରରେ କିଛିଟା ଆଶ୍ୱସ୍ତ ହେଲା ଦେବା ।

ଦୁଃଖ ସୁଖକୁ ନେଇ ଆମ ଭାଇଭଉଣୀଙ୍କ କଥାବାର୍ତ୍ତା ଭିତରେ ମା' ଯେ ଆସି ଧସେଇ ପଶିବେ, ଜାଣିନଥିଲି ମୁଁ ।

ମୋ ଆସିବା ସମୟଠୁ ସେ ଯେ ମତେ ଦେଖାକରି ନଥିଲେ ସେଥିପାଇଁ ତ ମୋ ମନ ରାଗ ଓ ଅଭିମାନରେ ଟିକ୍‌ଟିକ୍ ହେଇଯାଉଥିଲା । ସେ ନେଇ ତାଙ୍କ ଆଡ଼କୁ ନଚାହିଁବାର ଅଭିନୟ କଲି ମୁଁ । ହସି ହସି ସେ ମୋ ମୁଣ୍ଡ ଉପରେ ହାତଥୋଇ କହିଲେ - ମୋ ଉପରେ ରାଗିଛୁ କିରେ ମା' - ମୁହଁ ଫୁଲେଇ ବସିଛୁ ଯେ ! କଣ ଆଉ କରିବି କହ... ଏ ଯୋଉ ବିଷମ ପରିସ୍ଥିତି ମତେ ଲହୁଲୁହାଣ କରି ସାରିଲାଣି, ଏକା ମୁଁ କାହିଁକି, ଆମେ ସମସ୍ତେ ଦୁଃଖଭରା ନଈରେ ଟଳମଟଳ ହେଉଥିବା ଗୋଟେ ଗୋଟେ ଭଙ୍ଗା ନାଆ ପରି ଭାସି ଚଳୁଛୁ । କୋଉଦିନ କୂଳରେ ଲାଗିବୁ ତାହା ବି ଆମକୁ ଜଣାନାହିଁ । ବାପାଙ୍କ ଅବସ୍ଥାକୁ ତ ତୁ ଦେଖୁଥିବୁ । ମୁଁ ବି ଆଉ ପାରୁନି, ବଳ ସାହସ ମୋର ସରିସରି ଯାଉଛି ।

ହଠାତ୍ ମା' ଥରିଥରି କାନ୍ଥକୁ ଆଉଜି ବସିପଡ଼ିଲେ ।

ମୁଁ ଆଶ୍ଚର୍ଯ୍ୟ ହେଇଗଲି - ଏତେ ଦୁର୍ବଳ ଶକ୍ତିହୀନ ସେ କେମିତି ହେଲେ । ତାଙ୍କର ଏଭଳି ଅବସ୍ଥାକୁ ସୁଧାରିବା ପାଇଁ ମାନସୀକୁ ବଡ଼ପାଟି କରି ଡାକିଲି - ଶୀଘ୍ର ମା'ଙ୍କ ପାଇଁ ପାଣି ଗ୍ଲାସ୍‌ଟେ ନେଇ ଆସେ ତ' !

: ପାଣି ନୁହେଁ ମ' ନାନୀ, ମା' ଠିକ୍ ଏଇ ସମୟରେ ଗାଢ଼ ଲେମ୍ବୁରସର ସର୍ବତ ପିଅନ୍ତି । ପିଲା ଦି'ଟା ଏତେ ହଇରାଣ କଲେ ଯେ ତାଙ୍କ ପାଖକୁ ଆସିବା ପାଇଁ ଡେରି ହେଇଗଲା । ଏଇ ନିଅ, ମା'ଙ୍କୁ ପିଆଇ ଦିଅ ।

ସର୍ବତ ପିଉପିଉ ମା' ଟିକେ ହସିଦେଇ କହିଲେ - ଆରେ ସେ ଦୁଷ୍ଟ ଛୁଆ ଦି'ଟାଙ୍କୁ ଡାକି ଆଣ ମୋ ପାଖକୁ । ଆମ ଲୁଲା ତ'ପୋଖତ ସୈତାନ୍ । ତା' ସଇତାନି ବଳରେ ଝୁମୁରୀକୁ ସେ ବଶ କରିଦେବଣି । ମାନସୀ ଯାଆ, ଡାକିଆଣେ ସେମାନଙ୍କୁ ।

ମାନସୀ ଗୋଡ଼ ବଢ଼େଇଛି କି ନାହିଁ ଉଡ଼ନ୍ତା ଇଗଲ୍ ଭଳି ଝପସି ଆସିଲେ ଝୁମୁରୀ ଓ ଲୁଲା । ମା'ଙ୍କ କୋଳରେ ଝୁଲିଝୁଲି ଦୋଳି ଖେଳିଲେ । ଭିଜିଗଲେ ବି ମା'ଙ୍କ ସ୍ନେହ ଆଦର ଓ ଆଉଁସାରେ । ହଠାତ୍ ମା'ଙ୍କ ଆଖିରେ ଲୁହ ଦେଖି ମୁଁ ଚମକି ପଡ଼ିଲି । ଭାବିଲି କଣ ହେଲା ଖୁସୀ ଆନନ୍ଦର ଶକ୍ତ ବଳୟ ଭିତରକୁ ଲୁହର ଲହରୀ ଧସେଇ ଆସିଲା କାହିଁକି ? ଡରଡ଼ର ଭାବରେ ପଚାରିଲି - କଣ ହେଲା ମା' ତମେ କାନ୍ଦିଲ କାହିଁକି ? ତମ ଦେହ ଭଲ ଲାଗୁନି କି ? ସକାଳ ପହରୁ ଭୋକରେ ରହିଛ ଯେ ଦିନର ଅଧାଅଧି ସମୟ ଅତିକ୍ରମିଲାଣି । ଆସ୍ତେ ଆସ୍ତେ ବୟସ ବଢୁଛି ମା, ଯାହା କିଛି କରୁଛ ସମୟ ମୁତାବକ କରୁନ କାହିଁକି ?

ମା'ଟିକେ ହାଲ୍‌କା ହେଇ କହିଲେ - ଆରେ ନା, ଝୁମୁରୀର ହସକୁରା ମୁହଁ ଦେଖି ଲେଖାର ଛୋଟ ବେଳ କଥା ମୋର ମନେ ପଡ଼ିଗଲା । ଏମାନଙ୍କ ଭଳି ସେ ବି ଆସି ଦୁଲୁକିନା ମୋ କୋଳରେ ବସିପଡ଼େ । କହେ - ମାଇଁ ତମେ ମତେ ବେଶୀ ଭଲପାଅ ନା' ଚିତ୍ରାକୁ ? କୁହ ନା ମାଇଁ...ତମେ କଣ ମତେ ଭଲ ପାଅନି ? ଶାଢ଼ୀକାନୀରେ ଲୁହ ପୋଛିଲେ ମା' । କହିଲେ - ସେଦିନର ଚଳଚଞ୍ଚଳ ଲେଖା ନିର୍ବେଦ ନିର୍ଜୀବ ଭଳି ଶୋଇଛି କତରା ଲଗା ରୋଗୀଟିଏ ଭଳି । ଏସବୁ ଦେଖିଲେ ଧୈର୍ଯ୍ୟ ଧରିପାରିବ କିଏ ? ଶଂଖା ସିନ୍ଦୂର ନାଇ ଅହ୍ୟ ଡେଙ୍ଗୁରା ବଜେଇ ସୁଭଦ୍ରା ଚଳିଗଲେ । ପତ୍ନୀ ବିୟୋଗ କଷ୍ଟ ସହ୍ୟ କରିପାରିଲେନି ପ୍ରତାପ । ଅଳ୍ପଦିନର ବ୍ୟବଧାନରେ ସେ ବି ତାଙ୍କ ପିଛା ଧରିଲେ । ବାଳୁଙ୍ଗା ପୁଅ ଦି'ଟା... ଛାଡ଼ ଛାଡ଼ ସେମାନଙ୍କ କଥା । ଲୁଗାକାନୀରେ ଲୁହ ପୋଛି ମା' ଆଉ କିଛି କହିବା ପୂର୍ବରୁ ମୁଁ ହଠାତ୍ ପଚାରିଦେଲି - ସୁଧୀର, ସୁଦୀପ ତ ଦୁଷ୍ଟ ବାଳୁଙ୍ଗା । ଯୋଉଠିକି ଯିବେ ରେଗି ନାରୀ କରି ଡିଷ୍ଟିଯିବେ । ଘର ପରିବାରର ନାଁ ଗାଁ ମାଟିରେ ମିଶିଲେ ବି ଖାତିର କରିବେନି । ରୁହନ୍ତୁ, ଖୁସୀରେ ଚଳନ୍ତୁ ସେମାନେ । ହେଲେ ଆମ ସଞ୍ଜୟ ଭାଇ, ରୂପ, ଗୁଣ, ବୁଦ୍ଧି ଓ ବିବେକର ଶୀର୍ଷରେ ଥାଇ ଭଗବାନଙ୍କ ପ୍ରିୟପାତ୍ର ହେଲାନି କାହିଁକି ? ତା ପାଇଁ ମୁଁ ପ୍ରତି ରାତିରେ କାନ୍ଦେ, ମାମୁ ମାଇଁଙ୍କ ପାଇଁ ପ୍ରାର୍ଥନା କରେ ଈଶ୍ୱରଙ୍କୁ ।

ଆଶ୍ଚର୍ଯ୍ୟ... ମୁଁ କହିଚାଲିଛି... ଅଥଚ ମା' ମାନସୀ ଓ ଦେବା... ସମସ୍ତେ ଚୁପ୍‌ଚାପ୍ । ଯେମିତି ନୀରବତାରେ ବତୁରୁଛନ୍ତି । ଘଟଣା କ'ଣ ! ବାପାଙ୍କ ଭଳି ଏମାନେ ବି ସଞ୍ଜୟ ଭାଇ ନାଁ ପଡ଼ିଲା ମାତ୍ରେ ଚୁପ୍ ହେଇଯାଉଛନ୍ତି ! ତା ଦେହାନ୍ତ ପୂର୍ବରୁ ମାମୁ ମାଇଁଙ୍କ ସହିତ ଆମ ପରିବାରର କିଛି ମନୋମାଳିନ୍ୟ ହେଇଛି କି ? ମାନସୀ ପରିସ୍ଥିତିକୁ ସମ୍ଭାଳି ନେଇ କହିଲା - କେତେ ସମୟ ହେଲାଣି ଆପଣ ଜାଣି ପାରୁଛନ୍ତି ତ ମା' ! ଖାଇବା ପିଇବାର ଝାମେଲା ଏ ପର୍ଯ୍ୟନ୍ତ ସରିନି । ଏଇତ ଆପଣଙ୍କ ପୁଅ ଏଠୁ ଯାଇ ବାବା ଓ ଅଖିଳ ଭାଇଙ୍କ ପାଖରେ ଲାଖି ଗଲେଣି । ଲେଖାନାନୀଙ୍କ ଖାଇବା ସମୟ ହେଲାଣି ପରା । ଉଠନ୍ତୁ ନା... ଶୀଘ୍ର ତାଙ୍କ କାମ ସାରିଦେଇ ଆସନ୍ତୁ ।

: ଆରେ ସତେ'ତ, ଲେଖା ଯେ ଏ ପର୍ଯ୍ୟନ୍ତ ଖାଇନି । ଯା ମାନସୀ ତା ଖାଇବା ସଜାଡ଼ି ଶୀଘ୍ର ନେଇଆ ।

ଅଣ୍ଟାସଳଖି ଲୁଗାକାନୀକୁ ଘୋଡ଼ିଆଘୋଡ଼ି କରି ମା' ଉଠିଲେ । ମାନସୀ ରୋଷେଇ ଘରକୁ ଚଳିଗଲା । ପିଲା ଦି'ଟା ଦୌଡ଼ିଗଲେ ତା ପଛେପଛେ । ମା'ଙ୍କ ପାଖକୁ ଯାଇ କହିଲି - ଆଜି ତମେ ବିଶ୍ରାମ ନିଅ । ଲେଖାର ଖାଇବା ଦାୟିତ୍ୱ ମୁଁ ନେଉଛି ।

: ତୁ ପାରିବୁନିରେ ମା, ବଡ଼ କଷ୍ଟ ତାକୁ ଖୁଆଇବାରେ ।

: ହଉ କଷ୍ଟ ମୁଁ ପାରିବି । ତମେ ଯାଅ ଅବଶିଷ୍ଟ କାମ ସାରି ବିଶ୍ରାମ ନିଅ । କେତେ ହନ୍ତସନ୍ତ ହେଲଣି ତମେମାନେ ! କିଛିଟା ଦାୟିତ୍ୱ ଆମେ ସମ୍ଭାଳି ନେଲେ କ୍ଷତିକଣ ?

: ହଉ ଯା, ଲେଖାକୁ ଆଜି ଖୁଆଇ ଦେଇ ଆ' । ତୁ ନ ଆସିବାରୁ ଅଭିମାନରେ ଚୁପ୍‌ଚାପ୍ ଅଛି ସେ । ତୋ ଭଉଣୀକୁ ସନ୍ତୁଷ୍ଟ କରିଦେ ଆଜି ।

: ହେଲେ ମା, ବାପା ଅଖିଳ ଆଉ ଦେବା କି ପ୍ରକାର ଆଲୋଚନାରେ ବ୍ୟସ୍ତ ଅଛନ୍ତି ?

ଡାକନା' ସେମାନଙ୍କୁ । ବାପା ଓ ଅଖିଳ ସନ୍ଧ୍ୟାବେଳକୁ ପରା ଡକ୍ଟରଙ୍କ ପାଖକୁ ଯିବେ । ଠିକ୍ ସମୟରେ ଠିକ୍ କାମ ନକଲେ କେମିତି ହେବ ! (କ୍ରମଶଃ)

## ଏକ ନିଆରା ପ୍ରେମ କାହାଣୀ

ଅଣୁ ଗଳ୍ପ



ଝରଣା ବାରିକ



ସବୁଦିନ ଭଳି ଆଜିବି ରୁପଶ୍ରୀ ରାଜେନ୍ଦ୍ର ବାଟକୁ ଚାହିଁ ବସିଛି । ଅଫିସରୁ ଫେରିବା ସମୟ ହେଇଗଲାଣି ରାଜେନ୍ଦ୍ରର । ମନଟା କାହିଁକି ଭାରି ଅସ୍ଥିର ହେଇ ଉଠୁଛି ରାଜଶ୍ରୀର । ଅପେକ୍ଷା କରି କରି ବିରକ୍ତ ହେଇ ଗଲାଣି । ଫୋନ କଲେ ବି ରିସିଭ କରୁ ନାହାନ୍ତି । କେମିତି ଏକ ଅଜଣା ଭୟରେ ଛାତି ଭିତରଟା ଥରି ଉଠୁଛି । କେବେ ଏତେ ଡେରି ହୁଏ ନାହିଁ । ଥରକୁ ଥର ଘଣ୍ଟାକୁ ଚାହିଁ ସମୟକୁ ଅନୁଧ୍ୟାନ କରୁଛି ରୂପଶ୍ରୀ । ବାହାଘର ଛଅ ମାସ ଭିତରେ ଏତେ ଡେରି କେବେ ହେଇ ନଥିଲା । ଫୋନ ରିସିଭ ନ କଲେ ବି ତାଙ୍କ ଆଡୁ ବି ଫୋନ କରୁଥିବା ନାହାନ୍ତି । ଏତେ ସବୁ କଥା ଭାବିଲା ବେଳକୁ ମୁଣ୍ଡ ଭିତରଟା ଗୋଳମାଳ ହେଇ ଯାଉ ଥାଏ ।

ଲଥ କିନା ସୋଫା ଉପରେ ବସି ପଡ଼ିଲା । କେତେ କ'ଣ ଭାବନାରେ ପଡି ଯାଇଥାଏ ରୂପଶ୍ରୀ । ଏଇ ସମୟରେ ଝଡ଼ ଭଳି ଘର ଭିତରକୁ ପଶି ଆସିଲେ ରାଜେନ୍ଦ୍ର । ରୁମ ଭିତରକୁ ପଶି ଯାଇବେଡ ଉପରେ ଗଡ଼ି ପଡ଼ିଲେ । ତକିଆରେ ମୁହଁକୁ ଗୁଞ୍ଜି ଦେଇ ଛୋଟ ପିଲାଙ୍କ ଭଳି କାନ୍ଦି ବାକୁ ଲାଗିଲେ । ରାଜଶ୍ରୀ ତା ପାଖକୁ ଦୌଡି ଆସି କ'ଣ ହେଇଛି ବୋଲି ପଚାରିଲା । ତା କାନ୍ଦ ଦେଖି ରାଜଶ୍ରୀ ବି କଇଁ କଇଁ ହୋଇ କାନ୍ଦି ବାକୁ ଲାଗିଲା ।

ଅଧ ଘଣ୍ଟାଏ ପର୍ଯ୍ୟନ୍ତ କେହି କିଛି ବୁଝି ପାରୁ ନଥାନ୍ତି ।

କିଛି ସମୟ ପରେ ରାଜେନ୍ଦ୍ର କହିବା ଆରମ୍ଭ କଲା । ଆଜି ମୁଁ ଅଫିସରୁ ଫେରିବା ବାଟରେ ଗୋଟିଏ ଝିଅ କାରରେ ଯାଉଥିଲା । ମୋତେ ଦେଖିବା କ୍ଷଣି କାର ଅଟକାଇ ମତେ ଭିଡି ଧରିଲା ଆଉ କେତେ କ'ଣ କହି ଯାଉଥିଲା । ସେସବୁ ମୁଁ କିଛି ବୁଝି ପାରୁନଥିଲି । ରାସ୍ତା ମଝିରେ ମତେ ଭିଡି ଧରି ଚୁମ୍ବନ ପରେ ଚୁମ୍ବନ କରି ଚାଲିଲା । ତା ସହିତ ଥିବା ଲୋକମାନେ ମତେ କାରରେ ବସିବା ପାଇଁ କହିଲେ ମୁଁ ମନା କରିବାରୁ ମତେ ବହୁତ ଅନୁରୋଧ କଲେ । ମୋ ଗୋଡ଼ ହାତ ଧରି ପକେଇଲେ । ମୁଁ ବାଧ ହୋଇ ଗାଡ଼ିରେ ବସିଲି । ସେଇ ଝିଅଟି ମତେ ଜୋରରେ ଜାବୁଡ଼ି ଧରି ଥାଏ । କହୁଥାଏ ମତେ ଆଉ କେବେ ଛାଡି କି କୁଆଡେ ବି ଯିବ ନାହିଁ । ମୁଁ ସ୍ଥାଣୁ ପାଲଟି ଯାଇଥାଏ । କିଛି ସମୟ ପରେ ଗାଡ଼ି ଗୋଟିଏ ଜାଗାରେ ରହିଲା ସମସ୍ତେ ଓହ୍ଲାଇ ପଡ଼ିଲେ ମୁଁ ବି ଓହ୍ଲାଇଲି । ତାପରେ ଝିଅଟିକୁ ନେଇ ସେମାନେ ଆଗେଇ ଚାଲିଲେ । ମୁଁ ପୁରା ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲି ।

ସେ ଥିଲା ଗୋଟିଏ ମେଣ୍ଟାଲ ହସ୍ପିଟାଲ ।

ଝିଅଟି ଭିତରକୁ ଗଲା ପରେ ତା ବଡ଼ ଭାଇ ମୋତେ ଆସି କ୍ଷମା ମାଗିଲେ । ଆଉ ଯାହା କହିଲେ ସେ କଥା ମୋତେ ବହୁତ କଷ୍ଟ ଦେଲା । ଝିଅଟି ଗୋଟିଏ ପୁଅକୁ ଭଲ ପାଉଥିଲା । ଏଇ କିଛି ଦିନ ପରେ ତାଙ୍କର ବାହାଘର ହେଇଥାନ୍ତା । କିନ୍ତୁ ଦୁର୍ଭାଗ୍ୟର କଥା ପୁଅଟି ଆକ୍ସିଡେଣ୍ଟରେ ମରିଗଲା । ସେଇ ଦିନ ଠାରୁ ଏଇ ଝିଅଟି ପାଗେଳି ହେଇ ଯାଇଛି ।

ଏକଥା ଶୁଣି ରାଜଶ୍ରୀ ପଚାରିଲା ସେମାନେ ତମକୁ କାହିଁକି ନେଇ ଗଲେ । ରାଜେନ୍ଦ୍ର କହିଲା ସେ ପୁଅ କୁଆଡେ ଠିକ୍ ମୋ ପରି ଦେଖିବାକୁ । ସେମାନେ ମୋତେ ନେଲାବେଳେ ମୋ ଆଖି ଆଗରେ ତୁମ ମୁହଁ ନାଚି ଉଠୁଥିଲା । ମୁଁ କିଛି ଭାବିବା ଜାଣିବା ଆଗରୁ ଏତେ ସବୁ ଘଟଣା ଘଟିଗଲା ମୁଁ ବିଶ୍ୱାସ ବି କରି ପାରୁନି । ଯଦି ସେମାନେ ମତେ ଛାଡ଼ି ନଥାନ୍ତେ ତମେ କଣ କରିଥାନ୍ତ ସେଇ କଥା ଭାବି ମୁଁ ଭାଙ୍ଗି ପଡ଼ିଥିଲି ।

ରାଜଶ୍ରୀ ରାଜେନ୍ଦ୍ରକୁ ତା ପାଖକୁ ଟାଣି ଆଣି କହିଲା ମୋ ଭଲ ପାଇବାର ଶକ୍ତି ଏତେ ଯେ ମୋ ଠୁ ତମକୁ କେହିବି ଅଲଗା କରି ପାରିବେ ନାହିଁ ।

❤ ସମଲ, ତାଳଚେର, ଅନୁଗୋଳ
ମୋ : ୯୫୫୬୮୪୬୯୩୨

## ବହି ଆଲୋଚନା

# ଶବ୍ଦର ବେଗ ଠାରୁ ଆହୁରି ତୀବ୍ର : ନନ୍ଦଦାସର ଆତ୍ମଲିପି (୨)



ଡ. ରାଧାରଂଜନ ପଟ୍ଟନାୟକ



(ପୂର୍ବ ପ୍ରକାଶିତ ଉତ୍ତାରୁ...)

କବି ରାଉତ ଏମିତି ଏକ 'ସନ୍ଧିକ୍ଷଣ' ରେ ପାଦ ରଖିଛନ୍ତି, ଯେଉଁଠି ଜଣେ ସତ୍ୟନିଷ୍ଠ ମଣିଷ ନନ୍ଦଦାସର କଥା ବଖାଣି ଛନ୍ତି । ଖୁବ ଉଚ୍ଚପଦବୀର ଆସୀନ ହୋଇ ମଧ କର୍ମମୟ ଜୀବନ ରେ ନନ୍ଦଦାସ ନିଜର ନିର୍ମଳଭାବ ମୂର୍ତ୍ତି

ପ୍ରତିଷ୍ଠା କରି ପାରିଛନ୍ତି ।ତାଙ୍କ ଜୀବନରେ କେବେବି ଅର୍ଥ ଲୋଭର ମୋହ ଅସିନାହିଁ । ସତ୍ୟପଥର କର୍ତ୍ତବ୍ୟ ନିଷ୍ଠା ଭିତରେ ବିତିଛି ସମଗ୍ର ଜୀବନ ।ତାଙ୍କ ଅଧୀନରେ କାର୍ଯ୍ୟରତ ତଳିଆ କର୍ମଚାରୀ ସ୍ୱଳ୍ପ ବେତନରେ ବି କୋଠା ତିଆରି କରିଛନ୍ତି । ମାତ୍ର ନନ୍ଦ ଦାସ ଏହାର ଏକ ବ୍ୟତିକ୍ରମ ।ଯେଉଁଥିପାଇଁ ଗାଁର ଅଧିକାଂଶ ଉଦଣ୍ଡି ମାଇପି ମାନଙ୍କରଟାହି ଟାପରାରୁ ମୁକ୍ତି ପାଇନାହାଁନ୍ତି ସେ । ଗାଁ ଦାଣ୍ଡରେ ଜଣେ ନିଶ୍ଚଳ ପ୍ରତିମା ଭଳି ଠିଆ ହୋଇଥିବା ନନ୍ଦ ଦାସ ତା' ମା'ର ସ୍ନେହ କାଙ୍ଗାଳ ମୁହଁକୁ ଦେଖିଛନ୍ତି ଏବଂ ପଣଜେଜେବାପା ଅମଳର ସେଇ ଆଟୁ ଘର ଉପରେ ଆଖି ବୁଲାଇଛନ୍ତି। ଜଣେ ନୀତିବାଦୀ ବ୍ୟକ୍ତି ହିଁ ଏପରି ଅଦର୍ଶ ରେ ସମୟ ବିତାଇ ପାରେ । ଯାହା ଲକ୍ଷ୍ୟ କରାଯାଇଛି ନନ୍ଦଦାସଙ୍କର ଚରିତ୍ରରେ । ହୁଏତ ଏଥିପାଇଁ କବି କଣ୍ଠର ସ୍ୱୀକାରୋକ୍ତି- 'ପନ୍ଦରବର୍ଷ ଅଫିସର ଚାକିରୀ କରିଥିବା ପୁଅ/କାଠ ହୋଇ ଠିଆ ହାଇଥିଲା ଦାଣ୍ଡ ରେ/ଥରେ ମା ମୁହଁକୁ ଚାହୁଁ ଥିଲା ତ'/ଆଉ କେତେବେଳେ ମୁହଁ ଟେକି ଫଂଜେଜେଜେ/ ଅମଳ ର ସେହି ଆଟୁ ଘରକୁ।' କବି ରାଉତ ନିଜ ଅନୁଭବର ତୀର୍ଯ୍ୟକ ସରଣୀ ଟିଏ ନିର୍ମାଣ କରିଛନ୍ତି । କବିଙ୍କର ଢେର ସାରା କବିତାରେ ସୂକ୍ଷ୍ମତାନ୍ତ୍ରିକ ବିଚାର ଧାରା ର ପ୍ରାଣସତ୍ତା ।'

"Time marches on but memories are price less . 'ସ୍ମୃତି ଜୀବନର ଏକ ସ୍ପନ୍ଦନ । ଖୁବ ମଧୁର ଆବେଗ ସର୍ବସ୍ୱ ତାର ପ୍ରକାଶମାନତା । ଜୀବନାଲେଖ୍ୟର ନିବିଡ଼ ସତ୍ୟପାଠ କବିତା ଗୁଡିକୁ ଯଥେଷ୍ଟ ସୁଖପାଠ୍ୟ କରିପାରିଛି।

'ନନ୍ଦଦାସର ଆତ୍ମ କଥା' ଭିତରେ ସେ ନିଜକୁ ଯେଉଁ ଦୃଷ୍ଟିରେ ଦେଖିଛନ୍ତି, ଯଦି ସଭିଙ୍କୁ ସେଇ ଦୃଷ୍ଟିରେ ଦେଖିବେ ତେବେ ସମାଜରେ ନା ରହିବ ଭେଦଭାବ ନା ରହିବ ଉଚ୍ଚ- ନୀଚର ପ୍ରଭେଦ। ନନ୍ଦଦାସ ଏମିତି ଏକବିଶ୍ୱାସର ଅନାହାତ ସ୍ୱର ଶୁଣି ପାରିଛନ୍ତି । ସେ ସେଇମିତି ଏକ ସମାଜ ଗଠନ କରିବାକୁ ଚାହାଁନ୍ତି, ଯେଉଁଠି ସଭିଏଁ ହଜିବେ ମୁକ୍ତି ପାର୍ବଣର ନିତ୍ୟ ଉଲ୍ଲାସରେ । ସତରେ ଜଣେ ଉଦାର ବାଦୀ କବି ହିଁ ଏମିତି ଚିନ୍ତା କରିପାରେ ।

କବି ଟିଏ ଯୁଗେ ଯୁଗେ ଦୁନିଆ ସମ୍ନାରେ ପାଗଳ । ପାଗଳ ନହେଲେ ଗଦା ଗଦା ସୃଷ୍ଟି କରି ପାରନ୍ତା ନାହିଁ । ପାଗଳ ଭଳି ନିଜ ଜୀବନକୁ ଉତ୍ସର୍ଗ କରିଦିଏ । ଖାସ ସମାଜ ଓ ଜାତିର କଲ୍ୟାଣ ପାଇଁ ।ସମ୍ଭବତଃ ନନ୍ଦଦାସ ଏକା ଏକା ବାଇଆଙ୍କ ଭଳି ବିଳିବିଳେଇଛନ୍ତି । ମନକୁ ମନ 'ମୁ କିଏ ବୋଲି ପ୍ରଶ୍ନ କରିଛନ୍ତି । ନନ୍ଦଦାସଙ୍କର ଏପରି ପରିବର୍ତ୍ତନ ଦେଖି ପତ୍ନୀ ମଧ ତାଙ୍କୁ ବାଇଆ କହି ବ୍ୟଙ୍ଗ କଷିଛନ୍ତି । ନନ୍ଦଦାସ ଯେ ଆନମନା ହୋଇଯାଉଛନ୍ତି । ଏ ସମ୍ପର୍କରେ ବନ୍ଧୁବାନ୍ଧ, ସାଙ୍ଗସାଥୀ, ସାଇପଡ଼ିଶା, ସହକର୍ମୀ ମାନେବି ଆଲୋଚନା କରିଛନ୍ତି । ମାତ୍ର ନନ୍ଦଦାସ ନିର୍ବିକାର ପୁରୁଷଭଳି ଅବିଚଳିତ ରହନ୍ତି ।କାରଣ ସେ ବୁଝିସାରିଥାନ୍ତି, 'କିଏ ଆତ୍ମା କୁ ଆତ୍ମାର ନିର୍ମାଣ କରି ଓ ଜୀବର ସଂଗେ ସଙ୍ଗ କରି/ବିହରେ ନାନା ରୂପଧରି ।'

ବ୍ୟକ୍ତିଗତ ସମସ୍ୟା କିପିରି ଜାଗତିକ ସମସ୍ୟା ରେ ରୂପାନ୍ତରିତ ହୋଇଛି, ତାହା ଏଇ କବିତା ସଂକଳନରେ ପ୍ରତିଫଳିତ।

ଏଥିରେ ବି ରହିଛି ଜଗତ ପ୍ରତି ମମତ୍ୱର ବନ୍ଧନ ଏବଂ ମାଟି ମମତାର ସ୍ପନ୍ଦନ ।' ସ୍ୱପ୍ନ ସମାଧିରେ ନନ୍ଦ ଦାସ ନିଜକୁ ସୈନିକ ଭାବେ ପ୍ରତିପାଦିତ କରିଛନ୍ତି । ଜୀବନର ରକ୍ତ ଝରା ପରିଶ୍ରମ କରି ତାଙ୍କ ବାପା ଗାଁରେ ତିନି ବଖରା ଘରଟିଏ ଆରମ୍ଭ କରିଥିଲେ । ଦେଖିଥିଲେ ସ୍ୱପ୍ନ। ହୋଇଥାନ୍ତା ପୁଅର ବାହାଘର । ସେଥିପାଇଁ ଚାଲିଥିଲା ଝିଅ ଖୋଜା । ମାଘ ମାସକୁ ପନ୍ଦର ଦିନ ଛୁଟି ନେଇ ଆସିଥାନ୍ତା ନନ୍ଦଦାସ । କିନ୍ତୁ ସବୁ କିଛି ଚୁରମାର ହୋଇ ଯାଇଛି । ଡିୟୁଟି କରୁଥିବା ସମୟରେ ଅପହରଣ କରି ନେଇଛନ୍ତି ଆତଂକବାଦୀ । ବିଭତ୍ସ ହତ୍ୟା ବି କରିଛନ୍ତି । ରକ୍ତର ସ୍ରୋତ ସିଆର କାଟିଛି ।

ତାଙ୍କର ମୃତ୍ୟୁ ତାଙ୍କୁ ସହିଦ କରିଦେଇଛି । ପ୍ରଶାସନ ଠାରୁ ଆରମ୍ଭକରି ସାଧାରଣ ଜନତା ସହିଦ ଶବ ରେ ଫୁଲମାଳର ଶ୍ରଦ୍ଧା ଅର୍ପଣ କରିଛନ୍ତି । ନନ୍ଦ ଦାସ ର ମା' ବାରମ୍ବାର ଅଚେତ ହୋଇଛି । ସତୁରୀ ବର୍ଷ ର ବାପା କିନ୍ତୁ ତଟସ୍ଥ । କିଛି ସମୟ ପରେ ତାଙ୍କ କଣ୍ଠରୁ ଉତ୍ତରି ଆସିଛି -'ଏଇଟା କଣ ବିପ୍ଳବର ମାର୍ଗ ?'

ଏକ ଧ୍ୱଂସମୁଖୀ ସମାଜକୁ ଖୁବ ନିକଟରୁ ଦେଖି ପାରିଛନ୍ତି ନନ୍ଦଦାସର ବାପା । ପୁଞ୍ଜିବାଦୀ ଶାସନ ପ୍ରତି କରିଛନ୍ତି କଟାକ୍ଷ । ଏଠାରେ କବି ଚେତନା open ହୋଇଯାଇଛି । ହତ୍ୟାର ବିଭୀଷିକାରେ ସେ ସ୍ଥାଣୁ ପାଲଟି ଯାଇଛନ୍ତି ।

ବୋଧହୁଏ ସେଇ ଦୁଇ କରୁଣ ଆଖିହିଁ ଦେଖିଛି ଅୟୁତ ଯୁଗର କ୍ଳାନ୍ତିସବୁ ଅଶୁଭ ମୁହୂର୍ତ୍ତ ପାଇଁ ନିଜକୁ ନିଜେ ଦାୟୀ କରିଛନ୍ତି ନନ୍ଦ ଦାସ । ତାଙ୍କ ମନରୁ ଲିଭିଯାଇଛି ଅସୁମାରୀ ସ୍ୱପ୍ନ ଓ ସମ୍ଭାବନା । ସମ୍ଭବତଃ ଏଇଥିପାଇଁ କବି କଣ୍ଠ ତୋଳିଛି-'ଦୁଃଖର ମୂର୍ତ୍ତିଟିଏ ଅବା ଗଢିଛନ୍ତି ଈଶ୍ୱର /ତା' ହାତ ପାପୁଲିର ରେଖାରେ ଯେମିତି/ଲେଖି ଦେଇଛି ବିହି ତାର ଫଟା କପାଳ' ହତାଶ ହୋଇଛନ୍ତି ସେ । ବିଚିତ୍ର ଏ ସମାଜ । ବିଚିତ୍ର ଏ ମଣିଷ । ଦିନରେ ହେଣ୍ଟାଳ ଛାଡି ରାଜରାସ୍ତାରେ ବୁଲୁଥିବା ବାଘ ମାନେ ରାତିରେ କିପରି ହୋଇଯାନ୍ତି ଭୟାନକ, ସେ ସମ୍ପର୍କରେ ନିଜ ଅଭିମତ ପ୍ରଦାନ କରିଛନ୍ତି । ଏଠାର 'ବାଘ' ଶବ୍ଦ ପ୍ରୟୋଗ ଏକ ପ୍ରତୀକ ମାତ୍ର । ବାଘ ଭଳି ଉଚ୍ଚବାଚ କରି ନିଜକୁ ଭଦ୍ର ବୋଲି ପରିଚୟ ଦେଉଥିବା ମଣିଷ ରାତିରେ କିପରି ହିଂସ୍ର ହୋଇଯାଏ, ତାର ଏକ ନଜିର ଉପସ୍ଥାପନ କରିଛନ୍ତି କବି ଠିକ୍ ଏହିପରି- 'ଏକୁଟିଆ ଶିକାର ଦେଖିଲେ କେତେ ନୃଶଂସ,

ନିଷ୍ଠୁର, ହୋଇ ପାରେ/ତାଙ୍କ ପଞ୍ଝା ତାହା କଳନା ମଧ ଆତଙ୍କର କାରଣ।'

ଏ ସମାଜରେ ଏମିତି ଛଳନାର ମୁଖା ପିନ୍ଧିଥିବା ମଣିଷ ଅଛନ୍ତି, ଯେଉଁମାନେ ଦେହ ଭୋଗର ଚରିତାର୍ଥ ପାଇଁ ଅନାଥ ଅସହାୟ ଝିଅ ମାନଙ୍କ ଦେହରେ ପଶା ଖେଳନ୍ତି । ଭୁଲି ଯାନ୍ତି

ନିଜର ହିତାହିତ ଜ୍ଞାନ । ଝିଅର ଅନିଚ୍ଛା ସତ୍ତ୍ୱେ ବି କ୍ଷତାକ୍ତ ହୋଇ ଯାଏ ତାର ସର୍ବାଙ୍ଗ ଶରୀର ।

ଏତାଦୃଶ ବିଭତ୍ସ ଦୃଶ୍ୟ ଯେ ପ୍ରତି ମୁହୂର୍ତ୍ତରେ ଘଟୁଛି, ଯାହାର ନଗ୍ନ ଚିତ୍ର ଉପସ୍ଥାପନ କରିଛନ୍ତି କବି । କବିତାର ପ୍ରତିଟି ଶବ୍ଦରେ ରହିଛି ଆଖିପାତା ଓଦା କରିଦେଲା ଭଳି ମନ୍ତ୍ରଶକ୍ତି ଏବଂ ଛାତି ଫଟା କୋହ ର ଆକୁଳ ହୃଦୟ । ଅୟୁତ ଦୁଃଖ ର ଅପା ସୋରା ଅନୁଭବ ସତେ ଯେମିତି ଥରାଇ ଦେଇଛି ନନ୍ଦଦାସଙ୍କର ଛାତି ।

ସେଥିପାଇଁ 'ନନ୍ଦଦାସଙ୍କର ଅନୁଚିନ୍ତା' ଭିନ୍ନ ଏକ ଗବାକ୍ଷକୁ ଉନ୍ମୋଚିତ କରିଛି । କର୍ମ ହିଁ ତାଙ୍କର ସର୍ବଶ୍ରେଷ୍ଠ ଭୂଷଣ । ସେ ଜାଣିଛନ୍ତି, କର୍ମ ହିଁ ଜୀବନକୁ କରେ ସରସ ଓ ସୁନ୍ଦର। ଯେଉଁମାନେ ବିଭୁକୃପା ଉପରେ ବିଶ୍ୱାସ କରନ୍ତି, ସେମାନଙ୍କ ସହ ନିଜକୁ ଖାପ ଖୁଆଇ ପାରନ୍ତି ନାହିଁ ସେ । ସେଦିନ ଯେମିତି କବି ମାୟାଧର ମାନସିଂହ କାଠ ପଥରର ଦେବତା ମାନଙ୍କୁ ନପୂଜି ମନ୍ଦିର ବାହାରେ ହାତପାତି ଠିଆ ହୋଇଥିବା ମଣିଷ ମାନଙ୍କର ସେବା କରିବା ଉଚିତ ବୋଲି କହିଥିଲେ, ଠିକ ସେହିପରି କବି ରାଉତ ବାସ୍ତବ ଜୀବନର କଥା କହିଛନ୍ତି। (କ୍ରମଶଃ)

ସଲଟ ରୋଡ଼, କାଦ୍ରାବାଦ,
ବାଲେଶ୍ୱର -୨

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

ଭାଗ-୬

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖି...ଲେଖି...ଲେଖିରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା... ।



ଉମାକାନ୍ତ ରାଉତ(ଅରୂପ)
ପ୍ଲଟ ନମ୍ବର-୭୬୨,
ପ୍ରଥମ ମହଲା, ନିଳାଦ୍ରି ବିହାର,
ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

କାଗଜ ଡଙ୍ଗାରେ ଭାସିଯାଏ କେତେ
ରତୁଙ୍କ ଛଇ ଫୁଟାଣି
ନଈ ଗଡ଼ାଣିର କାଶତଣ୍ଡୀ ଫୁଲେ
ଶରତ ଜହ୍ନ ରୋଷଣି । ୫୧ ।

ପାହାଡ଼ ପିଠିରୁ ନଇଁ ନଇଁ ଆସେ
କୁହୁଡ଼ି ଧଉଳା ଶୀତ
ହଳଦୀ ରଂଗର ଚଦରଟେ ଢ଼ାଙ୍କି
ଅଳସୀ ଫୁଲର ଗୀତ । ୫୨ ।

ମାଟି କାନ୍ଥ ଘର ନୁଆଁଣିଆ ଚାଳ
ଜହ୍ନିଫୁଲ କଣିବାଡ଼
ଲକ୍ଷ୍ମୀପାଦ ଝୋଟି ଚିତା ମାଡ଼ିଆସେ
ପାହାନ୍ତା ପ୍ରହର ଜାଡ଼ । ୫୩ ।

କୂଅ ଚାନ୍ଦିନୀର ଲାଜୁଆ ଛାତିରେ
ଗାଆଁର କୁଆଁରୀ ହସ
ଅବିର ପରାଏ ଏବେ ବି ବୋଳୁଛି
ସ୍ମୃତି ଭିଜା ସେ ପାଉଁଶ । ୫୪ ।

ପ୍ରେମ ପ୍ରଣୟର ବ୍ୟଥା ଓ ବେଦନା
ଅନନ୍ୟ ସେ ରୂପକାର
ପ୍ରଣୟ ବିଧୁର ଭାବ ଚେତନାର
ନିଆରା ଚିତ୍ରକର । ୫୫ ।

ଅପୂର୍ବ ସେ ଛନ୍ଦ ନୃତ୍ୟ ଧ୍ୱନିରେ
ବତୁରେ ସକଳ ମନ
ମୂକକୁ କରାଏ ଶତ ମୁଖର ସେ
ଛନ୍ଦର ଆକର୍ଷଣ । ୫୬ ।

ବସନ୍ତ କୁହୁକ ଫୁଲଙ୍କ ମହକ
ପ୍ରଜାପତି ଫାଜିଲାମି
ପକ୍ଷୀଟିଏ ପରି ଉଡ଼ିଯିବା ପାଇଁ
ଆକାଶ ଛୁଇଁଛି ଜମି । ୫୭ ।

ପଲ୍ଲୀ ବଧୂର ହଂସିନୀ ଚାଲିରେ
ପାଣି କଳସର ଛାଇ
ସ୍ନିଗ୍ଧା ମଧୁର ଲାବଣ୍ୟବତୀର
ଭୂରୁ ପାଶ କଳାଜାଇ । ୫୮ ।

ନଈ ବାଲି ଶେଯୁ ଶଙ୍ଖ ଧବଳ
କାଶତଣ୍ଡୀ ଡାକେ ଆ'
କବିତାର ଗନ୍ଧ ଭରିଦେଲା ଯିଏ
ଗାଁ ନୁହେଁ ସେ'ମୋ ମାଆ । ୫୯ ।

ଦୋସମାଳୀ ନଈ ମିଂଜି ମିଂଜି ତରା
କଦମ୍ବ ଫୁଲିଆ ହସ
କବି ସତ୍ୟବାଦୀ ଉତ୍ତର ଦାୟାଦ
ଗୋପାର ଦୀର୍ଘଶ୍ୱାସ । ୬୦ । (କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



# ବମ୍ ତୁଲ୍ ବୁଖାରା

୧୯




ଦୀପକ ରଂଜନ ମିଶ୍ର

## ।। ଆଣ୍ଡାମାନରେ ଶୁଦ୍ଧି ।।

ମିର୍ଜାଖାନ୍ ତଥା ତାଙ୍କ ସହଯୋଗୀମାନଙ୍କ ଉତ୍ପୀଡ଼ନ କିମ୍ବା ପ୍ରଲୋଭନ ଦ୍ୱାରା ଧର୍ମ ପରିବର୍ତ୍ତନର ପ୍ରକ୍ରିୟାକୁ ଘୋର ବିରୋଧ କରନ୍ତି ବିନାୟକ । ଯିଏ ଯେଉଁ ଧର୍ମର ତାକୁ ସେଇ ଧର୍ମାବଲମ୍ବୀ ହୋଇ ରହିବାକୁ ଦିଆଯାଉ । ଜେଲ୍ ଭିତରେ ବଳପୂର୍ବକ ଧର୍ମ ପରିବର୍ତ୍ତନ କରିବା ଆଦୌ ଉଚିତ୍ କାର୍ଯ୍ୟ ନୁହେଁ । ଏଇ ବିଷୟରେ ଜେଲର୍ ବାରୀ ସାହେବଙ୍କୁ ବାରମ୍ବାର ଅବଗତ କରାଇ ମଧ୍ୟ କୌଣସି ପ୍ରକାର ସାହାଯ୍ୟ ତାଙ୍କ ପାଖରୁ ନପାଇବାରୁ ଶେଷକୁ ଜେଲ୍‌ର ପର୍ଯ୍ୟବେକ୍ଷକଙ୍କ ଆଗରେ ଅଭିଯୋଗ ରଖାଯାଏ । ଆପଣା ଅକାଟ୍ୟ ଯୁକ୍ତି ଯୋଗୁଁ ସେଇ ଅଫିସରଙ୍କୁ ପ୍ରଭାବିତ କରିବାରେ ବିନାୟକ ସଫଳ ହୁଅନ୍ତି । ମୁସଲମାନ ମାନଙ୍କର ଏଭଳି ହିନ୍ଦୁମାନଙ୍କ ପ୍ରତି ପ୍ରଲୋଭନ କିମ୍ବା ଉତ୍ପୀଡ଼ନ ବିଷୟରେ ତାଙ୍କୁ ସୂଚନା ଦେଲେ ସେ ଏଇସବୁ କାର୍ଯ୍ୟ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ କରିବେ ବୋଲି ପ୍ରତିଶ୍ରୁତି ଦିଅନ୍ତି । ପର୍ଯ୍ୟବେକ୍ଷକଙ୍କ ଏଇ ପ୍ରତିଶ୍ରୁତି ଥିଲା ମିର୍ଜାଖାନ୍ ତଥା ତାଙ୍କ ସହଯୋଗୀମାନଙ୍କ ପରାଜୟର ଅୟମାରମ୍ଭ । ସେଥିଯୋଗୁଁ ସେମାନେ ରକ୍ତଚାଉଳ ଚୋବାଇବା ସହ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ବିନାୟକଙ୍କ ଆଖି ସାମ୍ନାରେ ହିଁ ଜଣେ ଉତ୍ତର ଭାରତୀୟ ବ୍ରାହ୍ମଣ ଯୁବକର ଧର୍ମ ପରିବର୍ତ୍ତନ କରିବାର ବ୍ୟବସ୍ଥା କରନ୍ତି ।

୨୦/୨୧ ବର୍ଷ ବୟସ୍କ ଯୁବକଜଣକ ଚୋରୀ ଅପରାଧରେ ଦଣ୍ଡିତ ହୋଇ କଳାପାଣି ଆସିଥାଏ ଜେଲଦଣ୍ଡ ଭୋଗିବାକୁ । ମୀର୍ଜାଖାନ୍‌ର ଧମକ୍ ଚମକ୍ ତଥା କଠୋର ପରିଶ୍ରମର ଭୟରେ ସେ ରାଜି ହୋଇଯାଏ ଆପଣା ଧର୍ମ ପରିବର୍ତ୍ତନ କରିବାକୁ । ବିନାୟକ ତଥା ତାଙ୍କ ସାଥୀମାନେ ତାକୁ ଯେତେ ବୁଝାସୁଝା କଲେ ମଧ୍ୟ ସେ ତା'ର ନିଷ୍ପତ୍ତିରେ ଦୃଢ଼ ରହେ । ଧର୍ମକୁ ଧାରଣ କରି ଏଇ ଦ୍ୱୀପରେ ନିଜେ ଖଟି ଖଟି ମରିବା ଅପେକ୍ଷା ଧର୍ମ ପରିବର୍ତ୍ତନ କରି ସୁଖରେ ବଞ୍ଚିରହିଲେ କ୍ଷତି କ'ଣ ? ସମସ୍ତଙ୍କ ସମ୍ମୁଖରେ ତାକୁ ମୁସଲମାନଙ୍କ ସାଥୀରେ ଗୋଟିଏ ଧାଡ଼ିରେ ବସେଇ ଖାଦ୍ୟ ପରଷି ଦିଆଯାଏ । ଏମାନଙ୍କ ସାମ୍ନାରେ ତାକୁ ମୁସଲମାନ୍ ନାଁରେ ଡକାଯାଏ । କେତେବେଳେ କେମିତି ତମ୍ବାଖୁ ଟିକିଏ ଟିକିଏ ଦେଇ ତାକୁ ହାତମୁଠାରେ ରଖିବାକୁ ସବୁବେଳେ ଚେଷ୍ଟା କରୁଥାନ୍ତି ମୁସଲମାନ ଓ୍ୱାର୍ଡ଼ରମାନେ । କୋଠରୀ ଭିତରେ ବନ୍ଦୀ ହୋଇ ରହିଥିବା ବେଳେ ଜୋର ଜୋର ଚିତ୍କାର କରି ବିନାୟକ ଏଇ କାର୍ଯ୍ୟର ପ୍ରବଳ ପ୍ରତିବାଦ କରିବା ସହ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରନ୍ତି । ଶେଷକୁ ଜେଲ ପର୍ଯ୍ୟବେକ୍ଷକ ଆସି ସବୁ ଜିନିଷ ନିଜ ଆଖି ଆଗରେ ଦେଖି ବିନାୟକ ଯେ ନିହାତି ସତ୍ୟ କହୁଛନ୍ତି ତାହା ହୃଦୟଙ୍ଗମ କରନ୍ତି । ମିର୍ଜାଖାନ୍ ଯେତେ ଯାହା କହି ଆପଣା ସଫେଇ ଦେବାକୁ ଚେଷ୍ଟା କଲେ ମଧ୍ୟ ତାଙ୍କ କଥାକୁ ନଶୁଣି ସେଇ କାର୍ଯ୍ୟରେ ସମ୍ପୃକ୍ତ ଥିବା ମୁସଲମାନ ଓ୍ୱାର୍ଡ଼ର ମାନଙ୍କ ପ୍ରତି ଦଣ୍ଡ ବିଧାନ କରିବା ସହ ସେଇ ହିନ୍ଦୁ ଯୁବକଟିକୁ ହିନ୍ଦୁମାନଙ୍କ ସହ ରହିବା ତଥା ଖାଇବାକୁ ଆଦେଶ ଦିଅନ୍ତି । ଶେଷକୁ ଫେରିଲା ବେଳକୁ ବିନାୟକଙ୍କୁ କହନ୍ତି, "ମୁସଲମାନ ଓ୍ୱାର୍ଡ଼ର, ଜମାଦାର ତଥା ପେଟି ଅଫିସରମାନେ ଯଦି ମିଳିତ ଭାବେ ହିନ୍ଦୁମାନଙ୍କୁ ତାଙ୍କ ଧର୍ମରେ ଦୀକ୍ଷିତ କରିବାକୁ ଚେଷ୍ଟା କରୁଛନ୍ତି ତେବେ ହିନ୍ଦୁ ଓ୍ୱାର୍ଡ଼ର, ଜମାଦାର ତଥା ପେଟି ଅଫିସରମାନଙ୍କ ସହ ମିଶି ତୁମେ ମୁସଲମାନମାନଙ୍କୁ ହିନ୍ଦୁ ଧର୍ମରେ ଦୀକ୍ଷିତ କରିବାର ପ୍ରୟାସ କରୁନ । କିଏ ତୁମକୁ ମନା କରୁଛି ? ଯେସାକୁ ତେସା ନୀତି ଅବଲମ୍ବନ କଲେ ଯାଇ ଏଇ ପରିସ୍ଥିତି ସୁଧୁରିବ ।" ଏହା ଥିଲା ଜଣେ ଇଂରେଜ୍ ଅଫିସରଙ୍କର ବିନାୟକ ତଥା ତାଙ୍କ ସାଥୀଙ୍କ ପ୍ରତି ଖୋଲା ଆହ୍ୱାନ । ମୁସଲମାନଙ୍କ ଧର୍ମ ପରିବର୍ତ୍ତନ କରାଯାଉ କି ନଯାଉ ଅନ୍ତତଃ ଯେଉଁ ହିନ୍ଦୁମାନେ ଲୋଭ କିମ୍ବା ଭୟର ବଶବର୍ତ୍ତୀ ହୋଇ ମୁସଲମାନ ଧର୍ମ ଗ୍ରହଣ କରିନେଇଛନ୍ତି ତାଙ୍କୁ ପୂର୍ବ ଧର୍ମକୁ ଫେରାଇ ଆଣିଲେ କ୍ଷତି କ'ଣ ?





ବାସ୍ତବରେ ହିନ୍ଦୁମାନେ କେବେ ଛଳ କପଟ କି ବଳପ୍ରୟୋଗ କରି ଅନ୍ୟର ଧର୍ମ ପରିବର୍ତ୍ତନ କରିବାର ପକ୍ଷରେ ନୁହେଁ । ଜନ୍ମ ଜନ୍ମାନ୍ତରରୁ ଏହା ମଣିଷ ସହ ଚାଲିଆସିଥାଏ । ତାହା କ'ଣ ଗୋଟିଏ ବାହ୍ୟ ଆବରଣ ଯେ ତାକୁ ଇଚ୍ଛା ମୁତାବକ ବଦଳାଇ ଦିଆଯାଇ ପାରିବ ? କିନ୍ତୁ ଯେତେବେଳେ ଖଣ୍ଡା ତଲୱାର ସାହାଯ୍ୟରେ ଅନ୍ୟମାନେ ଆପଣା ଧର୍ମର ପ୍ରଚାର ପ୍ରସାର ନିମନ୍ତେ ଆପ୍ରାଣ ଉଦ୍ୟମରତ ସେତେବେଳେ ନିଜ ଚିନ୍ତାଧାରା ଅନୁଯାୟୀ ଦୃଢ଼ ରହିବା ଆତ୍ମଘାତୀ ହିଁ ହେବ, ଏହା ନିଶ୍ଚିତ । ସେଇ କାରଣରୁ ଆର୍ଯ୍ୟସମାଜର ପ୍ରତିଷ୍ଠାତା ମହର୍ଷି ଦୟାନନ୍ଦ ସରସ୍ୱତୀ ଶୁଦ୍ଧିକରଣ ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ । ତା ଦ୍ୱାରା ଯେଉଁମାନେ ପୁନର୍ବାର ହିନ୍ଦୁଧର୍ମକୁ ଫେରିବାକୁ ଆଗ୍ରହୀ ସେମାନଙ୍କୁ ହିନ୍ଦୁଧର୍ମକୁ ଫେରାଇ ଅଣାଯାଇ ପାରିଲା । ଆମେରିକାରୁ ଫେରିବା ବେଳେ ବିବେକାନନ୍ଦ ମିସ୍ ନୋବେଲ୍‌ଙ୍କୁ ହିନ୍ଦୁ ଧର୍ମରେ ଦୀକ୍ଷିତ କରି 'ନିବେଦିତା' ନାମରେ ନାମିତ କରିଥିଲେ । ତେଣୁ ଯେଉଁମାନଙ୍କର ଧର୍ମାନ୍ତରଣ କରା ସରିଛି ସେମାନଙ୍କୁ ଆପଣା ଧର୍ମକୁ ଫେରାଇ ଆଣିବାରେ କିଛି ଅସୁବିଧା ନାହିଁ ଭାବି ଶୁଦ୍ଧିକରଣ ପ୍ରକ୍ରିୟା ଆଣ୍ଡାମାନରେ ଚଳେଇବାକୁ ମନେ ମନେ ସ୍ଥିର କରନ୍ତି ବିନାୟକ ।

ତେବେ ବିନାୟକଙ୍କ ସାମ୍ନାରେ ମୁଣ୍ଡ ଟେକିଥିବା ପ୍ରଥମ ସମସ୍ୟା ହେଉଛି ସେଇ ବ୍ରାହ୍ମଣ ଯୁବକକୁ ହିନ୍ଦୁ ଧର୍ମରେ ସ୍ୱୀକାର କରାଯିବ କେମିତି ? ତାହାର ଧର୍ମ ପରିବର୍ତ୍ତନ ହୋଇ ନଥିଲେ ବି ସିଏ ତିନି ଚାରିଦିନ ମୁସଲମାନ ବନ୍ଦୀଙ୍କ ସହ ଗୋଟିଏ ଧାଡ଼ିରେ ବସି ମୁସଲମାନଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଭୋଜନ ଗ୍ରହଣ କରି ସାରିଛି । ପର୍ଯ୍ୟବେକ୍ଷକଙ୍କ ଆଦେଶାନୁସାରେ ତାକୁ ହିନ୍ଦୁ ବନ୍ଦୀଙ୍କ ସହ ରହିବା ତଥା ଖୁଆଇବାର ବ୍ୟବସ୍ଥା କରିବାକୁ ହେବ । ହେଲେ ହିନ୍ଦୁ ସହବନ୍ଦୀମାନେ ତାକୁ ଗ୍ରହଣ କଲେ ତ? କେହି ତାକୁ ସାଙ୍ଗରେ ବସେଇବାକୁ ରାଜୀ ନୁହନ୍ତି ଖୁଏଇବା ତ ଦୂରର କଥା । ଏହାଦ୍ୱାରା ତ ମିର୍ଜାଖାନ୍‌ର ହିଁ ଜିତାପଟ । ଏଇମିତି ଟିକେ ଟିକେ କୁ ଭ୍ରଷ୍ଟ ହୋଇ ଧର୍ମ ହରେଇବା ଯୋଗୁଁ ହିନ୍ଦୁ ଧର୍ମର ପ୍ରଭୂତ କ୍ଷତି ଘଟି ସାରିଛି ଆଉ ଘଟୁଛି ମଧ୍ୟ । ଏଇଭଳି ମାନସିକତାରେ ପରିବର୍ତ୍ତନ ନିହାତି ଆବଶ୍ୟକ । ଯେମିତି ହେଲେ ମିର୍ଜାକୁ ହରେଇବାକୁ ପଡ଼ିବ । ବିନାୟକ ଲାଗିପଡ଼ନ୍ତି ସେଇ ଲକ୍ଷ୍ୟରେ। ବିଭିନ୍ନ ଉଦାହରଣ ତଥା ଯୁକ୍ତି ରଖି ସେ ହିନ୍ଦୁ ସହବନ୍ଦୀମାନଙ୍କୁ ବୁଝାଇବାକୁ ଆପ୍ରାଣ ଉଦ୍ୟମ କରନ୍ତି। ବହୁତ ପ୍ରଚେଷ୍ଟା ପରେ ଦୁଇ ତିନିଜଣ ବନ୍ଦୀ ତାଙ୍କ କଥାରେ ରାଜି ହୁଅନ୍ତି । ହିନ୍ଦୁଙ୍କ ପଂକ୍ତିରେ ଅଳ୍ପ ଛାଡ଼ି ସେଇ ଯୁବକକୁ ବସିବାକୁ ଅନୁମତି ମିଳେ । ଆସ୍ତେ ଆସ୍ତେ ଅନ୍ୟମାନେ ବି ତାକୁ ଗ୍ରହଣ କରି ନିଅନ୍ତି । କିଛି ଉତ୍ତର ଭାରତୀୟ ବନ୍ଦୀ ପୂର୍ବରୁ ଆର୍ଯ୍ୟସମାଜୀଙ୍କ ଭାଷଣ ଶୁଣିଥାନ୍ତି । ସେମାନେ ବିନାୟକଙ୍କ କଥାରେ ପ୍ରଥମେ ପ୍ରଭାବିତ ହୋଇ ଏଇ ସଂସ୍କାର କାର୍ଯ୍ୟ ପାଇଁ ଅଣ୍ଟା ଭିଡ଼ି ପ୍ରସ୍ତୁତ ହୋଇଯାଆନ୍ତି । ବିନାୟକଙ୍କ ଆଣ୍ଡାମାନ ଆସିବା ପୂର୍ବରୁ କିଛି ଉତ୍ସାହୀ ଯୁବକ ଆର୍ଯ୍ୟ ସମାଜର ଏକ ଛୋଟ କେନ୍ଦ୍ର ସେଠାରେ ପ୍ରତିଷ୍ଠା କରିଥିଲେ । କିନ୍ତୁ କୌଣସି ପ୍ରକାର ପ୍ରଚାର କାର୍ଯ୍ୟ କି ଆନ୍ଦୋଳନ ସଂଗଠିତ ରୂପେ ଚଳାଇବାର ସେମାନଙ୍କର ଶକ୍ତି ନଥିଲା । ସେମାନେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନଥିଲେ ଯେ ଆଣ୍ଡାମାନରେ କେବେ ପୁଣି ଶୁଦ୍ଧି ଭଳି କିଛି ସମ୍ଭବ ହେବ । ସେମାନେ ଅତ୍ୟନ୍ତ ଆଗ୍ରହ ତଥା ଉତ୍ସାହର ସହ ବିନାୟକଙ୍କୁ ସହଯୋଗ କରିବାକୁ ଆଗେଇ ଆସନ୍ତି । ଏଇ ପ୍ରକ୍ରିୟାରେ ସେଠାକାର କିଛି ସ୍ୱତନ୍ତ୍ର ଅଧିକାରୀ ମଧ୍ୟ ସାମିଲ ହୁଅନ୍ତି ଯାହାଦ୍ୱାରା କାର୍ଯ୍ୟକୁ ଆଗେଇ ନେବା ଆହୁରି ସହଜ ହୋଇପଡ଼େ ।

ଏକ ଦୁର୍ଦ୍ଦାନ୍ତ ହିନ୍ଦୁ ଅପରାଧୀ ସେତେବେଳେ ସେଲ୍ୟୁଲାର ଜେଲରେ ବନ୍ଦୀ ଭାବରେ ଅବସ୍ଥାନ କରୁଥାଏ । ଚୋରୀ ଡକାଏତି, ହତ୍ୟା, ଗାଳି ଗୁଲଜ ତଥା ମାଡ଼ପିଟ୍ ଇତ୍ୟାଦି ସବୁଥିରେ ସେ ଥାଏ ଓସ୍ତାଦ । ଆଫ୍‌ଗାନୀ ମୁସଲମାନ ବନ୍ଦୀ ତଥା ପେଟି ଅଫିସରମାନେ ମଧ୍ୟ ତା' ନାଁ ଶୁଣିଲେ ଛାନିଆଁ ହୋଇ ଯାଉଥାନ୍ତି । ଆଜୀବନ ଜେଲ ଦଣ୍ଡ ଭୋଗୁଥିବା ବନ୍ଦୀ ଜଣକ ଇଂରେଜ ଅଧିକାରୀମାନଙ୍କ ପାଇଁ ମଧ୍ୟ ଥିଲା ଘୋର ମୁଣ୍ଡବ୍ୟଥାର କାରଣ । ଏଇ ରାଜବନ୍ଦୀମାନେ ତାକୁ ଆପଣା କଥାରେ ପ୍ରଭାବିତ କରି ନିଜ ଆଡ଼କୁ ନେଇ ଆସିବାରେ କୃତକାର୍ଯ୍ୟ ହୁଅନ୍ତି । ତା' ଭିତରେ ବି ସ୍ୱଧର୍ମ ତଥା ସ୍ୱଦେଶ ପ୍ରୀତି ଜାଗ୍ରତ ହୋଇଯିବାରୁ ସିଏ ଢାଲ ହୋଇ ଠିଆହୋଇଯାଏ ବିନାୟକ ତଥା ତାଙ୍କ ସାଥୀମାନଙ୍କ ସୁରକ୍ଷା ଉଦ୍ଦେଶ୍ୟରେ । ତାହାରି ସହଯୋଗ ହେତୁ ମିର୍ଜାଖାନ୍ କି ତା ସହଯୋଗୀମାନେ ଆଉ ଏମାନଙ୍କ ଆଡ଼କୁ ଆଖି ଉଠାଇ ଦେଖିବାକୁ ସାହସ କରନ୍ତି ନାହିଁ । ତା ସହିତ ଆଲୋଚନା କରି ବିନାୟକ ଆଣ୍ଡାମାନ୍‌ରେ ପ୍ରଥମଥର ପାଇଁ ଦୁଇଜଣ (ଯେଉଁମାନେ କିଛିବର୍ଷ ପୂର୍ବରୁ ମୁସଲମାନ ଧର୍ମ ଗ୍ରହଣ କରିଥାନ୍ତି)ଙ୍କୁ ପୁନର୍ବାର ହିନ୍ଦୁ ଧର୍ମକୁ ଫେରେଇ ଆଣିବାର ଯୋଜନା କରନ୍ତି ।

ଗୋଟିଏ ରବିବାର ଦିନ ଏଇ କାର୍ଯ୍ୟକ୍ରମ ସଂଘଠିତ କରିବାକୁ ସ୍ଥିର କରନ୍ତି ସେମାନେ । ସେଦିନ ସବୁ ବନ୍ଦୀମାନେ ନିଜ ନିଜ କପଡ଼ା ସଫା କରିବାରେ ଲାଗିଥାନ୍ତି । ମିର୍ଜା ତଥା ତା'ର ସହଯୋଗୀମାନେ ବନ୍ଦୀଙ୍କୁ ଜଗିବାରେ ଥାଆନ୍ତି ବ୍ୟସ୍ତ । ଏଇ ସମୟରେ ଦୁର୍ଦ୍ଦାନ୍ତ ହିନ୍ଦୁ ଜଣକ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ଦୁଇ ଯୁବକଙ୍କୁ ଡାକି ସାଙ୍ଗରେ ଅନ୍ୟତ୍ର ନେଇଯାଏ । ସ୍ନାନାଦି କର୍ମ ସମାପନ ପରେ ସେମାନେ ଦୁଇ ତିନିଜଣ ହିନ୍ଦୁଙ୍କ ସମ୍ମୁଖରେ ତାଙ୍କୁ ପୁନଃ ହିନ୍ଦୁ ଧର୍ମକୁ ଫେରାଇ ଆଣିବାକୁ ପ୍ରାର୍ଥନା କରନ୍ତି । ସେମାନଙ୍କୁ ତୁଳସୀପତ୍ର ଖାଇବାକୁ ଦିଆଯାଏ । ଗୀତାର ଶ୍ଳୋକ ତଥା ତୁଳସୀ ରାମାୟଣରୁ ଅଧ୍ୟାୟଟିଏ ପଢ଼ି ଶୁଣାଯାଏ । ଶୁଦ୍ଧି ସମାରୋହ ଉପଲକ୍ଷେ ପ୍ରସାଦ ରୂପେ ଗୁପ୍ତରେ ପ୍ରସ୍ତୁତ କରାଯାଇଥିବା ହାଲୁଆ (ସତ୍ୟନାରାୟଣଙ୍କ ପ୍ରସାଦ) ସବୁ ହିନ୍ଦୁମାନଙ୍କୁ ବିତରଣ କରାଯାଏ । ମିର୍ଜାଖାନ୍ ଏସବୁ ବିଷୟରେ ସାମାନ୍ୟତମ ସୂଚନା ମଧ୍ୟ ପାଇବା ପୂର୍ବରୁ ହିନ୍ଦୁ ବନ୍ଦୀମାନେ କାମ ସାରି ନିଜ ନିଜର କୋଠରୀ ଭିତରେ ଯାଇ ଚୁପ୍‌ଚାପ୍ ବସି ଯାଆନ୍ତି । ସେଇ ଦିନରୁ ଯୁବକ ଦୁଇଜଣଙ୍କ ନମାଜ୍ ପଢ଼ିବା ବନ୍ଦ ହୋଇଯାଏ । ହିନ୍ଦୁ ବନ୍ଦୀମାନେ ସେମାନଙ୍କୁ ତାଙ୍କ ହିନ୍ଦୁ ନାଁରେ ଡାକିବାକୁ ଲାଗନ୍ତି । ମୁସଲମାନ ମାନେ ତାଙ୍କୁ ତାଙ୍କର ମୁସଲମାନୀ ନାଁରେ ଡାକିଲେ ସେମାନେ ଆଦୌ ଶୁଣନ୍ତି ନାହିଁ । ଏଥର ସେମାନେ ନିତ୍ୟ ପ୍ରତିଦିନ ତୁଳସୀ ରାମାୟଣ ପଢ଼ିବା ସହ ହିନ୍ଦୁଙ୍କ ପଂକ୍ତିରେ ବସି ଏକତ୍ର ଭୋଜନ କରିବାକୁ ଲାଗନ୍ତି । ଏଇ ଶୁଦ୍ଧିକରଣ ପ୍ରକ୍ରିୟା ଯୋଗୁଁ ସାରା ଆଣ୍ଡାମାନରେ ଚହଳ ପଡ଼ିଯାଏ । ମିର୍ଜାଖାନ୍ ଓ ତା ସହଯୋଗୀମାନେ ଭିତରେ ଭିତରେ ଭୀଷଣ ବିରକ୍ତ ହେଲେ ମଧ୍ୟ କିଛି କରି ନପାରି ଚୁପ୍ ରହିଯାଆନ୍ତି । କାରଣ ଯଦି ସେମାନେ ପ୍ରତିକ୍ରିୟା ଦେଖାଇବେ ତେବେ ପୂର୍ବର ସମସ୍ତ ଘଟଣାର ଖୋଳତାଡ଼ ଆରମ୍ଭ ହେବ ଆଉ ପର୍ଯ୍ୟବେକ୍ଷକଙ୍କ ଦୃଷ୍ଟିରେ ସେମାନେ ସେମାନଙ୍କ କୃତକର୍ମ ଯୋଗୁଁ ଦୋଷୀ ବୋଲି ପ୍ରମାଣିତ ହୋଇଯିବେ । ତେଣୁ ଚୁପ୍ ରହିବା ହିଁ ବୁଦ୍ଧିମାନର ଲକ୍ଷଣ ।

ବିନାୟକଙ୍କ ଏଇ ଶୁଦ୍ଧିକରଣ ପ୍ରକ୍ରିୟା ଆଗେଇ ଚାଲେ । ଅନେକ ବନ୍ଦୀ ଏହାରି ମାଧ୍ୟମରେ ନିଜ ପୂର୍ବ ଧର୍ମକୁ ଫେରିଆସିବାର ସୌଭାଗ୍ୟ ପ୍ରାପ୍ତ କରନ୍ତି । ଏହାଦ୍ୱାରା ମୁସଲମାନ ବନ୍ଦୀମାନେ ପ୍ରମାଦ ଗଣନ୍ତି । ଏମିତି ହେଲେ ତ ଦିନକୁ ଦିନ ସେମାନଙ୍କ ସଂଖ୍ୟା କମିଯିବ । ସେମାନେ ଅଳ୍ପସଂଖ୍ୟକ ହୋଇ ନିଜକୁ ଅସୁରକ୍ଷିତ ମଣିବେ । କଥା ଭିନ୍ନ ବାଟରେ ଯାଇ ଆସ୍ତେ ଆସ୍ତେ କଳି ତକରାଳର ରୂପ ନେବାକୁ ଆରମ୍ଭ କରେ । ଜେଲର୍ ବାରୀ ସାହେବ ମୁସଲମାନଙ୍କ ପକ୍ଷରେ ସବୁବେଳେ ଥିଲେ ମଧ୍ୟ ପର୍ଯ୍ୟବେକ୍ଷକଙ୍କ ଯୋଗୁଁ ନିଜ ଇଚ୍ଛା ମୁତାବକ କିଛି କରିପାରୁ ନଥାନ୍ତି । ଶେଷକୁ କଡ଼ାକଡ଼ି ନିୟମ ଜାରି କରାଯାଏ ଯେ ଜେଲ୍ ଭିତରେ କେହି ବଳ ପ୍ରୟୋଗ କରି କିମ୍ବା ପ୍ରଲୋଭନ ଦେଖାଇ ଧର୍ମ ପରିବର୍ତ୍ତନ କରି ପାରିବେ ନାହିଁ । ଏଭଳି ଉଦ୍ୟମ ଧରା ପଡ଼ିଲେ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବିନାୟକ ଏପଟେ ସାଥୀ ବନ୍ଦୀଙ୍କ ମଧ୍ୟରେ ପ୍ରଚାର କରିବାକୁ ଲାଗନ୍ତି ଯେ ଖାଇବା ପିଇବା କିମ୍ବା ଛୁଇଁବା ଦ୍ୱାରା କେହି କେବେ ଭ୍ରଷ୍ଟ ହୋଇଯାଏନି । ଯଦି ହିନ୍ଦୁଙ୍କ ହାତରୁ ଖାଦ୍ୟ ଗ୍ରହଣ କରି ଜଣେ ମୁସଲମାନ ତା'ର ଧର୍ମ ହରାଉନାହିଁ ତେବେ ମୁସଲମାନ ହାତରୁ ଖାଦ୍ୟ ଖାଇ ଜଣେ ହିନ୍ଦୁ ତା' ଧର୍ମ ହରାଇବ କାହିଁକି ? ତା'ର ପାଚନତନ୍ତ୍ର କ'ଣ ଏତେ ଦୁର୍ବଳ ? ଆସ୍ତେ ଆସ୍ତେ ହିନ୍ଦୁଙ୍କ ମାନସିକତାରେ ପରିବର୍ତ୍ତନ ଦେଖା ଦେବାକୁ ଲାଗେ ।

୧୯୨୦ ମସିହା ବେଳକୁ ଜଣେ ଗୁଜୁରାତି ମୁସଲମାନ କଳେ ବଳେ କୌଶଳେ ଜଣେ ହିନ୍ଦୁ ବାଳକକୁ ଆପଣା ବାକ୍ ଜାଲରେ ଫାନ୍ଦି ନିଜ ଆଡ଼କୁ ଆକର୍ଷିତ କଲାବେଳେ ତାହାର ଘୋର ବିରୋଧ କରନ୍ତି ବାବାରାଓ । ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ହିନ୍ଦୁ ବାଳକକୁ ତା' କବ୍‌ଜାରୁ ମୁକୁଳାଇ ଆଣି ନିଜ ପାଖ ସେଲ୍‌ରେ ରଖନ୍ତି । ସେଥିରେ ମୁସଲମାନ ଜଣକ ଉତ୍‌କ୍ଷିପ୍ତ ହୋଇ ଦିନେ ବାବାରାଓ ଗାଧୋଇବା ସମୟରେ ତାଙ୍କୁ ଏକା ଥିବାର ଦେଖି ଅତର୍କିତ ଆକ୍ରମଣ କରି ନାକରେ ଏକ ଶକ୍ତ ମୁଥ ବସାଏ । ଝରଝର ହୋଇ ରକ୍ତ ଝରିପଡ଼ିବା ସହ ମୁଣ୍ଡ ବୁଲାଇ ଦେବାରୁ ତଳେ ପଡ଼ିଯାଆନ୍ତି ବାବାରାଓ । ସାଥୀମାନେ ଏଇ ଘଟଣା ଦେଖି ସାହାଯ୍ୟ କରିବାକୁ ଧାଇଁ ନଆସିଥିଲେ ତାଙ୍କର ଯେ କ'ଣ ହୋଇଥାନ୍ତା କିଏ ଜାଣିଛି ? ସେମାନେ ଆସି ମୁସଲମାନ ଜଣକୁ କାବୁ କରିବା ସହ ତା ବିରୁଦ୍ଧରେ ବାରୀ ସାହେବଙ୍କ ପାଖରେ ଅଭିଯୋଗ କରନ୍ତି । ବାରୀ ସାହେବ ଘଟଣା ବିଷୟରେ ସବୁକଥା ଶୁଣି ହସି ହସି ଅଭିଯୁକ୍ତ ମୁସଲମାନର ପିଠି ଥାପୁଡ଼ାଇ କହନ୍ତି, "କେତେ ଭଲ ହୋଇଥାନ୍ତା ଯଦି ଏଇମିତି କେହି ବିନାୟକର ଅହଂକାର ଚୂର୍ଣ୍ଣ କରିବାକୁ ଆଗେଇ ଆସନ୍ତା ।"

ଜେଲ୍ ଭିତରେ ଧର୍ମ ପରିବର୍ତ୍ତନ ପ୍ରାୟତଃ ନିଷେଧ ହୋଇଯିବାରୁ କେତେକ ମୁସଲମାନ ବନ୍ଦୀ ଔଷଧ ଜ୍ୱାଳାରେ ତାଟିଆ କାମୁଡ଼ିବା ଆରମ୍ଭ କରିଦିଅନ୍ତି । ଅତି ଅସଭ୍ୟ ଭାଷାରେ ହିନ୍ଦୁ ତଥା ବିଶେଷ କରି ରାଜବନ୍ଦୀମାନଙ୍କୁ ଗାଳିଗୁଲଜ କରିବା, ଭୋର ସକାଳୁ ଅଜାନ୍ ଆଳରେ ଚିତ୍କାର କରି ହିନ୍ଦୁମାନଙ୍କ ନିଦରେ ବ୍ୟାଘାତ ସୃଷ୍ଟି କରିବା । ଏହାର ପ୍ରତିବାଦରେ ହିନ୍ଦୁମାନେ ଯେସାକୁ ତେସା ନୀତି ଅବଲମ୍ବନ କରି ଭୋର ସକାଳୁ ଉଚ୍ଚ କଣ୍ଠରେ ଭଜନ କୀର୍ତ୍ତନ କରିବାକୁ ଲାଗନ୍ତି । ଶେଷକୁ ଶଙ୍ଖନାଦ ମଧ୍ୟ କରାଯାଏ । ସାମୁହିକ ଶଙ୍ଖ ବାଦନ ଯୋଗୁଁ ଜେଲ୍ ପରିସର ଥରିଉଠେ। ଉଭୟ ଗୋଷ୍ଠୀ କର୍ତ୍ତୃପକ୍ଷଙ୍କ ଠାରେ ପରସ୍ପରର ବିରୁଦ୍ଧରେ ଶାନ୍ତିଭଙ୍ଗର ଅଭିଯୋଗ କରନ୍ତି । ଜେଲ୍ ପ୍ରଶାସନ ପକ୍ଷରୁ ଅଜାନ୍ ଆଳରେ ଚିତ୍କାର, ଗାଳି ଗୁଲଜ୍, ଭଜନ କୀର୍ତ୍ତନ ତଥା ଶଙ୍ଖନାଦ ସବୁକୁ ନିଷିଦ୍ଧ ଘୋଷଣା କରିଦିଆଯାଏ । ଏକପ୍ରକାର ଶାନ୍ତି ଫେରିଆସେ ସେଲ୍ୟୁଲାର ଜେଲ୍ ପରିସରକୁ । ବିନାୟକଙ୍କ ଶୁଦ୍ଧିକରଣ କିନ୍ତୁ ଜାରି ରହେ । ବଳପୂର୍ବକ ନୁହେଁ କିନ୍ତୁ ସ୍ୱଇଚ୍ଛାରେ ହିନ୍ଦୁର ପ୍ରତ୍ୟାବର୍ତ୍ତନକୁ ଆଗ୍ରହର ସହ ସ୍ୱାଗତ କରାଯାଏ । ଏଥିଯୋଗୁଁ ସେଠିକାର ହିନ୍ଦୁଙ୍କ ରକ୍ଷଣଶୀଳ ମାନସିକତାରେ ମଧ୍ୟ ଆସ୍ତେ ଆସ୍ତେ ପରିବର୍ତ୍ତନ ଦେଖାଦିଏ । ..... କ୍ରମଶଃ

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୭ ଅପ୍ରେଲ, ୨୦୨୨



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

## ପରମ୍ପରା...

# ଓଡ଼ିଶାର ପାରମ୍ପରିକ ଲୋକନୃତ୍ୟ : ଦଣ୍ଡନାଚ

ଓଡ଼ିଶାର ଲୋକନୃତ୍ୟ ଓଡ଼ିଶାର କଳା ଓ ସଂସ୍କୃତିର ପରିଚାୟକ । ଓଡ଼ିଆ ଜୀବନ ଶୈଳୀ ଏବଂ ପ୍ରଥା ସହିତ ଏହି ନୃତ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ମୁଖ୍ୟତଃ ଧର୍ମାଚାର, ମନୋରଞ୍ଜନ, ସାମାଜିକ ସଂସ୍କାର ଆଦି ବହୁବିଧ ଉଦ୍ଦେଶ୍ୟକୁ ନେଇ ଓଡ଼ିଶାରେ ଅନେକ ଲୋକନୃତ୍ୟର ସୃଷ୍ଟି ହୋଇଛି । ଏହିସବୁ ନୃତ୍ୟ ମୁଖ୍ୟତଃ ଖୋଲା ଆକାଶତଳେ ପରିବେଷଣ କରାଯାଇଥାଏ । ପ୍ରତ୍ୟେକ ଲୋକନୃତ୍ୟରେ ଓଡ଼ିଶାର ପାରମ୍ପରିକ ସଂଗୀତ ଓ ବହୁଲୋକପ୍ରିୟ ଢଗଢମାଳି ଆଦିର ବ୍ୟବହାର ହୋଇଥାଏ । ଏହା ସହିତ ପାରମ୍ପରିକ ବାଦ୍ୟର ବ୍ୟବହାର କରାଯାଇଥାଏ । ଓଡ଼ିଶାର ପାରମ୍ପରିକ ଲୋକନୃତ୍ୟ ମଧ୍ୟରେ ଦଣ୍ଡନାଚ ଅନ୍ୟତମ । ଦଣ୍ଡନାଚ ଓଡ଼ିଶାର ଏକ ପ୍ରାଚୀନ ଓ ପାରମ୍ପରିକ ଲୋକନୃତ୍ୟ । ଏହା ବିଶେଷତ ଗଞ୍ଜାମ ଜିଲ୍ଲାର ଏକ ପ୍ରସିଦ୍ଧ ଲୋକନୃତ୍ୟ । ଏହି ନୃତ୍ୟ ଧର୍ମୀୟ ଧାରଣା ଏବଂ ଈଶ୍ୱର ବିଶ୍ୱାସ ଉପରେ ପ୍ରତିଷ୍ଠିତ । ଦେବୀ କାଳୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଓଡ଼ିଶାର ଗଞ୍ଜାମ ଜିଲ୍ଲାର ଭକ୍ତମାନଙ୍କ ଦ୍ୱାରା ଦଣ୍ଡ ନାଚ ଏକ ଅସାଧାରଣ ରୀତିନୀତି ଅଟେ । ଏଥିରେ ଭକ୍ତମାନେ ନିଜ ଉପରେ ଯନ୍ତ୍ରଣା ଦେଉଥିବାରୁ ଏହାର ନାମକରଣ ଏଇଭଳି ହୋଇଛି । ଗଞ୍ଜାମର ଏହି ଦଣ୍ଡନାଚ ପରମ୍ପରା ଅତି ପ୍ରାଚୀନ । ଦାବି କରାଯାଏ ଯେ ପ୍ରାଚୀନ କାଳରେ ସାଧୁ ଓ ସାଧୁମାନଙ୍କ ଦ୍ୱାରା ଅଭ୍ୟାସ କରାଯାଉଥିବା ହଟଯୋଗରୁ ଦଣ୍ଡନାଚ ପରମ୍ପରା ଆରମ୍ଭ ହୋଇଥିଲା । ବୋଧହୁଏ ସେହି କାରଣ ହେଉଛି ଦଣ୍ଡ ଯାତ୍ରା ସମୟରେ, ଦଣ୍ଡୁଆମାନେ ଭଗବାନଙ୍କୁ ଦୁଃଖ ଦେବା ପାଇଁ ଶାରୀରିକ ଯନ୍ତ୍ରଣା ବହନ କରି ସାଧୁମାନଙ୍କ ପରି ଜୀବନଯାପନ କରନ୍ତି । ତେଣୁ ଏହାର ନାମକରଣ ଏଇଭଳି ହୋଇଥିବାର ଅନୁମାନ କରାଯାଏ ।

ଓଡ଼ିଶାର ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଦଣ୍ଡ ନାଚ ଏହି ଅଞ୍ଚଳର ଐତିହାସିକ ତଥା ଧାର୍ମିକ ଲୋକ ନୃତ୍ୟ ଭାବରେ ପରିଗଣିତ । ପ୍ରତିବର୍ଷ ଗ୍ରୀଷ୍ମ ସମୟରେ ହିନ୍ଦୁ ଚୈତ୍ର ମାସରେ, ଦଣ୍ଡୁଆମାନେ ଦଣ୍ଡ ଯାତ୍ରା କରନ୍ତି । ସେମାନେ ଏହି ଦିନରେ ଏକ ଶୁଦ୍ଧ ଧାର୍ମିକ ଜୀବନଯାପନ କରନ୍ତି ଏବଂ ସ୍ୱେଚ୍ଛାରେ ଶାରୀରିକ ଯନ୍ତ୍ରଣା ଭୋଗ କରନ୍ତି । ଏହା ହେଉଛି ବର୍ଷର ସେହି ସମୟ ଯେତେବେଳେ ଗଞ୍ଜାମ ଜିଲ୍ଲାର ଗାଁଠାରୁ ସହର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଦଣ୍ଡୁଆ ଗୋଷ୍ଠୀ ଦେଖାଯାଏ । ଆହୁରି ମଧ୍ୟ ଢୋଲ ଏବଂ ମହୁରୀ ବାଦ୍ୟଯନ୍ତ୍ରର ତାଳେତାଳେ ଲୋକ ନୃତ୍ୟ ଜିଲ୍ଲାର ଅନେକ ସ୍ଥାନରେ ଦେଖିବାକୁ ମିଳେ । ଦଣ୍ଡୁଆମାନେ ଗେରୁଆ ପୋଷାକ ପିନ୍ଧି ମୟୂରପୁଚ୍ଛ ଓ ପବିତ୍ର ପତାକା ଧରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଖାଲି ପାଦରେ ଯାତ୍ରା କରନ୍ତି । ଗଞ୍ଜାମର ବିଭିନ୍ନ ଗାଁ ଓ ସହରରେ ସାହି, ପରିବାର ଏବଂ ବଜାର ଆଦି ସମ୍ପ୍ରଦାୟ ମାନଙ୍କ ଦ୍ୱାରା ଦଣ୍ଡ ନୃତ୍ୟ ପରିବେଷଣ କରିବାକୁ ଦଣ୍ଡ ନାଚ ଗ୍ରୁପମାନଙ୍କୁ ଆମନ୍ତ୍ରଣ କରନ୍ତି । ଦିନ ସମୟରେ ଦଣ୍ଡୁଆମାନେ ଭକ୍ତଙ୍କ ଘର ଆଗରେ ପବିତ୍ର ଜଳ ସିଞ୍ଚନ କରନ୍ତି, ଯିଏ ସେମାନଙ୍କୁ ଦଣ୍ଡନାଚ ପାଇଁ ନିମନ୍ତ୍ରଣ କରିଥାନ୍ତି ।

ତ୍ରୟୋଦଶ ଦିନ ଧରି ଚାଲୁଥିବା ଦଣ୍ଡ ନାଚ ଭଗବାନ ଶିବ ଏବଂ ଦେବୀ କାଳୀଙ୍କ ପ୍ରତି ଭକ୍ତିଭାବର ଏକ ପ୍ରଦର୍ଶନ । ଦଣ୍ଡର ତିନୋଟି ଭିନ୍ନ ରୂପ ହେଉଛି ପାଣି ଦଣ୍ଡ, ଧୂଳି ଦଣ୍ଡ ଏବଂ ଅଗ୍ନି ଦଣ୍ଡ । ଚୈତ୍ର ମାସର ସୂର୍ଯ୍ୟକିରଣରେ ଗରମ ଧୂଳିରେ କରାଯାଉଥିବାରୁ ଧୂଳି ଦଣ୍ଡ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଅଟେ । କେବଳ ପୁରୁଷମାନେ ହିଁ ଏହି ନୃତ୍ୟଗୁଡିକ ପ୍ରଦର୍ଶନ କରନ୍ତି ଏବଂ ଏଥିପାଇଁ କୌଣସି ଜାତିର ପାର୍ଥକ୍ୟ ନଥାଏ । ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ର ଏହି ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ଏକ ଦଣ୍ଡ ପାର୍ଟି କିମ୍ବା ଗୋଷ୍ଠୀରେ ୧୩ ଜଣ ସଦସ୍ୟ ଥାଆନ୍ତି ଯେଉଁମାନଙ୍କୁ ଦଣ୍ଡୁଆ କହନ୍ତି । ସେମାନେ ଦିନରେ କେବଳ ଥରେ ମାତ୍ର ଏକତ୍ର ଶାକାହାରୀ ଖାଦ୍ୟ ଗ୍ରହଣ କରନ୍ତି । ସମସ୍ତ ଦଣ୍ଡୁଆମାନେ ଏହି ଦିନଗୁଡ଼ିକରେ ଅତ୍ୟନ୍ତ ଧାର୍ମିକ ଜୀବନଯାପନ କରନ୍ତି ଏବଂ ସେମାନେ ଏହି ସମୟ ମଧ୍ୟରେ ଆମିଷ ଭୋଜନ, ଭୋଗବିଳାସ ତଥା ଗୃହ ତ୍ୟାଗ କରିଥାନ୍ତି ।

ଦଣ୍ଡ ନାଚ ଏକାଧିକ ନୃତ୍ୟକୁ ନେଇ ଗଠିତ । ଲୋକମାନେ ଉପବାସ କରି ଦଣ୍ଡ ଆରମ୍ଭ କରନ୍ତି ଏବଂ ନୃତ୍ୟ ପୂର୍ବରୁ ସେମାନ ପ୍ରଭୁଙ୍କୁ ଉପାସନା କରନ୍ତି । ଏହି ନୃତ୍ୟରେ ଏକ ଶୃଙ୍ଖଳା ରହିଥାଏ ଯାହାକି ଦଣ୍ଡୁଆ ସଦସ୍ୟଙ୍କ ଦ୍ୱାରା ଗୋଟିଏ ପରେ ଗୋଟିଏ ପରିବେଷଣ କରାଯାଏ ଯେଉଁଥିରେ ପୁରୁଷ ତଥା ସ୍ତ୍ରୀ ବେଶଧାରୀ ପୁରୁଷ ସଦସ୍ୟମାନେ ଅଭିନୟ କରିଥାନ୍ତି । ଦଣ୍ଡୁଆମାନଙ୍କ ଦ୍ୱାରା ଯଥାକ୍ରମେ ହର-ପାର୍ବତୀ, ଶବର-ଶବରୁଣୀ, ଚଢେୟା-ଚଢ଼େୟାଣୀ ଆଦି ନୃତ୍ୟ ପରିବେଷଣ କରାଯାଏ । ଏହି ନୃତ୍ୟରେ ଢୋଲ ଏବଂ ମହୁରୀ ସାହାଯ୍ୟରେ ସଂଗୀତ ପରିବେଷଣ ହୋଇଥାଏ ।

ଦଣ୍ଡୁଆମାନେ ଏକ ନିର୍ଦ୍ଦିଷ୍ଟ ଧାର୍ମିକ ନୀତିକୁ କଠୋର ଭାବରେ ପାଳନ କରନ୍ତି । ସେମାନେ ଖାଲି ପାଦରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଆନ୍ତି ଏବଂ ତିନି ପ୍ରକାର ଦଣ୍ଡ ନୃତ୍ୟ କରନ୍ତି - ଧୂଳି ଦଣ୍ଡ, ପାଣି ଦଣ୍ଡ ଏବଂ ଅଗ୍ନି ଦଣ୍ଡ । ଭକ୍ତଙ୍କ ଘର ସାମ୍ନାରେ ଧୂଳି ଦଣ୍ଡ ପରିବେଷଣ କରାଯାଉଥିବାବେଳେ ପାଣି ଦଣ୍ଡ ଏକ ପୋଖରୀରେ ଏବଂ ରାତିରେ ଅଗ୍ନି ଦଣ୍ଡ କରାଯାଇଥାଏ । ଏହି ପୂଜାରେ ଭଗବାନ ଶିବ ଏବଂ ଦେବୀ କାଳୀଙ୍କୁ ପୂଜା କରାଯାଏ । ଧୂଳି ଦଣ୍ଡ ପ୍ରଦର୍ଶନ କରୁଥିବାବେଳେ, ଦଣ୍ଡୁଆମାନେ ଦିନରେ ଗରମ ବାଲି ଉପରେ ଶୋଇଥା'ନ୍ତି, ଏକ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ପାଣି ଦେହରେ ରହିଥା'ନ୍ତି ଯାହାକୁ ପାଣି ଦଣ୍ଡ କୁହାଯାଏ । ଶେଷ ତଥା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଅଗ୍ନି ଦଣ୍ଡ ମଧ୍ୟରାତ୍ରିରୁ ଆରମ୍ଭ ହୁଏ ଯେତେବେଳେ କାଳୀ ଏବଂ ଶିବଙ୍କୁ ପୂଜା କରାଯାଏ । ଏହି ରୀତିନୀତି ପାଳନ କରିବାରେ ଦିନସାରା ବିତାଇବା ପରେ, ସନ୍ଧ୍ୟା ହେବା ପରେ ଦଣ୍ଡୁଆମାନେ ମନ୍ଦିରକୁ ଫେରିଯାଆନ୍ତି । ସେମାନେ ମନ୍ଦିର ଭିତରେ ଶିବ ଏବଂ କାଳୀଙ୍କ ମୂର୍ତ୍ତିକୁ ପୂଜା କରିବା ପାଇଁ ସେଠାରେ ରୁହନ୍ତି ।

ଦଣ୍ଡ ଯାତ୍ରାରେ, ଦିନ ସମୟରେ ଦଣ୍ଡୁଆମାନେ ଧୂଳି ଦଣ୍ଡ, ପାନି ଦଣ୍ଡ ଏବଂ ଅଗ୍ନି ଦଣ୍ଡ ପ୍ରଦର୍ଶନ କରୁଥିବାବେଳେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସେମାନଙ୍କ ମନୋରଞ୍ଜନ ପାଇଁ ଏବଂ ସେମାନଙ୍କୁ ଜାଗ୍ରତ ରଖିବା ପାଇଁ ବ୍ୟବସ୍ଥା କରାଯାଇଥାଏ । ପରମ୍ପରା ଅନୁଯାୟୀ, ରାତିରେ କାଳିଶି ନୃତ୍ୟ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ଅନୁଷ୍ଠିତ ହୁଏ । ଏଥିରେ ମଧ୍ୟ ପ୍ରହଲ୍ଲାଦ ନାଟକ ଭଳି ପୌରାଣିକ ତଥା ଧାର୍ମିକ ନାଟକ ପ୍ରଦର୍ଶିତ ହୋଇ ଏକ ପବିତ୍ର ଓ ଧାର୍ମିକ ବାତାବରଣ ସୃଷ୍ଟି ହୋଇଥାଏ । ଏବେ ହୁଏତ ଏଥିରେ କିଛି ବ୍ୟତିକ୍ରମ ପରିଲକ୍ଷିତ ହେଉଛି । ଅର୍ଥାତ୍ ସାଂସ୍କୃତିକ କାର୍ଯ୍ୟକ୍ରମ ନାମରେ କିଛି ସ୍ଥାନରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ହେଉଛି ଯାହା ଦଣ୍ଡନାଚର ପବିତ୍ର ଧାର୍ମିକ ପରମ୍ପରାର ପରିପନ୍ଥୀ ।

ଏହି ନୃତ୍ୟଗୁଡ଼ିକ ସମୟରେ ଗାନ କରାଯାଉଥିବା ଗୀତଗୁଡ଼ିକ ହିନ୍ଦୁ ପୁରାଣ ଆଧାରିତ ଓଡ଼ିଶୀ ସଙ୍ଗୀତ ଶୈଳୀରେ ପରିବେଷିତ ହୋଇଥାଏ । ସଂଗୀତ ମଧ୍ୟ ସାଧାରଣ ଏବଂ ପ୍ରଦର୍ଶନ ସମୟରେ ଅନେକ ପାରମ୍ପରିକ ବାଦ୍ୟଯନ୍ତ୍ର ବ୍ୟବହୃତ ହୁଏ । ମେରୁ ସଂକ୍ରାନ୍ତି ଦିନ ଦଣ୍ଡ ଯାତ୍ରା ସମାପ୍ତ ହୋଇଥାଏ । ମେରୁ ଯାତ୍ରାରେ ଭକ୍ତମାନେ ଜଳନ୍ତା ଅଙ୍ଗାର ଉପରେ ଚାଲିବା, ଜଳନ୍ତା ଅଗ୍ନି ଉପରେ ଓଲଟା ଝୁଲିବା ଭଳି ଦୁଃସାହସିକ କାର୍ଯ୍ୟ ପ୍ରଦର୍ଶନ କରିଥାନ୍ତି ।

ଦଣ୍ଡ ନାଚ ପରମ୍ପରା ଭାରତର ମହାନ ଧର୍ମୀୟ ତଥା ସାଂସ୍କୃତିକ ଭାବଧାରାକୁ ପ୍ରତିନିଧିତ୍ୱ କରିଥାଏ । ପ୍ରଥମତଃ ହିନ୍ଦୁଧର୍ମର ତ୍ୟାଗ ଓ ସହନଶୀଳତାର ନିଦର୍ଶନ । ହିନ୍ଦୁ ପୁରାଣମାନଙ୍କରେ ତ୍ୟାଗ, ତପସ୍ୟା ଓ ସହିଷ୍ଣୁତାର ମହତ୍ତ୍ୱ ପ୍ରତିପାଦିତ ହୋଇଛି ଯାହାକି ମନୁଷ୍ୟ ମଧ୍ୟରେ ଉଚ୍ଚ ମାନବିକ ମୂଲ୍ୟବୋଧ ତଥା ପରୋପକାର ଭାବନା ଜାଗ୍ରତ କରିଥାଏ । ଲୁହାକୁ ତପ୍ତ କଲେ ଯେପରି ସେଥିରେ ଥିବା କଳଙ୍କ ବା କାଳିମା ଦୂର ହୋଇଥାଏ ସେହିପରି କଷ୍ଟ ସହ୍ୟ କରିବା ଦ୍ୱାରା ମନୁଷ୍ୟର ଚରିତ୍ର ମଧ୍ୟରେ ଥିବା କଳଙ୍କ ସଦୃଶ୍ୟ ଦୁର୍ଗୁଣ, ପାପ ତଥା କୁଅଭ୍ୟାସଗୁଡିଗ ଦୂର ହୋଇ ମନୁଷ୍ୟ ଚରିତ୍ରକୁ ଉର୍ଦ୍ଧ୍ୱମୁଖି କରିଥାଏ । ଏହା ମନୁଷ୍ୟ ମଧ୍ୟରେ ସହିଷ୍ଣୁତାର ଗୁଣ ଜାଗ୍ରତ କରିଥାଏ । ଦ୍ୱିତୀୟତଃ ଦଣ୍ଡନାଚ ପରମ୍ପରା ଏକତା ତଥା ଭତୃତ୍ୱର ଭାବନାକୁ ଉଜ୍ଜିବୀତ କରିଥାଏ ଯେଉଁଥିରେ ଜାତି ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ର ଭ୍ରମଣ, ଭୋଜନ, ନୃତ୍ୟ ତଥା ପୂଜାର୍ଚ୍ଚନା କରନ୍ତି । ଏହାଦ୍ୱାରା ସମାଜରେ ସମସ୍ତଙ୍କ ସହ ଏକତ୍ର ସହାବସ୍ଥାନ କରିବା ତଥା ସମସ୍ତଙ୍କ ସହ ଖାପଖୁଆଇ ବଞ୍ଚିବାର ଗୁଣ ବିକଶିତ ହୋଇଥାଏ ।

ତୃତୀୟତ ପ୍ରାଚୀନ ହିନ୍ଦୁଙ୍କ ଦର୍ଶନ କହେ ଯେ ଜଣେ ବ୍ୟକ୍ତି ମହାନ ହେବା ପାଇଁ ଜଣଙ୍କର କାୟା, ମନ ଏବଂ ବାକ୍ୟ ଉପରେ ଆତ୍ମ ନିୟନ୍ତ୍ରଣ ରହିବା ଆବଶ୍ୟକ । ଆହାର, ନିଦ୍ରା ଓ ମୈଥୁନ ଉପରେ ନିୟନ୍ତ୍ରଣ ହିଁ ମନୁଷ୍ୟକୁ ମହାନ କରିଥାଏ । ଦଣ୍ଡ ନାଚର କଠୋର ରୀତିନୀତି ମନୁଷ୍ୟ ମଧ୍ୟରେ ଆତ୍ମାନୁଶାସ ଓ ସଂଯମତାର ଗୁଣ ବିକଶିତ କରାଇଥାଏ ଯାହା ମନୁଷ୍ୟକୁ ସମାଜର ଅନିଷ୍ଟକାରୀ କର୍ମଠାରୁ ଦୂରେଇ ରଖି ତାହା ମଧ୍ୟରେ ସୁସାମାଜିକ ତଥା ସୁନାଗରିକ ହେବାର ଗୁଣ ଜାଗ୍ରତ କରିଥାଏ ଏବଂ ପାଶବିକ ପ୍ରବୃତ୍ତିକୁ ନିୟନ୍ତ୍ରଣ କରିବାର କ୍ଷମତା ବିକଶିତ କରି ତା ଚରିତ୍ରକୁ ଉର୍ଦ୍ଧ୍ୱମୁଖି କରାଇଥାଏ ।

ପ୍ରକୃତି ସହିତ ମଣିଷର ସମ୍ପର୍କ ପ୍ରାକୃତିକ । କିନ୍ତୁ ଆଧୁନିକ ମଣିଷ ଏ କଥାକୁ ଭୂଲିଯାଇଛି । ସଭ୍ୟତା ଏବଂ ସଂସ୍କୃତିର ବିକାଶ ଏବଂ ଆକର୍ଷଣ ମନୁଷ୍ୟକୁ ପ୍ରକୃତି ଠାରୁ ଦୂରେଇ ଦେଇଛି । ଆଜି ଆଧୁନିକତାର ନାମରେ ମଣିଷ ପ୍ରକୃତି ଠାରୁ ଦୂରେଇ ଯାଇଛି । ଘର ପ୍ରାଙ୍ଗଣରେ ତୁଳସୀ, ବେଲ ଭଳି ଗଛ ଲଗାଇବା ପରମ୍ପରା ଆଉ ନାହିଁ । ପ୍ରାଙ୍ଗଣରେ ଗଛ ବଦଳରେ ମଣିଷ ଗଗନକୁ ସ୍ୱର୍ଶ କରୁଥିବା ଅଟ୍ଟାଳିକା ଠିଆ କରୁଛି । ଆଧୁନିକତା ଦୌଡ଼ରେ ମନୁଷ୍ୟ ପ୍ରକୃତିକୁ ନଷ୍ଟ କରିଚାଲିଛି । ପ୍ରକୃତି ସହିତ ବଞ୍ଚିବାର ପରମ୍ପରା ବନ୍ଦ ହୋଇଯାଉଛି ଯହାର ଭୟଙ୍କର ପରିଣାମ ଆଜି ମାନବ ସଭ୍ୟତାକୁ ଭୋଗିବାକୁ ପଡୁଛି । ପ୍ରକୃତି ଠାରୁ ଦୂରେଇ ଯିବା ହିଁ ମନୁଷ୍ୟ ଦୁଃଖର ମୂଳ କାରଣ ।

ପ୍ରକୃତିର ମହତ୍ତ୍ୱକୁ ଉପଲବ୍ଧି କଲେ ହିଁ ଯାଇ ମନୁଷ୍ୟ ଶିବଙ୍କୁ ଅର୍ଥାତ୍ କଲ୍ୟାଣକୁ ପ୍ରାପ୍ତ କରିବା ସମ୍ଭବ । ଭଗବାନ ଶିବଙ୍କ ମାଧ୍ୟମରେ ପୁରାଣ ଏହି ବାର୍ତ୍ତା ଦେଇଥାଏ । ଏହି ବାର୍ତ୍ତାକୁ ଉପଲବ୍ଧି କରିପାରିଲେ ପ୍ରକୃତିର ସୁରକ୍ଷା ସହିତ ମାନବ ଜାତିର କଲ୍ୟାଣ ସାଧିତ ହୋଇପାରିବ । ଦଣ୍ଡୁଆ ମାନେ ପ୍ରକୃତିପ୍ରେମୀ ଶିବ ଓ କାଳୀଙ୍କୁ ପୂଜା କରିଥାନ୍ତି । ସେମାନେ ଖୋଲା ଆକାଶ ତଳେ ଉନ୍ମୁକ୍ତ ପରିବେଶରେ ତଥା ବୃକ୍ଷ ତଳେ ଆଶ୍ରୟ ନେଇଥାନ୍ତି । ମାଟି ଉପରେ ଭୋଜନ ଓ ଶୟନ କରନ୍ତି । ସେମାନେ ଭୂମି, ଜଳ, ବାୟୁ, ଅଗ୍ନି ଓ ଆକାଶ ଆଦି ପ୍ରକୃତିର ମୂଳଭୁତ ଉପାଦାନଗଡିକର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥାନ୍ତି । ଏହିପରି ଭାବେ ଦଣ୍ଡନାଚ ପରମ୍ପରା ପ୍ରକୃତି ପୂଜାର ମହାନ ବାର୍ତ୍ତା ବହନ କରିଥାଏ । ତେଣୁ ଓଡ଼ିଶାର ଦଣ୍ଡନାଚ କେବଳ ଏକ ପାରମ୍ପରିକ ଲୋକନୃତ୍ୟ ନୁହେଁ ବରଂ ଏହା ଅନେକ ଉଚ୍ଚତମ ଆଦର୍ଶର ପ୍ରତିନିଧିତ୍ୱ କରିଥାଏ ।



ଆଲେଖ୍ୟ :
ଲୋକନାଥ ମହାପାତ୍ର, ବ୍ରହ୍ମପୁର

## ସ୍ମୃତି ଶତଦଳ ୨୩୭



# ଶାଢୀ କାନିରେ ଅଟକିଲା ଟ୍ରେନ

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

ବହୁ ବର୍ଷ ତଳର ଗୋଟିଏ ସ୍ମୃତି ସତେଜ ହୋଇଯାଏ ଏବଂ ସେଦିନର କଥା ମନେ ପଡିଲେ ଦେହ ଶିତେଇ ଉଠେ । ମୋର ହାଉସମେନସିପ୍ ଶେଷ ହେଲା ପରେ କଟକରେ ଛଅ ମାସ ରେସିଡେନ୍ସି କଲି ଏବଂ ଡଃ ରମାରମଣ ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ଇସ୍ପାତ ଜେନେରାଲ ହସପିଟାଲରେ ଜୁନିଅର ମେଡିକାଲ ଅଫିସର ହିସାବରେ କାମ କରୁଥିବାରୁ, ମୁଁ ମଧ୍ୟ ଗାଇନୋକୋଲୋଜିରେ ଏକ ବର୍ଷ ଯାଏଁ ରେସିଡେନ୍ସି କରିଥିଲି ।

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବଡ ବିଚିତ୍ର ଏ ମନ, ବିଚିତ୍ର ତାର ଗତିବିଧି, ବିଚିତ୍ର ତାର ଭାବବିନ୍ୟାସ, ଠିକ୍ ସେମିତି ମଣିଷଟିଏ ର ଭାବ, ଭାଷା ଓ ଚରିତ୍ର ମଧ୍ୟ ଖୁବ୍ ବିଚିତ୍ର, ବିଭିନ୍ନ ବୈଚିତ୍ର୍ୟ ଭିତରେ ଗତି କରୁକରୁ ମନ କେତେବେଳେ ଯେ କେଉଁ ରୂପ ନିଏ ତାହା ନିର୍ଣ୍ଣୟ କରିବା ଅସମ୍ଭବ ହୋଇପଡେ । ଗୋଟିଏ ଖୁବ୍ ସାଧାରଣ ଘଟଣାରୁ ବୈଚିତ୍ର୍ୟ ର ଏ ଅପୂର୍ବ ଉଦୟ ହୋଇଥିଲା । କୌଣସି କାରଣରୁ ଟ୍ରେନକୁ ବନ୍ଦ କରିବା ପାଇଁ ଏମର୍ଜେନ୍ସି ବ୍ରେକ୍ ଦେବା ବା ଟ୍ରେନକୁ ପୁଲ କରି କେତେବେଳେ ଦୁଇ ଷ୍ଟେସନ ମଝିରେ ବା କେଉଁ ଅନାମଧେୟ ଜଙ୍ଗଲ ଭିତରେ ଛିଡା କରେଇ ଦେବା ପାଇଁ ଅନେକେ ବାଧ ହୋଇଥାନ୍ତି । ସେତେବେଳେ ଯାତ୍ରୀମାନେ ଅକଥନୀୟ ଯନ୍ତ୍ରଣା ଭୋଗିଥାନ୍ତି । ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇ ଥିବାରୁ ପବନ ଚଳାଚଳ କରେ ନାହିଁ । ପାଣି ବା ଚା କପେ ମିଳେ ନାହିଁ । ତେବେ ବେଳେବେଳେ ଏମିତି ଗୋଟିଏ ଅଭାବନୀୟ ପରିସ୍ଥିତିରେ ଆମକୁ ମଧ୍ୟ ଚେନ୍ ଟାଣିବାକୁ ପଡିଥାଏ ଓ ସମୟ ସମୟରେ ଟ୍ରେନକୁ ଅଟକାଇବାକୁ ପଡିଥାଏ ।

ବହୁ ବର୍ଷ ତଳର ଗୋଟିଏ ସ୍ମୃତି ସତେଜ ହୋଇଯାଏ ଏବଂ ସେଦିନର କଥା ମନେ ପଡିଲେ ଦେହ ଶିତେଇ ଉଠେ । ମୋର ହାଉସମେନସିପ୍ ଶେଷ ହେଲା ପରେ କଟକରେ ଛଅ ମାସ ରେସିଡେନ୍ସି କଲି ଏବଂ ଡଃ ରମାରମଣ ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ଇସ୍ପାତ ଜେନେରାଲ ହସପିଟାଲରେ ଜୁନିଅର ମେଡିକାଲ ଅଫିସର ହିସାବରେ କାମ କରୁଥିବାରୁ, ମୁଁ ମଧ୍ୟ ଗାଇନୋକୋଲୋଜିରେ ଏକ ବର୍ଷ ଯାଏଁ ରେସିଡେନ୍ସି କରିଥିଲି । କିନ୍ତୁ ଷ୍ଟିଲ ପ୍ଲାଣ୍ଟ ଛାଡି ଆମକୁ ସରକାରୀ ଚାକିରୀରେ ଜଏନ କରିବାକୁ ପଡିଲା ଏବଂ ଆମର ପ୍ରଥମ ପୋଷ୍ଟିଂ ବ୍ରଜରାଜନଗର ରେ ହୋଇଥିଲା । ବ୍ରଜରାଜନଗରରେ ୧୯୭୫-୭୬ ମସିହା ବେଳକୁ ସହର ଭିତରେ ଯିବା ଆସିବା କରିବା ପାଇଁ କୌଣସି ପ୍ରକାର ସୁବିଧା ସୁଯୋଗ ନଥିଲା । ସହର ଭିତରେ ଗୋଟିଏ ମଧ୍ୟ ରିକ୍ସା ଚାଲୁନଥିଲା । ନିଜର ବ୍ୟକ୍ତିଗତ ଗାଡି ଯଥା ସ୍କୁଟର, ମଟର ସାଇକେଲ, କାର ବା ସାଇକେଲ ଯୋଗେ ଯିବା ଆସିବା କରୁଥିଲେ । ନହେଲେ ପ୍ରାୟ ପାଦରେ ସମସ୍ତେ ଚାଲି ଚାଲି ଯାଉଥିଲୁ । ଆମେ ପ୍ରାୟ ଆମର ଲାମ୍ବ୍ରେଟା ସ୍କୁଟରରେ ସବୁଆଡେ ଯିବା ଆସିବା କରୁଥିଲୁ । ଷ୍ଟେସନ, ବସଷ୍ଟାଣ୍ଡ ଆଦି ଦୂରରେ ଥିଲା ଏବଂ ସେଠିକି ପ୍ରାୟ ସମସ୍ତେ ପାଦରେ ଚାଲି ଚାଲି ଯାଉଥିଲୁ । ଦୁଇଜଣ ଠାରୁ ଅଧିକା ହେଲେ ଆମେ ଆଉ ସ୍କୁଟରରେ ଯାଇନପାରି ଚାଲି ଚାଲି ଯାଉଥିଲୁ ।


ଥରେ ଗୋଟିଏ ଜରୁରୀ କାମରେ ଆମକୁ ରାଉରକେଲା ଯିବାକୁ ପଡିଥିଲା ଏବଂ ସେଠାରେ ଦୁଇ ତିନି ଦିନ ରହିବାର ଥିଲା । ସେତେବେଳେ ପୁଅ ସିଦ୍ଧାର୍ଥ ମାତ୍ର ବର୍ଷକର ହୋଇଥିଲା । ନଣନ୍ଦ ମାନେ ମଧ୍ୟ ସାଙ୍ଗରେ ଥିଲେ । ହସପିଟାଲ କାମ ସାରି, ପୁଅକୁ କାଖେଇ, ଜିନିଷପତ୍ର ଧରି ହସପିଟାଲ କ୍ୱାଟର୍ସ ଠାରୁ ସେଠିକି ଯିବା ବଡ କଷ୍ଟକର କାମ । ଟ୍ରେନ ପୁଣି ଠିକ୍ ଦୁଇଟାରେ । ଆମେ ଖୁବ୍ ଶୀଘ୍ର ଶୀଘ୍ର ଚାଲିବାକୁ ଲାଗିଲୁ । ଆମେ ପ୍ଲାଟଫର୍ମ ବାଟେ ନଯାଇ ଶୀଘ୍ର ପହଞ୍ଚିବୁ ବୋଲି ତଳପଟେ ଟ୍ରେନ୍ ଲାଇନ ଡେଇଁ ଚାଲିବାକୁ ଲାଗିଲୁ । ଆମେ ଠିକ୍ ଷ୍ଟେସନରେ ପହଞ୍ଚିଲା ବେଳକୁ ଟ୍ରେନ୍ ହ୍ୱିସଲ୍ ଦେଇ ଚାଲିବା ଆରମ୍ଭ କଲାଣି । ମତେ ଆଉ ବୁଦ୍ଧିବାଟ କିଛି ଦିଶୁନଥଲା । ହଠାତ୍ ପୁଅକୁ ରମାରମଣଙ୍କ ହାତକୁ ବଢେଇ ଦେଇ ଟ୍ରେନ ଆଗକୁ ଯାଇ ଲାଇନ ଠାରୁ ଅଳ୍ପ ଦୂରରେ ହାତ ହଲାଇଲି କିନ୍ତୁ କିଛି ଫଳ ହେଲା ନାହିଁ । ଟ୍ରେନ ଖୁବ୍ ଧୀରେ ଧୀରେ ଚାଲିବାକୁ ଆରମ୍ଭ କଲା । ଷ୍ଟେସନ୍ ପ୍ଲାଟଫର୍ମ ଛାଡିବା ମାତ୍ରେ ମନ୍ଥର ଗତିରୁ ଟ୍ରେନର ଗତି ତୀବ୍ରତର ହୋଇଥିଲା । ଶେଷକୁ ଅନନ୍ୟୋପାୟ ହୋଇ ମୋ ଶାଢୀ କାନିକୁ ବାଁ ହାତରେ ଧରି ପତାକା ଭଳି ଖୁବ୍ ଜୋରରେ ହଲାଇଲି ।

ଆଶ୍ଚର୍ଯ୍ୟ କଥା ଟ୍ରେନ କିଛି ହାତ ଦୂରରେ ଥିଲେ ମଧ୍ୟ ଅଦ୍ଭୁତ ଭାବରେ ଡ୍ରାଇଭର ଟ୍ରେନର ଗତି କମାଇଦେଇ ବନ୍ଦ କରିଦେଲେ ଏବଂ ଚାଲୁଥିବା ଟ୍ରେନଟି ପ୍ଲାଟଫର୍ମରେ ହିଁ ଅଟକି ଗଲା । ଟ୍ରେନ ଅଟକିବା ଦେଖି ଆମେ ଆଉ ଡେରି ନକରି ଆଖି ପିଛୁଳାକେ ଷ୍ଟେସନ ପ୍ଲାଟଫର୍ମ ଉପରକୁ ଦଉଡି ଦଉଡି ଗଲୁ ଏବଂ ଆଖି ଆଗରେ ଥିବା କମ୍ପାର୍ଟମେଣ୍ଟରେ ହିଁ ଚଢିଗଲୁ । ତାପରେ ଆମେ ନିରାପଦ ଅଛୁ ବୋଲି ଜାଣିବା ପରେ ଟ୍ରେନ୍ ଚାଲିବାକୁ ଆରମ୍ଭ କଲା । ଟ୍ରେନର କର୍ମଚାରୀ ମାନେ ଆମ ପାଖକୁ ଆସି ଟ୍ରେନ ଅଟକାଇବାର କାରଣ ଆମକୁ ପଚାରିଲେ ଏବଂ ଡାକ୍ତର ବୋଲି ଜାଣିବା ପରେ ଆଉ କିଛି କହିପାରିଲେ ନାହିଁ । କାରଣ ଏବେବି ଅଧିକାଂଶ ଲୋକ ଅନ୍ତତଃ ହୃଦୟଙ୍ଗମ କରନ୍ତି ଯେ, ଡାକ୍ତରମାନେ ଏମର୍ଜେନ୍ସିରେ ନିଜ ଖିଆପିଆ ଭୁଲି ରୋଗୀ ସେବାରେ ଲାଗିଥାନ୍ତି ଏବଂ ଜୀବନରେ ଅନେକ ଜିନିଷ ଠିକ୍ ସମୟରେ କରିପାରନ୍ତି ନାହିଁ ।

(କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(୩ୟ ଭାଗ)


# ଶୁଖିଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ



ଅନୁସୃଜନ- ନମିତା ପାଇକରାୟ




### (ପ୍ରଥମ ଖଣ୍ଡ)
### ମନମୋହନ

ମନମୋହନ ଧନୀ ଖାନଦାନର ଦାୟାଦ ଥିଲେ । କିନ୍ତୁ ସେ ନିଜ ସାଙ୍ଗମାନଙ୍କ ଘରେ ଜବରଦସ୍ତି ଶାଗ, ଛତୁଆ, ସାଗୁ, ଶୁଖିଲା ରୁଟି ମାଗି ଖାଉଥିଲେ । କାହା କାହା ଘରେ ବାସି ଭାତ ବି ଖାଉଥିଲେ । ଏସବୁ ଜିନିଷ ମନମୋହନ ମାଗିଲେ ଗରିବ ସାଙ୍ଗମାନେ ସଂକୋଚ କରୁଥିଲେ । କିନ୍ତୁ ମନମୋହନଙ୍କ ଆଗ୍ରହ ଉତ୍ସାହ ଦେଖି ଲୋକମାନେ ତାଙ୍କୁ ବହୁତ ଭଲ ପାଉଥିଲେ । ଖାଇବାକୁ ଦେଉଥିଲେ । ଗରିବ ଲୋକ ମାନଙ୍କର ନିର୍ଦ୍ଧନତାର ଅହଂକାରର ରକ୍ଷା ହେଉଥିଲା ତଥା ମନମୋହନ ନିରଭିମାନୀ ବୋଲି ପ୍ରତୀତ ହେଉଥିଲେ । ତାଙ୍କୁ ରାଷ୍ଟ୍ରବତ୍ସଳ ପ୍ରଗତିଶୀଳ ବୋଲି ଲୋକ ଗ୍ରହଣ କରୁଥିଲେ ।

ମନମୋହନ ବିଜୁଳି ବେଗରେ ଭୋଜନ କରିବାକୁ ବୀରତା ଭାବୁଥିଲେ । ଏଭଳି ପ୍ରତିଯୋଗିତା ଆୟୋଜନ ମଧ୍ୟ କରୁଥିଲେ । ଏମିତି ପ୍ରତିଯୋଗିତାରେ ସେ ଅନେକ ସମୟରେ ଜୟଯୁକ୍ତ ହୋଇ ପାରିଛନ୍ତି । ବଡ଼ବଡ଼ ପହିଲମାନଙ୍କୁ ପଛରେ ପକାଇଛନ୍ତି । ତାଙ୍କ କଥା କହିବା ଶୈଳୀ ବି ଅନ୍ୟମାନଙ୍କ ଉପରେ ବହୁତ ପ୍ରଭାବ ପକାଏ । ଯେମିତି କଥାରେ କଥାରେ ଇଂରାଜୀ ଶବ୍ଦ ପୁରାଇବା । ଯେମିତି 'ସେ ରାସ୍ତାରେ ଚାଲୁଛି'କୁ କହିବେ ସେ ରାସ୍ତାରେ ୱାକ କରୁଛି । 'ଖାଇବାରେ ବଡ଼ ମଜା ଆସିଲା'କୁ କହିବେ, 'ଇଟିଂଗରେ ଭାରି ମଜା ଆସିଲା ।' ବିଲେଇ କଣ୍ଠାରେ ସେ ବଡ଼ ଆଶ୍ଚର୍ଯ୍ୟଜନକ ହରକତ କରନ୍ତି । ଯେତେବେଳେ ପିଲାମାନେ ଶ୍ରେଣୀ ଭିତରେ ପଢ଼ାପଢ଼ି କରନ୍ତି । ସେତେବେଳେ ସେ ଶ୍ରେଣୀ ବାହାରେ ବଗିଚାରେ କେଉଁ ଏକ ବଡ଼ ଗଛକୁ ଚଢ଼ିଯାଇଥିବେ । ଗଛରୁ ଓଲଟି ଝୁଲିଥିବେ 'ବାଲକ୍ଷିଲ୍ୟ' ଋଷିଙ୍କ ପରି କୌତୁକ ପୂର୍ଣ୍ଣ ସାଧନା କରନ୍ତି ।

ଏସବୁ ଛଡ଼ା ମନମୋହନଙ୍କର ଛାତ୍ର ନବଯୁବକଙ୍କ ଉପରେ ସଂପୂର୍ଣ୍ଣ ପ୍ରଭାବ ଥିଲା ପିଲାମାନେ ତାଙ୍କରି ପରି ଚାଲିବା, କଥା କହିବା, ବାଳ ରଖିବା, ଛାପ ପକାଇବା, ମାରପିଟ କରିବା ପ୍ରୟାସ କରନ୍ତି । ମନମୋହନଙ୍କର କୌଣସି ଗୋଟିଏ ଅଭ୍ୟାସକୁ ଅନୁସରଣ କରିବା ଆତ୍ମଗୌରବ ଭାବନ୍ତି । ମନମୋହନଙ୍କ ପରି ପିଲାମାନେ ଗଛ ଡାଳରେ ଗୋଡ଼ ଅଟକେଇ ତଳକୁ ଝୁଲିବା ଏତେ ଅଭ୍ୟାସ କଲେ ଯେ ବେଳେ ବେଳେ ସ୍କୁଲ ଉଦ୍ୟାନ ବାଲକ୍ଷିଲ୍ୟ ଋଷିଙ୍କ ଆଶ୍ରମ ପରି ପ୍ରତୀତ ହୁଏ ।

ସଂକ୍ଷେପରେ କହିଲେ, ନା ସେ ଗାଉଁଲୀ ଥିଲେ ନା ସହରୀ । ପୁରୁଣା ଏବଂ ନୂଆ ସଭ୍ୟତାର ସଂଘର୍ଷରୁ ଉତ୍ପନ୍ନ ଏକ ଉନ୍ନତ ସଭ୍ୟତାର ମନମୋହନ ପ୍ରତିନିଧିତ୍ୱ କରୁଥିଲେ । ତାଙ୍କ ବ୍ୟକ୍ତିତ୍ୱରେ ହାସ୍ୟ, ଗମ୍ଭୀରତା, ସାହସ, ରୋମାଂସ ସ୍ୱଚ୍ଛତା, ଦୃଢ଼ତା, ବୁଦ୍ଧିମାନୀ ଓ ସରଳତା, ଶିକ୍ଷା ଅଶିକ୍ଷାର ଏକ ଅଦଭୂତ ସମିଶ୍ରଣର ସମନ୍ୱୟ ଥିଲା । ଏଭଳି ବ୍ୟକ୍ତିତ୍ୱଧାରୀ ବ୍ୟକ୍ତିର ମୁଁ ବନ୍ଧୁ । ମୁଁ କେତେ ପ୍ରଭାବିତ ହୋଇଥିବି ଆଜି କିଛି କହିବାର ଆବଶ୍ୟକତା ନାହିଁ । ମୁଁ କେବଳ ଏତିକି କହିବାକୁ ଚାହିଁବି ମୁଁ ତାଙ୍କୁ କେବେ ଦୁଷ୍ଟ ଭାବିନି । ମୁଁ ତାଙ୍କୁ ବହୁତ ଆଦର କରେ ।

ଶୁକ୍ରବାର ଥିଲା ଜଲଦି ଛୁଟି ହୋଇଗଲା । ପ୍ରାୟ ଦୁଇଟା ବେଳେ ଖାଇ ପିଇ ସାରି ମୁଁ ମୋ ଘର ସାମ୍ନା ଖାଲି କ୍ୱାର୍ଟରର ଖାଲି ଛାତ ଉପରେ ରାସ୍ତାକୁ ଅନେଇ ବସିଥିଲି । ଖଟିଆ ଉପରେ ବା ଚେୟାର ଉପରେ ବସି ରାସ୍ତାକୁ ଚାହିଁବା ମୋର ଭାରି ସୌକ । ରାସ୍ତାରେ ଯିବା ଆସିବା ଲୋକଙ୍କୁ ଅନେଇବା ମୋର ପ୍ରିୟ କାମ । ଲୋକ ଯେମିତି ମୁଦ୍ରାରେ ଚାଲନ୍ତୁ ନା କାହିଁକି ମୋତେ ସେମାନଙ୍କୁ ଦେଖି ହସ ମାଡ଼େ । ସେଦିନ ବି ସେଠି ବସି ସେୟା କରୁଥିଲି ।

ପ୍ରାୟ ତିନିଟା ବାଜିଥିଲା । ସେହି ରାସ୍ତା ଦେଇ ମନମୋହନ ଯାଉଥିଲେ । ତାଙ୍କୁ ଦେଖି ମୋ ଧ୍ୟାନ ଭାଙ୍ଗିଗଲା । ମନମୋହନଙ୍କର ଗୋଟେ ଗୁଣଥିଲା ସେ ଯିବା ଆସିବା କରିବା ସମୟରେ ଆଗପଛ, ତଳକୁ ଉପରକୁ, ଏପଟସେପଟ ସବୁ ଆଡ଼କୁ କ୍ଷିପ୍ର ଗତିରେ ଚାହିଁ ଚାହିଁ ଚାଲନ୍ତି । ସେଦିନ ମୁଁ କହି ପାରିବିନି ସେ ମୋତେ ଦୂରରୁ ନା ପାଖରୁ ଦେଖିଛନ୍ତି । କିନ୍ତୁ ପାଖରେ ପହଞ୍ଚିଲା ପରେ ବାଁ ହାତରେ ବାଳକୁ ସଜାଡ଼ି ଡାହାଣ ପଟକୁ ମୋଡ଼ି ଭଦ୍ରତା ସହ ଛାପ ପକାଇ ମାଙ୍କଡ଼ ପରି ଡିଆ ମାରି ମୋ ପାଖରେ ପହଞ୍ଚି ଗଲେ ।

ସେ ଖାଲି ପାଦରେ ଥିଲେ । ଦେହରେ କେବଳ ଧୋତି ଆଉ ଲମ୍ବା କମିଜ ଥିଲା । ବାଳ ପୁରା ସୁଖିଲା, ମୁଣ୍ଡ ଉପରକୁ ଝାଡ଼ିପରି ଠିଆ ହୋଇଥିଲା । ଯାହା ଆଗରୁ ହାତରେ ଧରି ଧରି ତୀର ଭଳିଆ ମୁନିଆ କରିଥିଲେ । ତାଙ୍କ ଡାହାଣ ହାତରେ ଗୋଟେ ଲୁହା ଛଡ଼ଥିଲା । ଯାହାର ଗୋଟେ ପଟ ଧାରୁଆ ଥିଲା । ଯାହାକୁ ଧରି ସେ ଉପରକୁ ଉଠିଥିଲେ ।

'ବସିପାରେ କି ?' ବହୁତ ଭଦ୍ରତା ସହ ପଚାରି ମୋ ପାଖରେ ବସିଗଲେ ।

ତାଙ୍କର ଆକସ୍ମିକ ଓ ଅପ୍ରତ୍ୟାଶିତ ଭାବେ ଆସିବା ଦେଖି ମୁଁ ଟିକେ ସଂକୁଚିତ ହୋଇଗଲି । ତାଙ୍କ କଥାର ମୁଁ କିଛି ଉତ୍ତର ନଦେଇ ଲାଜେଇ ହସି ଟିକେ ଘୁଞ୍ଚିଗଲି ଓ ତାଙ୍କୁ ବସିବାକୁ କହିଲି ।

'ପଢ଼ିବାକୁ ଯାଇନୁ କ'ଣ ?' ତାଙ୍କର ଦ୍ୱିତୀୟ ପ୍ରଶ୍ନ ଥିଲା । ମୁଁ ନଯିବାର କାରଣ ବତେଇଲି ।

ସାମ୍ନାକୁ ଚାହିଁ ସେ ମୃଦୁ ମୃଦୁ ସ୍ୱରରେ କହିଲେ, 'ଖୁବ୍ ମନଦେଇ ପଢ଼ିବା ଉଚିତ । କୌଣସି ପ୍ରକାର ପରିସ୍ଥିତି ହେଉ ପଛେ ସ୍କୁଲ କେବେ ବନ୍ଦ କରିବୁନି । ସେଥିରେ ବଡ଼ ହଇରାଣ ହେବାକୁ ପଡ଼େ । ସ୍କୁଲରେ ଯାହା ପଢ଼ାହଉଚି ତାକୁ ଧ୍ୟାନର ସହିତ ଶୁଣିବୁ । ଆଉ ଘରକୁ ଆସିଲେ ଚାରି ପାଞ୍ଚ ଘଣ୍ଟା ପାଠ ପଢ଼ିବୁ । ରାତିରେ ପାଠ ପଢ଼ିବା ବହୁତ ଭଲ । ସନ୍ଧ୍ୟାରୁ ଖେଳକୁଦ ଯାହା କରିବା କଥା କର ରାତି ନଅଟା ପର୍ଯ୍ୟନ୍ତ କିନ୍ତୁ ଦଶଟା ବାଜିଲେ ପାଠ ପଢ଼ିବାକୁ ବସିଯିବା କଥା । ରାତି ଚାରିଟା ପର୍ଯ୍ୟନ୍ତ ଯଦି ପଢ଼ିବୁ ପ୍ରଥମ ଶ୍ରେଣୀ ପକ୍କା । କେହି ରୋକି ପାରିବେନି ।

'ରାତି ଦଶଟା ପରେ ମୁଁ ଜାଗ୍ରତ କରି ପାରିବିନି ଲାଜେଇ କରି କହିଲି ।

'ଏମିତି କିଛି କଥା ନାହିଁ ।' ମନମୋହନ ସେମିତି ମିଠା ମିଠା ସ୍ୱରରେ କହିବାକୁ ଲାଗିଲେ । 'ଜାଗ୍ରତ ରହିବା ମାନେ ଜଗିବା । ଦେଖ ମୁଁ ତୋତେ ରାସ୍ତା ବତଉଛି । ରାତିରେ ଜାଗିବାକୁ ହେଲେ ଦିନରେ ଶୋଇବାକୁ ପଡ଼େ । ତେଣୁ ତୁ ସ୍କୁଲରୁ ଫେରି ଧୁଆ ଧୁଇ ହୋଇସାରି ଖାଇବୁ ତା' ପରେ ତୁରନ୍ତ ଶୋଇପଡିବୁ । ସେତେବେଳେ ଚାରି ପାଞ୍ଚଘଣ୍ଟା ଶୋଇବୁ ତା'ପରେ ଭୋର ଚାରିଟାରୁ ନଅଟା ପର୍ଯ୍ୟନ୍ତ ଶୋଇ ପଡିବୁ । ନିଦ ଏତିକି କାଫି । ଏବେ ତତେ ରାତି ନଅଟା ପର୍ଯ୍ୟନ୍ତ ସମୟ କେମିତି କାଟିବୁ ବତଉଛି । ତୋର ଏମିତି ସେମିତି କିଛି ସାଙ୍ଗ ଥିବେ ? ସେଇଠି ଯାଇ ଗପସପ ହେବୁ । ସେଠି ସେମାନଙ୍କ ଏମିତି କଥାବାର୍ତ୍ତା କର କି ପାଠପଢ଼ା ଠୁ ତୁ ବହୁ ଦୂରରେ । କିନ୍ତୁ ଧ୍ୟାନ ରଖିଥିବୁ ନଅଟା ବାଜିଲେ ସେଇଠୁ ପଳେଇ ଆସିବୁ । ସେଠି ଗୋଟେ ସେକେଣ୍ଡ ବି ଅଧିକ ସମୟ ରହିବୁନି । ଘରକୁ ଆସି ରାତ୍ରୀଭୋଜନ କରିଦେବୁ । ତା' ପରେ ଟିକେ ଏପଟ ସେପଟ ହେବୁ । ଠିକ୍ ଘଡ଼ିରେ ଦଶଟା ବାଜିଲେ ପାଠ ପଢ଼ିବାକୁ ବସିଯିବୁ । ଯଦି ଗରମ ଲାଗିଲା ଅଗଣାରେ ଟେବୁଲ ଚେୟାର ପକାଇ ପାଠ ପଢ଼ି ବସିବୁ । ଶୀତ କଲେ ଖଟ ଉପରେ ରେଜେଇ ଘୋଡ଼େଇ ହୋଇ ପଢ଼ିବୁ । କିନ୍ତୁ ସବୁବେଳେ ମନଖୁସିରେ ପଢ଼ିବୁ । ଦେଖିବୁ କେମିତି ମଜା ଆସିବ । ଯଦି ନିଦ ମାଡ଼ିବ ମନଖୁସିରେ ପଚାଶ ଷାଠିଏ ଦଣ୍ଡ ବୈଠକ ମାରିବୁ । ସବୁ ନିଦ ହରିଣ ଭଳି ଦୌଡ଼ି ପଳେଇବେ । ସତ କହୁଛି ନିଦକୁ ତଡ଼ିବାକୁ ଆ'ଠାରୁ ଅଧିକ ଭଲ କିଛି ଉପାୟ ନାହିଁ । ଶେଷରେ ବାଁ ପଟକୁ ମୁହଁ କରି ଛାପ ପକାଇଲେ ।

ମୁଁ ଖିଲିଖିଲି ହୋଇ ହସିଲି । ସେ ବି ମୋତେ ଅନେଇ ହସିଦେଇ ଅଧ୍ୟୟନ ଏ ଯୋଜନା ବଡ଼ ମଜାଦାର ଓ ଆକର୍ଷକ ଥିଲା । ପଢ଼ା ଲେଖାରେ ମୁଁ ବହୁତ ଭଲ ଥିଲି କିନ୍ତୁ ମନମୋହନଙ୍କ ଠାରୁ ଭଲ ନଥିଲି । କିନ୍ତୁ ଏହି ଉପାୟରେ ପାଠ ପଢ଼ିଲେ ମୁଁ ନିଶ୍ଚୟ ହାଇସ୍କୁଲରେ ମେଟ୍ରିକ ପ୍ରଥମ ଶ୍ରେଣୀରେ ପାସ କରିଯିବି ବୋଲି ଭାବି ଖୁସି ହୋଇଗଲି । ଏଭଳି ଯୋଜନାର ଗୋଟେ ଦଲିଲ ଥିଲା କି ହଠାତ୍ ସାଧାରଣ ବିଦ୍ୟାର୍ଥୀଟି ଅଚାନକ ଲୋକପ୍ରିୟ ହୋଇଥାଏ । କିନ୍ତୁ ଗୋଟେ ଅସୁବିଧା ଥିଲା କି ମୋର ସେମିତି କେହି ବନ୍ଧୁ ନଥିଲେ, ଯାହାର ମୁଁ ନଅଟା ବାଜିବା ପର୍ଯ୍ୟନ୍ତ ସମୟ ନଷ୍ଟ କରିବାକୁ ସାହସ କରିବି । ଯଦି ବି ସେମିତି ବନ୍ଧୁ ମୋତେ ମିଳିଥାନ୍ତେ ତଥାପି ଏତେ ସମୟ ପର୍ଯ୍ୟନ୍ତ ଗୋଟେ ଅପରାଧ ବୋଧକୁ ଲୁଚାଇବାର କୌଶଳ ମୋ ମୁହଁ କରି ପାରିନଥାନ୍ତା । ସେ ଯୋଗ୍ୟତା ମୋର ନଥିଲା । କିନ୍ତୁ ପରେ ଜଣାପଡ଼ିଲା ସହରରେ ଏଭଳି ପିଲାଙ୍କ ସଂଖ୍ୟା ଖୁବ୍ ଅଧିକ । ମନମୋହନଙ୍କ ନକଲ ଦିନ ସାରା କରନ୍ତି । ସାଙ୍ଗମାନଙ୍କ ସମୟ ବରବାଦ କରନ୍ତି କିନ୍ତୁ ରାତିରେ ଏକାନ୍ତ ପାଠ ପଢ଼ନ୍ତି । ତା' ଭିତରେ ଏକ ଅଦଭୂତ ରୋମାଞ୍ଚ ଥିଲା ।

'କସରତ ଫସରତ କରୁଛୁ କି ?' ମନମୋହନ ଆଉ ଏକ ପ୍ରଶ୍ନ ପଚାରିଲେ, ଯାହାକୁ ଶୁଣି ମୁଁ ଚମକିଲି ।

'ହଁ କରୁଛି' କହି ମୁଁ ମିଛ କହିଲି । ଏତେ ବଡ଼ ହୋଇ ମୁଁ କସରତ ଯଦି ନକରେ ତା'ହେଲେ ଲଜ୍ୟା ଜନକ କଥା ।

'କି କି ପ୍ରକାର କସରତ କରୁଛ ?'

'ଦଣ୍ଡ ବୈଠକ କରୁଛି, ଆଉ କଣ କରିବି ?'

'କେତେଥର ଦଣ୍ଡ ମାରୁଛ'

'ତିରିଶ ଥର ଦଣ୍ଡ ପଚାଶ ଥର ବୈଠକ ।' ମୋ ମନରେ ସେତେବେଳେ ଏଇ ସଂଖ୍ୟା ଆସିଲା । ଆଉ ମୁଁ ଜଲଦି ଜଲଦି କହି ଦେଲି । ଏତିକି ହିଁ ମୋ ପାଇଁ ଯଥେଷ୍ଟ ଥିଲା । ଥରେ ମୁଁ କସରତ କରିବାକୁ ଚେଷ୍ଟା କରୁଥିଲି । ଦଶରୁ ଅଧିକ ଦଣ୍ଡ ମୋ ଦ୍ୱାରା ହେଲା ନାହିଁ । ସେହିଦିନ ଠାରୁ ଦଣ୍ଡ ମାରିବା ଯୋଜନାକୁ ସ୍ଥଗିତ କରିଦେଲି ।

'କି ପ୍ରକାର ଦଣ୍ଡ ବୈଠକ ମାରୁଛ ?'

ମନମୋହନଙ୍କ ପ୍ରଶ୍ନ ମୋ ଦେହରେ ଛୁଞ୍ଚ ପରି ଗଳିଗଲା । ଆଚ୍ଛା, ଦଣ୍ଡବୈଠକର ନୀତିକାନ୍ତି କିଛି ଅଛି ? ଅଚାନକ ମୋ ମନରେ ଆସିଲା କି ଏ ବୋଧେ ଜାଣିଛନ୍ତି ମୁଁ କିଛି କସରତ ଫସରତ କରେନି ବୋଲି । ମୁଁ ଟିକେ ଇତଃସ୍ତତ ହୋଇ ତାଙ୍କୁ ଚାହିଁଲି । କିନ୍ତୁ ତାଙ୍କ ମୁଖମଣ୍ଡଳରେ ସେମିତି କିଛି ଦୁଷ୍ଟାମୀ ନଥିଲା । ନିଜକୁ ସଂଯତ କରି କହିଲି । (କ୍ରମଶଃ)

♥ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

# ମୟୂରଭଞ୍ଜର ହସ୍ତତନ୍ତ କଳା ବିଦେଶରେ ସୃଷ୍ଟି କରିବ ସ୍ୱତନ୍ତ୍ର ପରିଚୟ : ତନ୍ତ ଗାଥା




ଉଦଳା, ୧୬/୦୪ (ନି.ପ୍ର): ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ଚୁଳିଆପୋଷୀ ଗ୍ରାମ ଠାରେ ମୌନଧ୍ୱନି ଫାଉଣ୍ଡେସନ ତନ୍ତ କେନ୍ଦ୍ର ପରିସରରେ ତନ୍ତ ଗାଥା ମହିଳା ବୁଣାକାର କମ୍ପାନୀ ଲିମିଟେଡ଼ର ଉଦ୍‌ଘାଟନ ଉତ୍ସବ ଚଳିତ ଏପ୍ରିଲ ୧୫ ତାରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଓଏଫ.ଡ଼ି.ଡ଼ିର ଚିପ ଜେନେରାଲ ମେନେଜର ଦେବାଶିଷ ପାଢ଼ୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କେବଳ ମହିଳା ବୁଣାକାର ମାନେ ହିଁ ଏଥିରେ ଅଂଶିଦାର ରହିବା ସହ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟ ଏହି କମ୍ପାନୀ ଦ୍ୱାରା ବିଶ୍ୱ ବଜାରରେ ବିକ୍ରୀ କରିପାରିବେ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରର ଡ଼େପୁଟି ଜେନେରାଲ ମେନେଜର କମଳାକାନ୍ତ ପଟ୍ଟନାୟକ, ସହକାରୀ ନିର୍ଦ୍ଦେଶକ ରୋନିତ୍, ମୟୂରଭଞ୍ଜର ଡ଼ିଡ଼ିଏମ୍ ସ୍ମୃତି ରଞ୍ଜନ ପଟ୍ଟନାୟକ ଏବଂ ମୌନଧ୍ୱନି ଫାଉଣ୍ଡେସନର ନିର୍ଦ୍ଦେଶକ ତଥା ପ୍ରତିଷ୍ଠାତା ବିନ୍ଦୁ ବିନୋଦ ପ୍ରମୁଖ ଉପସ୍ଥିତ ରହି ଆଦିବାସୀ ତଥା ଆର୍ଥିକ ଅନୁନ୍ନତ ବର୍ଗର ମହିଳା ମାନଙ୍କୁ ସେମାନଙ୍କର ଜୀବନ ଜୀବିକାର ଉନ୍ନତି, ସ୍ୱାବଲମ୍ବୀ ତଥା ଶଶକ୍ତି କରଣ କରିବା ଦିଗରେ ସହାୟକ ହେବ ବୋଲି ବ୍ୟକ୍ତ କରିଥିଲେ । ଦେବେନ୍ଦ୍ର ରାଉଳ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ମୌନଧ୍ୱନୀ ଫାଉଣ୍ଡେସନ ୨୦୧୮ ମସିହାରୁ ମୟୂରଭଞ୍ଜର ୫ ଟି ଗ୍ରାମରେ ହସ୍ତତନ୍ତ ବୁଣାକାର କେନ୍ଦ୍ର ମାଧମରେ ଅଦ୍ୟାବଧି ୨୫୦ ଜଣ ମହିଳାଙ୍କୁ ଲୁଗାବୁଣା ତାଲିମ ପ୍ରଦାନ କରି ଆସୁଛି ବୋଲି ସୂଚନା ପ୍ରଦାନ କରିଥିଲେ । ପ୍ରଦୀପ ମିଟକର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଇନ୍ଦ୍ରଜିତ ମହାନ୍ତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

## ଜଳେଶ୍ୱର ପୌର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷାଙ୍କୁ ଗୁରୁମନ୍ତ୍ର ଦେଲେ ୫ଟି ସଚିବ

ଜଳେଶ୍ୱର, ୧୬/୪ (ନି.ପ୍ର): ବାଲେଶ୍ୱର ଜିଲାର ନବନିର୍ବାଚିତ ୪ଟି ପୌର ଅଧ୍ୟକ୍ଷ ଓ ଅଧକ୍ଷାଙ୍କୁ ଆଜି ଶନିବାର ୫ଟି ସଚିବ ଗୁରୁମନ୍ତ୍ର ଦେଇଛନ୍ତି । ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ କରାଯିବା, ସହରର ବିଭିନ୍ନ ସମସ୍ୟାକୁ ତ୍ୱରିତ୍ ସମାଧାନ କରିବା, ସୋସିଆଲ ମିଡିଆରେ ଲୋକଙ୍କୁ ସଚେତନ କରିବା ସଂପର୍କରେ ସେ ପରାମର୍ଶ ଦେଇଥିଲେ । ଜଳେଶ୍ୱର ପୌର ପରିଷଦର ଅଧକ୍ଷ୍ୟ ପ୍ରତୀପ ପ୍ରଧାନ ଓ ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଳା ଭି.କେ ପାଣ୍ଡିଆନ୍‌କୁ ଭେଟିଥିବା ସମ୍ପର୍କରେ ଆଜି ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି ।

## ୨୦କିମି ଦୂର କେନ୍ଦ୍ରରେ ପରୀକ୍ଷା ଦେବେ ସଂସ୍କୃତ ବିଦ୍ୟାଳୟର ଛାତ୍ରୀଛାତ୍ର

ଖଇରା,୧୬/୦୪ଚଳିତ ବର୍ଷ ଖଇରା ବ୍ଲକରେ ପରୀକ୍ଷା କେନ୍ଦ୍ର ନିରୁପଣରେ ଶିକ୍ଷାବିଭାଗ ସ୍ୱେଚ୍ଛାଚାରିତା ଦେଖାଇଥିବା ନେଇ ବିଭିନ୍ନ ବିଦ୍ୟାଳୟ ରେ ପଢୁଥିବା ଛାତ୍ରୀଛାତ୍ର ଅବିଭାବକ ଅଭିଯୋଗ କରିଛନ୍ତି । ଗୋଟିଏ ପଟେ ଭିତ୍ତିଭୂମିର ସୁବିଧା ଥିଲେ ନିଜ ବିଦ୍ୟାଳୟରେ ପରିକ୍ଷାକେନ୍ଦ୍ର କରିବାକୁ ରାଜ୍ୟ ସରକାର ଘୋଷଣା କରିଥିବା ବେଳେ ବହୁ ଅନୁଷ୍ଠାନକୁ ଯଥେଷ୍ଟ ଦୂରତାରେ ଥିବା କେନ୍ଦ୍ରରେ ଟ୍ୟାଗ କରିବାକୁ ନେଇ ଅସନ୍ତୋଷ କୁହୁଳିବାରେ ଲାଗିଛି । ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତର ଶ୍ୟାମରାଇ ସଂସ୍କୃତ ବିଦ୍ୟାଳୟ ରେ ସବୁ ପ୍ରକାର ସୁବିଧା ଥିବା ସତ୍ୱେ ୨୦କିମି ଦୂର ତୁଡିଗଡିଆ ନିଳାମ୍ବର ହାଇସ୍କୁଲ ପରୀକ୍ଷା କେନ୍ଦ୍ରକୁ ସ୍ଥାନାନ୍ତର କରାଯିବାକୁ ନେଇ ବିଭାଗର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅସହ୍ୟ ଗରମ ସାଙ୍ଗକୁ ଖର୍ଚ୍ଚାନ୍ତ କୁ ଦୃଷ୍ଟିରେ ରଖି ନିଷ୍ପତ୍ତିରେ ପରିବର୍ତ୍ତନ କରି ପାଖ ପରୀକ୍ଷା କେନ୍ଦ୍ରକୁ ଆଣିବାକୁ ଦାବି ହୋଇଛି ।

# ରାମଚରିତ ମାନସ ପ୍ରବଚନ କାର୍ଯ୍ୟକ୍ରମ



ବାରିପଦା, ୧୬/୦୪ (ନି.ପ୍ର): ସ୍ଥାନୀୟ ଦେବେନ୍ଦ୍ରପୁର, ହନୁମାନ ଜିଶା କମିଟି ତରଫରୁ ବିଷୁବ ସଂକ୍ରାନ୍ତିର ଶୁଭ ଅବସରରେ ଶ୍ରୀ ଶ୍ରୀ ହନୁମାନ ଜୟନ୍ତୀ ତଥା ରାମଚରିତ ମାନସ ପ୍ରବଚନ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରବଚନ କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରବାଚକ ମାନସଶେଖର ଭାଗବତ ପଣ୍ଡା ଶ୍ରୀ ରାମଚରିତ ମାନସ ଆଧାରରେ ଶ୍ରୀ ରାମଙ୍କ ଆଦର୍ଶ ଜୀବନ ଭ୍ରାତୃପ୍ରେମ, ପିତୃଭକ୍ତି, ନାରୀଧର୍ମ ତଥା ମଣିଷର ବ୍ୟାବହାରିକ ଜୀବନ, ପାରିବାରିକ ଜୀବନ, ସାମାଜିକ ଜୀବନ ତଥା ରାଷ୍ଟ୍ରୀୟ ଜୀବନରେ ରାମାୟଣର ଆବଶ୍ୟକତା ସହିତ ଭକ୍ତ ଶ୍ରେଷ୍ଠ ହନୁମାନଙ୍କର ତ୍ୟାଗପୂତ ଜୀବନ ଏବଂ ସେବାପରାୟଣତା ଆଜିର ସମାଜ ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ବିଭିନ୍ନ ଉଦାହରଣ ଛଳରେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମ ୨୫ନଂ ୱାର୍ଡର ୱାର୍ଡ କାଉନ୍‌ସିଲର ଦେବାଶିଷ ପାତ୍ର, ସମାଜସେବୀ ବିକାଶ କୁମାର ସେଠୀ ତଥା ଅଞ୍ଚଳ ବାସୀଙ୍କ ସହଯୋଗରେ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ କମିଟିର ସଦସ୍ୟ ଜଗବନ୍ଧୁ ପଣ୍ଡିତ, ପରୀକ୍ଷିତ ବେହେରା, ସତ୍ୟଜିତ ଜେନା, ବ୍ରଜଗୋପାଳ ଦାସ, ଜୟରାମ ଦାସ, ପ୍ରହ୍ଲାଦ ମହାନ୍ତ, ଅନାଦି ପଣ୍ଡିତ ତଥା ମହିଳା କର୍ମୀ ରଞ୍ଜୁ, ଚୁମ୍‌କି, ସୁମନ ଓ କାଜଲ ପ୍ରଭୃତି ପରିଚାଳନା କରିଥିଲେ । ବାଦ୍ୟଯନ୍ତ୍ରରେ ଉମେଶ ଚନ୍ଦ୍ର ବାରିକ ଓ ତାଙ୍କ ସାଥୀ ସହଯୋଗ କରିଥିଲେ । ବହୁ ଶ୍ରଦ୍ଧାଳୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପ୍ରବଚନ ଶ୍ରବଣ କରି ଆନନ୍ଦ ଅନୁଭବ କରିଥିଲେ । ପରେ ସମସ୍ତ ଭକ୍ତଙ୍କୁ କମିଟି ତରଫରୁ ପ୍ରସାଦ ବଣ୍ଟନ କରାଯାଇଥିଲା ।

# ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଏପ୍ରିଲ୍ ମାସର ତୃତୀୟ ଓ ଚତୁର୍ଥ ସୋମବାର ପାଇଁ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର କାର୍ଯ୍ୟସୂଚୀ

ବାରିପଦା, ୧୬/୦୪ (ନି.ପ୍ର): ସରକାରଙ୍କ ସାଧାରଣ ପ୍ରସାଶନ ଓ ସାଧାରଣ ଅଭିଯୋଗ ବିଭାଗ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଏପ୍ରିଲ୍ ମାସର ତୃତୀୟ ଓ ଚତୁର୍ଥ ସୋମବାର ପାଇଁ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଅଛି । ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ମିଳିତ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଯଥାକ୍ରମେ ତୃତୀୟ ସୋମବାର-ତା.୧୮.୦୪.୨୦୨୨ ରିଖରେ ପାଂଚପୀଢ ଉପଖଣ୍ଡ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଏବଂ ଚତୁର୍ଥ ସୋମବାର-ତା.୨୫.୦୪.୨୦୨୨ ରିଖରେ କପ୍ତିପଦା ଉପଖଣ୍ଡ ଉଦଳା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଠାରେ ଅନୁଷ୍ଠିତ ହେବ। ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ସଂପୃକ୍ତ ଉପଖଣ୍ଡର ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ସିଡିପିଓ, ଉପଖଣ୍ଡ ସ୍ତରୀୟ ସମସ୍ତ ଅଧିକାରୀ ଏବଂ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁଥିବା ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର କାର୍ଯ୍ୟକ୍ରମରେ ସଂପୃକ୍ତ ଅଚଂଳର ଜନ ସାଧାରଣ ନିଜର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସଂପର୍କୀତ ଅଭିଯୋଗ ଲିଖିତ ଅଥବା ମୌଖିକ ଭାବେ ଶିବିରରେ ଉପସ୍ଥିତ ରହି ଜଣାଇ ପାରିବେ।

# ପୋଡାଡିହା ଗ୍ରାମରେ ଦିବଙ୍ଗତ ଗେହ୍ଲମଣୀଙ୍କର ଶ୍ରଦ୍ଧାଞ୍ଜଳି



ରୂପସା, ୧୬/୦୪ (ନି.ପ୍ର): ପୋଡାଡିହା ଗ୍ରାମରେ ହାତିଆଡିହା ଶିବମୁନି ଯୋଗାଶ୍ରମ ଆନୁକୁଲ୍ୟରେ ଗୟାଧର ବେହେରାଙ୍କ ବାସଭବନରେ ତାଙ୍କର ପରମପୂଜ୍ୟା ମାତା ଦିବଙ୍ଗତ ଗେହ୍ଲମଣୀଙ୍କର ଏକ ଶ୍ରଦ୍ଧାଞ୍ଜଳୀ ସଭା ବ୍ରହ୍ମଜ୍ଞାନୀ ବରିଷ୍ଠ ଯୋଗୀ ନରେନ୍ଦ୍ର ମୁନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଥିଲେ ଆତ୍ମଜ୍ଞାନୀ, ହାତିଆଡିହା ଯୋଗାଶ୍ରମ ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ମହୋଦୟ । ମୁଖ୍ୟ ବକ୍ତା ଥିଲେ ଫୁଲ୍‌ୱାର କସବା ଆଶ୍ରମରୁ ଆସିଥିବା ବ୍ରହ୍ମବିତ୍ ଯୋଗୀ ମଧୁସୂଦନ ପଣ୍ଡା ମହୋଦୟ । ମଞ୍ଚ ପରିଚାଳନା କରିଥିଲେ ହାତିଆଡିହା ଯୋଗାଶ୍ରମର କୋଷାଧ୍ୟକ୍ଷ ବେଦବିତ୍ ଯୋଗୀ ଭିକାରି ଚରଣ ମୁନି । ମୁନି ସଙ୍ଗୀତ ଗାନ କରିଥିଲେ କଣ୍ଠଶିଳ୍ପୀ ଯୋଗ ଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା । ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ, ହାତିଆଡିହା ଯୋଗାଶ୍ରମ ର ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରା, ବାଖରାବାଜ୍ ଶିବମୁନି ଯୋଗାଶ୍ରମରୁ ଆସିଥିବା ବ୍ରହ୍ମଜ୍ଞାନୀ ଯୋଗୀ ଶଙ୍କର ପାଲ ମହୋଦୟ ଏବଂ ସିଦ୍ଧ ସାଧକ ମୁନି ରାଜ ଅମୂଲ୍ୟ ମୁନି ମହୋଦୟ । ଉପସ୍ଥିତ ଥିଲେ ଗୟାଧର ବାବୁଙ୍କ ପରିବାରର ସମସ୍ତ ସଦସ୍ୟ ସଦସ୍ୟା ବନ୍ଧୁ ବାନ୍ଧବମାନେ । ମୁନି ମତୀ ଶକୁନ୍ତଳା ପରିଡ଼ା, କୁନି ମାଝୀ, ବଳଭଦ୍ର ବେହେରା, ମଞ୍ଜୁଲତା ବେହେରା, ମାଳତୀ ବେଦ, ଜାହ୍ନବୀ ଗୀରୀ ଇତ୍ୟାଦି ଶତାଧିକ ମୁନି ମୁନି ମତୀମାନେ । ଶେଷରେ ଯୋଗୀ ରାମଚନ୍ଦ୍ର ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେବାପରେ ଗୃହକର୍ତ୍ତା ସମସ୍ତଙ୍କୁ ସ୍ୱାଦିଷ୍ଟ ଭୋଜନରେ ଆପ୍ୟାୟିତ କରିଥିଲେ ।

# ବେଙ୍ଗଲୀ ଆସୋଏସିଏସନର ନୂଆବର୍ଷ ସାଂସ୍କୃତିକ ସନ୍ଧ୍ୟା 'ପହିଲା ବୈଶାଖ'

ବାଲେଶ୍ୱର,୧୬/୦୪ (ନି.ପ୍ର): ବଙ୍ଗାଳୀ ନବବର୍ଷ ଅବସରରେ ବାଲେଶ୍ୱରର 'ବେଙ୍ଗଲୀ ଆସୋସିଏସନ' ପକ୍ଷରୁ ସାଂସ୍କୃତିକ ସନ୍ଧ୍ୟା 'ପହିଲା ବୈଶାଖ' ସ୍ଥାନୀୟ ଆତିଥ୍ୟ ଭବନରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ଡ. ପ୍ରଦୀପ ଭୌମିକଙ୍କ ପୌରହିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବର୍ଷିୟାନ ସଦସ୍ୟ ସମାଜସେବୀ ତୁଷାରକାନ୍ତି ଚାଟାର୍ଜୀ, ଅମଲ କୁମାର ସେନ ଓ ରେଣୁକା ସରକାର ମିଳିତ ଭାବେ ଉଦଘାଟନ କରିଥିଲେ । ସମ୍ପାଦକ ଡାକ୍ତର ପିୟୁଷ କୁମାର ଘୋଷ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀନାରାୟଣ ଘୋଷ ବାଲେଶ୍ୱର ସହରରେ ବସବାସ କରୁଥିବା ବଙ୍ଗାଳୀ ଭାଷାଭାଷୀ ଲୋକଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନ ନେଇ ଗଠିତ ଅନୁଷ୍ଠାନର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କବିଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ରଚିତ 'ଏସୋ ହେ ବୈଶାଖ' ଗୀତକୁ କଣ୍ଠଶିଳ୍ପୀମାନେ ସମବେତ ଭାବେ ଗାନ କରିଥିଲେ। ପରେ ବେଙ୍ଗଲୀ ଆସୋସିଏସନର ସଦସ୍ୟମାନେ ବଙ୍ଗଳା ଗୀତ, ନୃତ୍ୟ ଓ ଆବୃତି ପ୍ରଭୃତି ପରିବେଷଣ କରିଥିଲେ । ସମସ୍ତ କାର୍ଯ୍ୟକୁ ଅନୁଷ୍ଠାନର ସାଂଗଠନିକ ସମ୍ପାଦକ ଦେବାଶିଷ ଚାଟାର୍ଜୀ, ସାଂସ୍କୃତିକ ସମ୍ପାଦକ ସୁଲଳିତ କର ଓ ବିଦ୍ୟେନ୍ଦୁ ଦେ ପରିଚାଳନା କରିଥିଲେ। ଗୁରୁ ବ୍ରଜେଶ କୁମାର ପଣ୍ଡା, ରିନୀ ଭୌମିକ, ଗୁରୁ ନନ୍ଦ କିଶୋର ଦାସ, ଫାଲଗୁନୀ ବଡୁଆ, ଡାକ୍ତର ତାପସ କୁମାର ବର୍ଦ୍ଧନ, ସଂଘମିତ୍ରା ଦେ, ମଉ ଚକ୍ରବର୍ତୀ, ମୌମିତା କର, ରାରା କର, ଆଦ୍ରା କର, ପ୍ରବାଳ ସିହ୍ନା, ଅରିଜିତ ଘୋଷାଲ, ବନ୍ଦନା କର, ଅକ୍ଷୟ କୁମାର ସିହ୍ନା, ନବଜିତ ଶାହା, ବିଶ୍ୱିଜିତ ଘୋଷ, ପାର୍ଥପ୍ରତୀମ କର, ଚୈତାଲୀ ବାନାର୍ଜୀ, ଅମନ ଘୋଷ, ତମନ୍ନା ଚକ୍ରବର୍ତୀ, ଅପର୍ଣ୍ଣା ରାୟ, ଅଙ୍କିତା ବାନାର୍ଜୀ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଶେଷରେ ଅର୍ଚ୍ଚନା ନନ୍ଦୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଳେଶ୍ୱର ପୌର ସାଂସଦ ପ୍ରତିନିଧି ହେଲେ ଫାଲଗୁନୀ ପାଣିଗ୍ରାହୀ



ଜଳେଶ୍ୱର, ୧୬/୪ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ପୌର ପରିଷଦରେ ପ୍ରତିନିଧି ଭାବେ ଫାଲଗୁନୀ ପାଣିଗ୍ରାହୀଙ୍କୁ ସାଂସଦ ପ୍ରତାପ ଷଡଙ୍ଗୀଙ୍କ ଅବସ୍ଥାପିତ କରିଛନ୍ତି । ସେ ପୂର୍ବରୁ ଜଳେଶ୍ୱର ବିଜେପି ଟାଉନ୍ ସଭାପତି ଭାବେ କାର୍ଯ୍ୟ କରୁଛନ୍ତି । ସେ ସଫଳତାର ସହିତ ଦଳର ଆଭିମୁଖ୍ୟ ଲୋକଙ୍କ ନିକଟରେ ପହଞ୍ଚାଇଥିବାରୁ ତାଙ୍କୁ ଏପରି ସାଂଗଠନିକ ଦାୟିତ୍ୱ ଦିଆଯାଇଥିବା ଦଳ ପକ୍ଷରୁ କୁହାଯାଇଛି । ଆସନ୍ତା ଦିନରେ କେନ୍ଦ୍ର ସରକାରକାରଙ୍କ ବିଭିନ୍ନ ଯୋଜନା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହିତ ସାଂସଦଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ଲୋକଙ୍କ ସୁବିଧା/ଅସୁବିଧା ସଂପର୍କରେ ଅବଗତ କରାଇବେ ବୋଲି ସେ କହିଛନ୍ତି ।

## ପାଥୋଲୋଜିରେ ଯୁବତୀଙ୍କୁ ଯୌନ ଶୋଷଣ ଅଭିଯୋଗ

ଖଇରା୧୬।୪ ସୋରର ଏକ ପାଥୋଲୋଜିରେ ଖଇରା ବ୍ଲକ ତୁଡିଗଡିଆ ଅଞ୍ଚଳର ଜନୈକା ଯୁବତୀଙ୍କୁ ପ୍ରଲୋଭିତ କରି ଯୌନ ଶୋଷଣ କରିବା ନେଇ ସଂପୃକ୍ତା ଯୁବତୀ ଖଇରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପରେ ଖଇରା ପୋଲିସ ଗୁରୁବାର ସନ୍ଧ୍ୟାରେ ପାଥୋଲୋଜି ମାଲିକଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା କରୁଛି । ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ପୁରା ତଥ୍ୟା ଦିଆଯିବ ବୋଲି ଖଇରା ଆଇଆଇସି କହିଛନ୍ତି ।ତେବେ ୬ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ମାମଲା ପ୍ରତ୍ୟାହାର ପାଇଁ ଯୁବତୀ ଉପରେ ଚାପ ପ୍ରୟୋଗ କରାଯାଉଥିବାନେଇ ଯୁବତୀଙ୍କ ସମ୍ପର୍କୀୟ ମାନେ ଅଭିଯୋଗ କରିଛନ୍ତି ।ଏଭଳିକି ଉତ୍ତରେଶ୍ୱର ଛକରେ ଥିବା ଉକ୍ତ ପାଥୋଲୋଜିରେ ଦୀର୍ଘଦିନ ଧରି ସେକ୍ସ ର୍‍ୟାକେଟ ଚାଲିଥିବା ନେଇ ଅଭିଯୋଗ ହୋଇ ଆସୁଥିବା ବେଳେ ଆଉରି ଅନେକ ଘଟଣା ଲୁଚି ରହିଥିବାରୁ କ୍ରାଇମବ୍ରାଞ୍ଚ ତଦନ୍ତ କରି ଏହାର ପର୍ଦ୍ଦାଫାସ କରିବାକୁ ସାଧାରଣରେ ଦାବୀ ହୋଇଛି ।

## ଅଟୋ ଧକ୍କାରେ ବୃଦ୍ଧ ମୃତ

ଗଞ୍ଜାମ, ୧୬/୦୪ (ନି.ପ୍ର): ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅନ୍ତର୍ଗତ କଂଚଣା ରାସ୍ତାରେ ଆଜି ସକାଳେ ଏକ ଯାତ୍ରୀବାହି ଅଟୋ ଧକ୍କାରେ ଜଣକର ମୃତ୍ୟୁ ଘଟିଛି । ମୃତକଙ୍କ ନାମ ଯୁଧିଷ୍ଠିର ପରିଡ଼ା (୭୦) ବୋଲି ଜଣାପଡିଛି । ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ତାଙ୍କୁ ପ୍ରଥମେ କୋଦଳା ଡାକ୍ତରଖାନା ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । କୋଦଳା ପୋଲିସ ଦୁର୍ଘଟଣା ଘଟାଇଥିବା ଅଟୋକୁ ଜବତ କରିଛି । ଏ ସଂକ୍ରାନ୍ତରେ ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କଂଗ୍ରେସରେ ମିଶିବେ....

ବୈଠକ ବସିଥିଲା । ଏହି ବୈଠକରେ ୨୦୨୪ନିର୍ବାଚନକୁ ନେଇ ବରିଷ୍ଠ ନେତାଙ୍କ ସହ ସୋନିଆ ମାନସ ମନ୍ଥନ କରିଥିବା ଜଣାପଡିଛି । ୨୦୨୪ନିର୍ବାଚନକୁ ନଜରରେ ରଖି ପ୍ରଶାନ୍ତ କିଶୋର, କଂଗ୍ରେସକୁ କିଛି ପ୍ରସ୍ତାବ ଦେଇଛନ୍ତି । ଏବଂ ଏଥିପାଇଁ ଦଳ ଏକ କମିଟି ମଧ୍ୟ ଗଠନ କରିଥିବା ଜଣାପଡିଛି । ପ୍ରଶାନ୍ତ କିଶୋରଙ୍କ କେଉଁ ପ୍ରସ୍ତାବକୁ କିପରି କାର୍ଯ୍ୟକାରୀ କରାଯିବ ସେ ନେଇ ଏହି କମିଟି ନିଷ୍ପତି ନେବ ବୋଲି ଜଣାପଡିଛି । ଗୋଆ ନିର୍ବାଚନ ବେଳେ ପ୍ରଶାନ୍ତ କିଶୋରଙ୍କ ଉପରେ ଖପ୍ପା ହୋଇଥିଲେ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଭଦ୍ରା । କିନ୍ତୁ ଏବେ ପୁଣି ଲାଗୁଛି ପଛକଥାକୁ ଭୁଲି ପ୍ରଶାନ୍ତ କିଶୋରଙ୍କ ସହ ଦଳ ଆଗକୁ ବଢିବାକୁ ଚାହୁଁଛି ।

## ରାତି ଅଧରେ ପାକିସ୍ତାନ କଳା....

ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଶୁକ୍ରବାର ରାତି ପ୍ରାୟ ୯ଟାରେ ପାକିସ୍ତାନ ସେନା ଓ ତାଲିବାନ ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଏହା ପରେ ଶୁକ୍ରବାର ରାତିରେ ପାକିସ୍ତାନ ପକ୍ଷରୁ ଆଫଗାନିସ୍ତାନରେ ଖୋସ୍ତ ପ୍ରଦେଶର ଦୁଇଟି ଏରିଆରେ ଏୟାର ଷ୍ଟ୍ରାଇକ୍ କରିଥିବା ଜଣାପଡ଼ିଛି। ସେପଟେ ଏହି ଏୟାର ଷ୍ଟ୍ରାଇକରେ ବହୁ ସଂଖ୍ୟକ ସରକାର ବିରୋଧୀ ଉଗ୍ରବାଦୀଙ୍କ ମୃତ୍ୟୁ ଘଟିଥିବା ପାକିସ୍ତାନ ଗଣମାଧମରେ ପ୍ରକାଶ ପାଇଛି । ତେବେ ପାକିସ୍ତାନ ସରକାର କିମ୍ବା ଆଫଗାନିସ୍ତାନ ବୈଦେଶକି ମନ୍ତ୍ରଣାଳୟ ପକ୍ଷରୁ ସରକାରୀ ଭାବେ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନାହିଁ।

## ରାଜଧାନୀରେ ଏଟିଏମ୍ ....

ସେ କହିଛନ୍ତି ଯେ ଏହି ଘଟଣାକୁ ତର୍ଜମା କରାଯାଇଥିଲା । ତର୍ଜମା ପରେ ଜଣା ପଡ଼ିଥିଲା ବହୁ ରାଜ୍ୟରେ ଏଭଳି ଘଟଣା ଘଟିଛି। ଏହିପରି ଘଟଣା ଦିଲ୍ଲୀରେ ଘଟିଥିବା ବେଳେ ପୁଲିସ ମଧ ଏମାନଙ୍କୁ ଖୋଜୁଥିଲା। ଏମାନେ ସମସ୍ତେ ବାଂଲାଦେଶୀ ବୋଲି ଜଣା ପଡ଼ିଥିଲା। ସେ କହିଛନ୍ତି ଯେ ଏହି ଲୁଟେରା ଗ୍ୟାଙ୍ଗକୁ ଧରିବା ପାଇଁ କମିଶନରେଟ ପୋଲିସର ଏକ ଟିମ ବେଙ୍ଗାଲୁରୁ ଯାଇଥିଲା। ସେଠି ବିଭିନ୍ନ ହୋଟେଲ ସର୍ଚ୍ଚ କରିବା ପରେ ଏହି ଗ୍ୟାଙ୍ଗର ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଏହାକୁ ମିସନ୍ ଇଂପସିବଲ୍ ନାମ ଦିଆ ଯାଇଥିଲା। ଆମ ପୁଲିସ ଟିମ୍ ସଠିକ ସମୟରେ ଦୁଇ ଜଣଙ୍କୁ ଗିରଫ କରିବାରେ ସଫଳ ହେବାରୁ ଙ୍ଗାଲୁରୁରେ ସେମାନେ ଏହି ଘଟଣା ଘଟାଇ ପାରିନାହାନ୍ତି ବୋଲି ସେ କହିଛନ୍ତି ।

## ଚଳିତ ବର୍ଷ ମାତ୍ର ୧୦ ଦିନ....

ରିଆଡମିସନ୍ କରାଯିବ ବୋଲି ସୂଚନା ମିଳିଛି। ବିଭାଗ ପକ୍ଷରୁ କୁହା ଯାଇଛି ଯେ ଶିକ୍ଷା ପରିଷଦ ଦ୍ୱାରା ଆରମ୍ଭ କରାଯାଇଥିବା ନୂତନ ମୂଲ୍ୟାଙ୍କନ ନୀତି ଅନୁଯାଇ, ନବମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କୁ ସମାପ୍ତିସୂଚକ ଆକଳନ-୨ ପରୀକ୍ଷା ଦେବାକୁ ପଡ଼ିବ। ସମାପ୍ତିସୂଚକ ଆକଳନ-୨ ପରୀକ୍ଷା ଏବଂ ତାହାର ପରୀକ୍ଷା ଫଳ ପ୍ରକାଶନ ତଥା ୧୦ମ ଶ୍ରେଣୀକୁ ଉନ୍ନତି ମଇ ୧୦ ତାରିଖ ସୁଦ୍ଧା ଶେଷ କରାଯିବ। ମଧ୍ୟାହ୍ନ ଭୋଜନଭୁକ୍ତ ପିଲାମାନଙ୍କୁ ରନ୍ଧନ ଖାଦ୍ୟ ଯୋଗାଇ ଦିଆଯିବ ବୋଲି ଏଥିରେ କୁହା ଯାଇଛି । ବିଭାଗ ପକ୍ଷରୁ କୁହା ଯାଇଛି ଯେ -କୋଭିଡ-୧୯ ମହାମାରୀ ଯୋଗୁଁ ବିଗତ ଦୁଇ ବର୍ଷ ମଧ୍ୟରେ ଶିକ୍ଷା ଗ୍ରହଣରେ ହୋଇଥିବା କ୍ଷତିଭରଣା ପାଇଁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧୀକରଣ (ଓସେପା) ଦ୍ୱାରା ପ୍ରସ୍ତୁତ ଶୈକ୍ଷିକ ପୁନରୁଦ୍ଧାର ଯୋଜନା ମାଧ୍ୟମରେ ବର୍ତମାନ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ଦ୍ୱାରା ସକାଳୁଆ ବିଦ୍ୟାଳୟଗୁଡ଼ିକ କାର୍ଯ୍ୟକ୍ଷମ କରାଯିବ।


## ଉପନିର୍ବାଚନ ବାଜିମାରିନେଲେ ....

ସେ ପ୍ରାୟ ୨ ଲକ୍ଷରୁ ଅଧିକ ଭୋଟରେ ଜିତିଛନ୍ତି। ବାବୁଲ କହିଛନ୍ତି ଯେ, ଲୋକେ ବିଜେପିର ଅହଙ୍କାରକୁ ଭାଙ୍ଗିଦେଇଛିନ୍ତି। ବିଜୟର ଶ୍ରେୟ ମମତା ବାନାର୍ଜୀ ପାଇବା ହକଦାର । ଅନ୍ୟପଟେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟ୍ୱିଟ୍ କରି ବିଜୟ ପାଇଁ ଭୋଟରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ଆସନସୋଲ ଲୋକସଭା ଏବଂ ବାଲିଗଞ୍ଜ ବିଧାନସଭା ନିବାଚନମଣ୍ଡଳୀର ଲୋକଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି। ମୁଁ ଜନତାଙ୍କୁ ସାଲ୍ୟୁଟ ଜଣାଉଛି ବୋଲି ସେ କହିଛନ୍ତି। ଆସନସୋଲ ଲୋକସଭା ଆସନ ପାଇଁ ୧୫ ଲକ୍ଷ ଭୋଟର ମତଦାନ କରିଥିବା ବେଳେ ବାଲିଗଞ୍ଜ ବିଧାନସଭା ଆସନ ପାଇଁ ୨.୫ ଲକ୍ଷ ଭୋଟର ମତଦାନ କରିଛନ୍ତି।

# ଅଣସଂଗଠିତ ଶ୍ରମଶକ୍ତିଙ୍କ ବିକାଶ ପାଇଁ ମୋଦି ସରକାର ସମର୍ପିତ : ବିଜେପି

ଭୁବନେଶ୍ୱର, ୧୬/୦୪ (ନି.ପ୍ର): ଅଣସଂଗଠିତ ଶ୍ରମିକ ଓ କର୍ମଚାରୀମାନଙ୍କ ସାମଗ୍ରିକ ବିକାଶ ପାଇଁ କଟିବଦ୍ଧ ମୋଦି ସରକାର। ଦେଶର କୋଟି କୋଟି ଶ୍ରମିକ ଏବଂ କର୍ମଚାରୀମାନଙ୍କ ସାମର୍ଥ୍ୟ ଆଜି ନୂତନ ଭାରତ ଆଧାରସ୍ତମ୍ଭ ପାଲଟିଛି। ୩୮କୋଟି ଅଣସଂଗଠିତ ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ପାଣ୍ଠିର ବ୍ୟବସ୍ଥା କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନାରେ ଶ୍ରମିକ ଭାଇ ଓ ଭଉଣୀଙ୍କ ଆର୍ଥୀକ ସହାୟତା ପାଇଁ ମାସିକ ୩୦୦୦ଟଙ୍କା ସୁନିଶ୍ଚିତ କରିଥିବାରୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଧନ୍ୟବାଦ ଜଣାଇଛନ୍ତି । ଏହି ଅବସରରେ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଦୁର୍ଗାପୂଜା ମଣ୍ଡପ ନିକଟରେ ଅଣସଂଗଠିତ ଶ୍ରମିକ ସମ୍ମିଳନୀରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣକାରୀ ବିଭିନ୍ନ ଯୋଜନା ଇ-ଶ୍ରମ କାର୍ଡ, ଅଟଳ ପେନସନ, ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାରେ ଲାଭାନ୍ୱିତ ହୋଇଥିବା ହିତାଧିକାରୀଙ୍କୁ ସମ୍ମାନିତ କରିଛନ୍ତି ରାଜ୍ୟ ସଭାପତି ଶ୍ରୀ ମହାନ୍ତି। ଅଣସଂଗଠିତ ଶ୍ରମିକମାନଙ୍କ ପାଇଁ ମୋଦି ସରକାର ପ୍ରଣୟନ କରିଥିବା ଯୋଜନାଗୁଡିକ ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ଅଧାବାଟରେ ଅଟକିଯାଇଛି। ଭୁବନେଶ୍ୱର ଭଳି ସହରରେ ସକାଳ ହେଲା ମାତ୍ରେ କାମଧନ୍ଦା ଅନ୍ୱେଷଣରେ ଥିବା ଅଣସଂଗଠିତ ଶ୍ରମିକମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ । ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଶ୍ରମିକମାନେ ଆସୁଥିବା ସତ୍ୱେ ତାଙ୍କ ପାଇଁ ବସିବା, ପନୀୟ ଜଳ, ଶୌଚାଳୟଟିଏ ମଧ ନଥିବା କାରଣରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟାନ୍ୟ ଅଂଚଳରେ ଅଣସଂଗଠିତ ଶ୍ରମିକମାନଙ୍କୁ ପ୍ରତାରଣା କରାନଯାଇ ତାଙ୍କ ପାଇଁ ଯେଉଁ ଯୋଜନା ଅଛି, ତାର ସଫଳ ରୂପାୟନ କରାଯାଉ । ନିର୍ବାଚନ ପୂର୍ବରୁ ନିର୍ମାଣ ଶ୍ରମିକ ଭାବରେ ମିଛ ରେଜିଷ୍ଟ୍ରେସନ୍ କରାଇ ଶାସକ ବିଜେଡି ଶ୍ରମିକଙ୍କଠାରୁ ଭୋଟ୍ ହାତେଇବା ଚକରରେ ରହୁଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ବାସ୍ତବ କ୍ଷେତ୍ରରେ ସଠିକ କାର୍ଯ୍ୟନ୍ୱୟନର ସମୀକ୍ଷା ଏବଂ ଯୋଜନା ସଂପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଦେଶବ୍ୟାପୀ ଗତ ୭ରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବିଜେପି ତରଫରୁ ସାମାଜିକ ନ୍ୟାୟ ପକ୍ଷ ପାଳନ କରାଯାଉଛି ।

# ବାଲେଶ୍ୱର ବେଙ୍ଗଲୀ ଏସୋସିଏସନ୍‌ର ନବବର୍ଷ ପାଳନ




ବାଲେଶ୍ୱର, ୧୬/୦୪ (ନି.ପ୍ର): ବାଲେଶ୍ୱର ବେଙ୍ଗଲୀ ଏସୋସିଏସନ୍ ତରଫରୁ ତା ୧୫.୦୪.୨୨ ରିଖ ସନ୍ଧ୍ୟା ୭ ଘଟିକା ସମୟରେ ସ୍ଥାନୀୟ ଆତିଥ୍ୟ ଭବନ, ବାଲେଶ୍ୱରରେ 'ବଙ୍ଗଳା ଶୁଭ ନବବର୍ଷ' ଉପଲକ୍ଷେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠାନର ସଭାପତି ଡା.ପ୍ରଦୀପ କୁମାର ଭୌମିକଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଅନୁଷ୍ଠାନର ସମ୍ପାଦକ ଡା. ପିୟୁଷ କୁମାର ଘୋଷ ପ୍ରାକ୍ ସୂଚନା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅନୁଷ୍ଠାନ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀନାରାୟଣ ଘୋଷ ଦୀର୍ଘ ବର୍ଷ ପରେ ଏହି ଅନୁଷ୍ଠାନ ଗଢ଼ିବାର ଆବଶ୍ୟକତା ଓ ଏହାର ଉପକାରିତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ତତ୍‌ପରେ ଅନୁଷ୍ଠାନର ବର୍ଷିୟାନ୍ ସଭ୍ୟ ତଥା ସମାଜସେବୀ ତୁଷାରକାନ୍ତ ଚାଟାର୍ଜୀ ଓ ଅମଲ କୁମାର ସେନ୍‌ଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଏହାପରେ କବିଗୁରୁ ରବୀନ୍ଦ୍ର ନାଥ ଠାକୁରଙ୍କର ରଚିତ 'ଏସୋ ହେ ବୈଶାଖ' ଗୀତଟିକୁ ଶିଳ୍ପୀମାନେ ସମବେତ କଣ୍ଠରେ ଗାନ କରିଥିଲେ । ପରେ ପରେ ଅନୁଷ୍ଠାନର ସଭ୍ୟସଭ୍ୟାମାନଙ୍କ ଦ୍ୱାରା ବଙ୍ଗଳା ଗୀତ, ନାଚ ଓ ଆବୃତ୍ତୀ ପରିବେଷଣ କରାଯାଇଥିଲା, ଯାହା ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅର୍ଗାନାଇଜିଂ ସମ୍ପାଦକ ଦେବାଶିଷ ଚାଟାର୍ଜୀ, ସାଂସ୍କୃତିକ ସମ୍ପାଦକ ସୁଲଳୀତ୍ କର ଏବଂ ଦିବ୍ୟେନ୍ଦୁ ଦେ ପରିଚାଳନା କରିଥିଲେ । ବିଭିନ୍ନ କାର୍ଯ୍ୟକ୍ରମରେ ଗୁରୁ ବ୍ରଜେଶ କୁମାର ପଣ୍ଡା, ରିନୀ ଭୌମିକ୍, ଗୁରୁ ନନ୍ଦକିଶୋର ଦାସ, ଫାଲଗୁନୀ ବଡୁଆ, ଡା. ତାପସ କୁମାର ବର୍ଦ୍ଧନ, ଅର୍ଚ୍ଚନା ନନ୍ଦୀ, ସଂଘମିତ୍ରା ଦେ, ମଉ ଚକ୍ରବର୍ତ୍ତୀ, ମୌମିତା କର, ରାରା କର, ଆଦ୍ରା କର, ପ୍ରବାଲ ସିହ୍ନା, ଦୀପନ୍ ସରକାର, ଅରିଜିତ୍ ଘୋଷାଲ୍, ବନ୍ଦନା କର, ଅକ୍ଷୟ କୁମାର ସିହ୍ନା, ନବଜିତ୍ ଶାହା, ବିଶ୍ୱଜିତ୍ ଘୋଷ, ପ୍ରାର୍ଥପ୍ରତୀମ୍ କର, ଚୌତାଲୀ ବେନାର୍ଜୀ, ଅମନ୍ ଘୋଷ, ତମନ୍ନା ଚକ୍ରବର୍ତ୍ତୀ, ଅପର୍ଣ୍ଣା ରାୟ, ଅଙ୍କିତା ବେନାର୍ଜୀ ପ୍ରମୁଖ ଭାଗ ନେଇଥିଲେ । କାର୍ଯ୍ୟକ୍ରମର ପରିଶେଷରେ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏବେବି ମୌଳିକ ସୁବିଧାରୁ ବଂଚିତ ଯୋଡିଧାରା ଗ୍ରାମବାସୀ

ଜୟପୁର, ୧୬/୦୪ (ନି.ପ୍ର): ଏବେବି ମୌଳିକ ସୁବିଧାରୁ ବଂଚିତ ଯୋଡିଧାରା ଗ୍ରାମବାସୀ । ନା ଅଛି ପାଣିର ସୁବିଧା, ନା ଅଛି ଗାଁକୁ ଯିବାକୁ ଭଲ ରାସ୍ତା ଖଣ୍ଡେ, ନା ଅଛି କୌଣସି ସରକାରୀ ଚିକିତ୍ସାର ସୁବିଧା । ଏଭଳି ଏକ ଗାଁ ଦେଖିବାକୁ ମିଳିଛି ଓଡ଼ିଶାର ହସ୍ତତନ୍ତ ବୟନଶିଳ୍ପ ମନ୍ତ୍ରୀ ତଥା କୋଟପାଡ଼ ବିଧାୟିକାଙ୍କ ନିର୍ବାଚନ ମଣ୍ଡଳୀ ବୈପାରୀଗୁଡା ବ୍ଲକ ମାଝୀଗୁଡା ପଚାଂୟତ ଅନ୍ତର୍ଗତ ଜୋଡ଼ିଧାରା ଗ୍ରାମରେ । ଜୋଡ଼ିଧାରା ଗ୍ରାମରେ ମୋଟ ୧୦ ଟି ପରିବାର ବସବାସ କରିନ୍ତି । ହେଲେ ଏମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ, ଭଲ ରାସ୍ତା ଓ ବିଦ୍ୟୁତ ଯେମିତି ସାତ ସପନ । ଆଜି ପର୍ଯ୍ୟନ୍ତ ଗମନା ଗମନ ପାଇଁ ଭଲ ରାସ୍ତାଟିଏ ମଧ ଗାଁକୁ ନାହିଁ । ଯିବାକୁ ହେଲେ ପାହାଡିଆଜଙ୍ଗଲ ଖାଲଖମା ରାସ୍ତା ଦେଇ ଯିବାକୁ ପଡିଥାଏ । ଗାଁ କୁ ରାସ୍ତା ନଥିବାରୁ ପିଲାମାନେ ଅଙ୍ଗନବାଡି ଏବଂ ବିଦ୍ୟାଳୟକୁ ଯାଆନ୍ତି ନାହିଁ ଯଦ୍ୱାରା ପିଲାଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଠେଲି ହୋଇଯାଇଛି । ହଠାତ କାହାରି ଦେହ ଖରାପ ହେଉ ଅବା ଡେଲିଭରୀ ହେବାକୁ ହେଲେ ଗାଁକୁ ଗାଡି ହେଉ ଅବା ଆମ୍ବୁଲାନ୍ସ ଆସିପାରେ ନାହିଁ । ଯାହାଦ୍ୱାରା ବାଧ ହୋଇ ରୋଗୀକୁ ଖଟିଆରେ ବୋହିକି ନେବାକୁ ପଡ଼େ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଯୋଡିଧାରାରେ ବିଶୁଦ୍ଧ ପାନୀୟ ଜଳ ପାଇଁ ବର୍ଷ ତମାମ ହନ୍ତସନ୍ତ ହେଉଛନ୍ତି । କୂଅ ଓ ନଳକୂପ ନଥିବାରୁ କେତେବେଳେ ନଦୀ ପାଣି ତ ଆଉ କେତେବେଳେ ଚୂଆ ପାଣି ବ୍ୟବହାର କରିଥାନ୍ତି ଗ୍ରାମବାସୀ। ଯାହାଦ୍ୱାରା ବିଭିନ୍ନ ପେଟ ରୋଗରେ ଆକ୍ରାନ୍ତ ହୋଇଥାନ୍ତି ଲୋକେ । ପଂଚାୟତ ପକ୍ଷରୁ ଗୋଟିଏ ନଳକୂପ ଆସିଥିଲା ସତ ହେଲେ ରାସ୍ତା ନଥିବା ଯୋଗୁଁ ନଳକୂପ ଗାଡି ଆସିପାରୁନଥିବାରୁ ନଳକୂପ ମଧ ଖୋଳା ହୋଇପାରୁନି । ବିଦ୍ୟୁତ କଥା ତ ନ କହିବା ଭଲ । ଗାଁ ରେ ସୋଲାର ବ୍ୟବସ୍ଥା ହୋଇଛି କିନ୍ତୁ ସରକାରଙ୍କ ଅଚଳ ସୋଲାର ବ୍ୟବସ୍ଥା ଲାଗି ଲୋକେ ଆଜି ପର୍ଯ୍ୟନ୍ତ ଡିବିରି ଆଲୁଅରେ ଜୀବନ ଯାପନ କରନ୍ତି। ଗାଁଟି ଜଙ୍ଗଲ ଭିତରେ ଥିବାରୁ ରାତି ହୋଇଗଲେ ଯିବ ଜନ୍ତୁଙ୍କ ଭୟ ରହିଥିବାରୁ ସନ୍ଧ୍ୟା ଛଅ ଟାରୁ ହିଁ ତାଟି କବାଟ ବନ୍ଦ ହୋଇଯାଏ ।

# ଉଦଳା ଉପଖଣ୍ଡ ଚିକିତ୍ସାଳୟ ତରଫରୁ ସ୍ୱଚ୍ଛତା ପକ୍ଷ ପାଳନ




ଉଦଳା, ୧୬/୦୪ (ନି.ପ୍ର): ଉଦଳା ଉପଖଣ୍ଡ ଚିକିତ୍ସାଳୟ ତରଫରୁ ଚଳିତ ଏପ୍ରିଲ ୧ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି । ଉପଜିଲ୍ଲାପାଳ ଭଗବାନ ବେହେରା, ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଏବଂ ରୋଗୀ କଲ୍ୟାଣ ସମିତିର ସଭ୍ୟ ମାନେ ଏହି ପକ୍ଷ ପାଳନର ନେତୃତ୍ୱ ନେଇଥିଲେ । ଏହି ଅବସରରେ ବିଦାଳୟ ଓ ମହାବିଦ୍ୟାଳୟ ପିଲାଙ୍କ ମଧ୍ୟରେ ବକ୍ତୃତା, ରଚନା ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହେବା ସହିତ ପଥପ୍ରାନ୍ତ ସଭା, ଶୋଭାଯାତ୍ରା ଓ ପ୍ରଚାରପତ୍ର ବଣ୍ଟନ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନିଜକୁ ସୁସ୍ଥ ରଖିବା ପାଇଁ ହାତଧୋଇବା, ମଶାରୀ ଟାଣି ଶୋଇବା, ବିଶୁଦ୍ଧ ଜଳ ପିଇବା ଇତ୍ୟାଦି ବିଷୟରେ ଲୋକଙ୍କୁ ସଚେତନ କରାଯିବା ସହିତ ଆମ ପରିବେଶକୁ ସୁସ୍ଥ ରଖିବା ପାଇଁ ପଲିଥିନ ବ୍ୟବହାରକୁ ବନ୍ଦ କରିବା ଓ ଆମ ଆଖ ପାଖକୁ ସର୍ବଦା ସଫା ସୁତରା ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା । ଉପଖଣ୍ଡ ଚିକିତ୍ସାଧିକାରୀ ଡ଼. ଶିବାନନ୍ଦ ମହାନ୍ତିଙ୍କ ପୌରହିତ୍ୟରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା ।

## ସୋନିଆଗାନ୍ଧୀ ରାହୁଲଙ୍କ ସମେତ ଅନ୍ୟ ବରିଷ୍ଠ କଂଗ୍ରେସ ନେତାଙ୍କ ସହ କଲେ ବୈଠକ

ନୂଆଦିଲ୍ଲୀ, ୧୬/୦୪ (ନି.ପ୍ର): କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ସୋନିଆ ଗାନ୍ଧୀଙ୍କ ବାସଭବନରେ ଶନିବାର ଦଳର ବରିଷ୍ଠ ନେତାଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧୀ, ରାଜ୍ୟସଭାର ବିରୋଧି ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ଦିଗ୍‌ବିଜୟ ସିଂ ଉପସ୍ଥିତ ଥିଲେ । ସୂଚନା ଅନୁସାରେ ସୋନିଆଗାନ୍ଧୀଙ୍କ ୧୦ ଜନପଥ ବାସଭବନରେ ଆୟୋଜିତ ବୈଠକରେ ସାଂଗଠନିକ ନିର୍ବାଚନ ସହିତ ପାର୍ଟି ସଂଗଠନକୁ ମଜଭୁତ କରିବା ସହ ଦେଶର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଉପରେ ଆଲୋଚନା କରାଯାଇଥିଲା ।

# ରାଇବଣିଆର ଦୁର୍ଗ ସୁରକ୍ଷା ଓ ଆଞ୍ଚଳିକ ଉନ୍ନୟନ ସଂଗଠନର ବାର୍ଷିକ ଉତ୍ସବ

## ସମସ୍ତଙ୍କର ସହଯୋଗରେ ଦୁର୍ଗର ହେବ ସୁରକ୍ଷା : ଜାତୀୟ ସ୍ମାରକୀ ଘୋଷଣା କରିବାକୁ ଦାବି



ଜଳେଶ୍ୱର, ୧୬/୦୪ (ନି.ପ୍ର): ସମଗ୍ର ଉତ୍ତର - ପୂର୍ବ ଭାରତର ସର୍ବଶ୍ରେଷ୍ଠ ଓ ପ୍ରଚୀନ ଦୁର୍ଗ ଭାବେ ପ୍ରସିଦ୍ଧିଲାଭ କରିଥିବା ବିରାଟ ରାଜାଙ୍କ ଗଡ ରାଇବଣିଆ ଦୁର୍ଗ ଆଜି ଧ୍ୱଂସାଭିମୁଖୀ । ଏହାର ସୁରକ୍ଷା ଓ ପୁନଃରୁଦ୍ଧାର ଲାଗି ସମସ୍ତଙ୍କ ସହଯୋଗ ହେବା ସହିତ ଏହାକୁ ଜାତୀୟ ସ୍ମାରକୀ ଘୋଷଣା କରିବାକୁ ଆଜି ଶନିବାର ରାଇବଣିଆ ଦୁର୍ଗ ସୁରକ୍ଷା ଓ ଆଞ୍ଚଳିକ ଉନ୍ନୟନ ସଂଗଠନର ବାର୍ଷିକ ଉତ୍ସବରେ ବକ୍ତାମାନେ ଦାବି କରିଛନ୍ତି । ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ରାଇବଣିଆ ଦୁର୍ଗର ପୁନଃରୁଦ୍ଧାର ଓ ସୁରକ୍ଷା ଲାଗି ୨୦୦୨ ମସିହାରୁ ଏକ ଆଞ୍ଚଳିକ କମିଟି ଗଠନ କରାଯାଇଛି । ପ୍ରତିବର୍ଷ ଗଡଚଣ୍ଡିଙ୍କ ନିକଟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଚଳିତବର୍ଷ ଅନୁଷ୍ଠିତ ଉତ୍ସବରେ ଉନ୍ନୟନର ସଭାପତି ପ୍ରଫୁଲ୍ଲ ସୁର ସଭାପତିତ୍ୱ କରିଥିଲେ। ସଂପାଦକ ଡ. ଶ୍ରୀକାନ୍ତ ଚରଣ ପାତ୍ର ସଂପାଦକୀୟ ବିବରଣୀ ପାଠ କରିବା ସହିତ ଜାତୀୟ ସ୍ତରରେ ସେମିନାର କରାଯିବାକୁ ପ୍ରସ୍ତାବ ଦେଇଥିଲେ । ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସ୍ଥାନୀୟ ଜନସାଧାରଣ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଯୋଗରେ ଦୁର୍ଗର ସୁରକ୍ଷା ହୋଇ ପାରିବ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ ରାଜ୍ୟ ସରକାର ବିଭିନ୍ନ ପର୍ଯ୍ୟାୟରେ ଅର୍ଥ ଯୋଗାଇ ଏହାର ବିକାଶ ଲାଗି ଚେଷ୍ଟା ଜାରି ରଖିଥିବା ବେଳେ ଗଡ ମଧ୍ୟରୁ ପଥର ଓ ମୂର୍ତ୍ତି ଚୋରୀ ହେଉଥିବା ଉଦ୍‌ବେଗର ବିଷୟ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଉପସଭାନେତ୍ରୀ ଅନୁସୂୟା ପ୍ରଧାନ, ବ୍ଲକ ଚେୟାରମ୍ୟାନ୍ ମାନସ ଜେନା, ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଦ୍ୱୈତ୍ୟ ପାତ୍ର, ସହ-ସଂପାଦକ ନାରାୟଣ ଦାସ, ଉତ୍କଳ-ବଂଗ ମୈତ୍ରୀର ସଂପାଦକ ତଥା ଦାନ୍ତୁନ ମେଳା କମିଟି ଆବାହକ ଅଲୋକ ନନ୍ଦୀ ଯୋଗ ଦେଇ ଏଠାରେ ଓଡିଶା ଓ ପଶ୍ଚିମବଂଗର କଳା, ସଂସ୍କୃତି ଓ ପରମ୍ପରା ପ୍ରତିଫଳିତ ହେଉଥିବା ସଂପର୍କରେ କହିଥିଲେ । ଓଷ୍ଟା ରାଇବଣିଆ ସଭାପତି ବଂଶୀ ବାରିକ ମଂଚ ଆହ୍ୱାନ କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଦ୍ୱୈତ୍ୟ ପାତ୍ର, ତରୁଣ ସିଂ ମହାପାତ୍ର, ସୁଶାନ୍ତ ପ୍ରଧାନ, ରବିନାରାୟଣ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦିଲ୍ଲିପ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ସୁରସୋଭିତ ଘୋଷ ଓ ଲେଖକ ଦାସ ସଂଗୀତ ଗାନ କରିଥିଲେ । ସଂଗଠନର ବାର୍ଷିକ ମୁଖପତ୍ର 'ଜାଗ କଙ୍କାଳ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ନୃସିଂହ ଦାସ ମହାପାତ୍ର, ହେମନ୍ତ ଘୋଷ, ଆଦିକନ୍ଦ ପ୍ରଧାନ, ଗଂଗାଧର ଦାସ, ଅଶ୍ୱିନୀ ଦାସ, ସନ୍ଦିପ ଘୋଷ, ବ୍ରିଜେଶ ରଣା, ନିକୁଞ୍ଜ ଦାସ, ରାସବିହାରୀ ରଣା ପ୍ରମୁଖ ବହୁ ସଦସ୍ୟ ପରିଚାଳନା କରିଥିଲେ ।

# ଛେଣ୍ଡିପଦାରେ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା ଘଟଣାରେ ଚିନ୍ତା ପ୍ରକଟ କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୧୬/୦୪ (ନି.ପ୍ର): ରାଜନୀତିରେ ହିଂସାର ସ୍ଥାନ ନାହିଁ ଏବଂ ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦ ଯୋଡ଼ିବା କଥା କହି ଅନ୍ୟ ପକ୍ଷରେ ହିଂସା କରି ବିରୋଧୀ ରାଜନୈତିକ ଶକ୍ତିଙ୍କୁ ହିଂସାରେ ଶେଷ କରିଦେବାର ଅଲିଖିତ ଘୋଷଣାନାମା ପରି ପରିସ୍ଥିତି ରାଜ୍ୟରେ ସୃଷ୍ଟି ହୋଇଛି ବୋଲି ଟ୍ୱିଟ୍ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଅନୁଗୋଳ ଜିଲ୍ଲାରେ ନିର୍ବାଚନୀ ପରବର୍ତୀ ହିଂସା ଓ ଏଥିରେ ଛେଣ୍ଡିପଦା ଅଂଚଳରେ ବିଜେପି କାର୍ଯ୍ୟକର୍ତା ସାଗର ପ୍ରଧାନଙ୍କୁ ନିର୍ମମ ଭାବେ ହତ୍ୟା କରାଯିବା ଘଟଣା ଶୁଣି ଦୁଃଖ ପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଏହି ଘଟଣାରେ ଚିନ୍ତାପ୍ରକଟ କରିବା ସେ ଟ୍ୱିଟ୍ କରିଛନ୍ତି ଯେ ଏହି ଘଟଣାରେ ମୁଁ ଦୁଃଖିତ ଓ ମର୍ମାହତ । ପଂଚାୟତ,ପୌର ନିର୍ବାଚନ ଓ ପରବର୍ତୀ ସମୟରେ ସାରା ରାଜ୍ୟରେ ରାଜନୈତିକ ହିଂସା ଥମିବାର ନାଁ ନେଉନାହିଁ, ଯାହା ଓଡିଶା ପାଇଁ ଚିନ୍ତାର ବିଷୟ । ଛେଣ୍ଡିପଦା ସମେତ ସାରା ରାଜ୍ୟରେ ପ୍ରତିଦିନ ଅସହିଷ୍ଣୁତାର ରାଜନୈତିକ ହିଂସା ଘଟାଉଥିବା ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ପୋଲିସ ଓ ପ୍ରଶାସନ ଆଇନ ଅନୁସାରେ ନିରପେକ୍ଷତାର ସହିତ କଠୋର କାର୍ଯ୍ୟାନୁଷ୍ଠାନ ନେବା ଅତ୍ୟନ୍ତ ଜରୁରୀ ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରି କହିଛନ୍ତି ।

# ପରୀକ୍ଷା କେନ୍ଦ୍ର ଚୟନରେ ଅନିୟମିତତା : ଗେଟ ସମ୍ମୁଖରେ ଅବିଭାବକଙ୍କ ଧାରଣା



ଖଇରା, ୧୬/୦୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ଅନ୍ୟତମ ପୁରାତନ ଗଡପୋଖରୀ ହାଇସ୍କୁଲ ପୁର୍ବରୁ ବୋର୍ଡ ପରୀକ୍ଷା କେନ୍ଦ୍ର ହୋଇ ଆସୁଥିବା ବେଳେ ଚଳିତ ବର୍ଷ ଏହାକୁ ଇଛାକୃତ ଭାବେ ତାଲିକାରୁ କାଟି ଦିଆଯାଇଥିବାରୁ ଅବିଭାବକ ତଥା ସ୍ଥାନୀୟ ଗ୍ରାମବାସୀ ଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରତିବାଦରେ ଗ୍ରାମବାସୀ ମାନେ ଶନିବାର ସକାଳେ ଗେଟ ସମ୍ମୁଖରେ ଦୀର୍ଘ ସମୟଧରି ଧାରଣାରେ ବସି ରହିଥିଲେ । ଘଟଣାକ୍ରମେ ଶିକ୍ଷା ବିଭାଗରେ ସମୀକ୍ଷା ବୈଠକ ପାଇଁ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଜିଲା ଶିକ୍ଷାଧିକାରୀ ବିଷ୍ଣୁ ଚରଣ ସୂତାର ଓ ଅନ୍ୟାନ୍ୟ ଶିକ୍ଷାଧିକାରୀ ମାନେ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିବାର ଖବର ପାଇ ସେମାନଙ୍କୁ ଭେଟି ଦାବୀ ଜଣାଇଥିଲେ । ମନ୍ତ୍ରୀ ଓ ଅଧିକାରୀ ଏହା ଉପରେ ପଦକ୍ଷେପ ନେବାକୁ ପ୍ରତିଶୃତି ଦେବା ପରେ ସେମାନେ ଫେରିଯାଇଥିଲେ । ଧାରଣାରେ ସାମିଲ ଥିବା ପୁରାତନ ଛାତ୍ର ତଥା ବ୍ଲକ ଉପାଧକ୍ଷ ଗଜେନ୍ଦ୍ର ପରିଡା,ବିଜୟ ବାରିକ,ତପନ କୁମାର ବେହେରା,ଶତ୍ରୁଘ୍ନ ଦାସ,ସଞ୍ଜୟ ଦଳେଇଙ୍କ କହିବା ଅନୁଯାୟୀ ବିଦ୍ୟାଳୟଟି ୫ଟିରେ ଅନ୍ତର୍ଭୁକ୍ତ ହେବା ପରେ ଭିତ୍ତିଭୂମି ଯଥେଷ୍ଟ ସୁଦୃଢ ଅଛି । ପିଲା ସଂଖ୍ୟା ୫୬ଥିବା ବେଳେ ୩କିମି ଦୁର ମାତ୍ର ୩୬ ପିଲାଥିବା ଏକ ବିଦ୍ୟାଳୟରେ ଗଡପୋଖରୀ ହାଇସ୍କୁଲକୁ ଟ୍ୟାଗ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଯଦି ଶିକ୍ଷାଧିକାରୀ ମାନେ ନିଷ୍ପତ୍ତିରେ ପରିବର୍ତ୍ତନ ନକରନ୍ତି ତେବେ ବିଦ୍ୟାଳୟ ବନ୍ଦ ସହ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଅଚଳ କରାଯିବ ବୋଲି କହିଛନ୍ତି ।

# ଦୀର୍ଘ ଅପେକ୍ଷାର ଅନ୍ତ ଘଟିଲା : ବାଲେଶ୍ୱରରେ ଖୋଲିଲା ଏମ୍ସ ଓପିଡି ସେଣ୍ଟର

ବାଲେଶ୍ୱର,୧୬/୦୪ (ନି.ପ୍ର): ବହୁ ପ୍ରତିକ୍ଷୀତ ଏମ୍ସ ସ୍ୟାଟଲାଇଟ ଓପିଡି ସେଣ୍ଟର ଶନିବାର ଖୋଲିବା ପରେ ବିଭିନ୍ନ ମହଲରୁ ଏହାକୁ ସ୍ୱାଗତ କରାଯାଇଛି । ସକାଳ ୮ଟାରୁ ମଧାହ୍ନ ୧ଘଟିକା ପର୍ଯ୍ୟନ୍ତ ଏଥିରେ ରୋଗୀଙ୍କୁ ପରୀକ୍ଷା ସହ ପରାମର୍ଶ ଓ ଔଷଧ ପ୍ରଦାନ କରାଯାଇଛି । ଏଣ୍ଡୋକ୍ରିନୋଲୋଜି (ଅନ୍ତଃସ୍ରାବୀ ଗ୍ରନ୍ଥି ରୋଗ) ବିଶେଷଜ୍ଞ ଡାକ୍ତର କିଶୋର କୁମାର ବେହେରା, ଜେନେରାଲ୍ ସର୍ଜରୀ (ଶଲ୍ୟ) ବିଶେଷଜ୍ଞ ଡାକ୍ତର ଶାନ୍ତନୁ କୁମାର ସାହୁ ଓ ସ୍କିନ୍ (ଚର୍ମ ରୋଗ) ବିଶେଷଜ୍ଞ ଡାକ୍ତର ମନୋଜ କୁମାର ନାୟକ ପ୍ରମୁଖ ପ୍ରଥମ ଦିନରେ ଯୋଗଦେଇ ରୋଗୀ ପରୀକ୍ଷା ସହ ପରାମର୍ଶ ଓ ଔଷଧ ପ୍ରଦାନ କରିଥିଲେ। ତେବେ ଆନୁଷ୍ଠାନିକ ଭାବେ ଏହା ଉଦଘାଟନ ହୋଇ ନଥିବା ବେଳେ ବାଲେଶ୍ୱର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଓ ବାଲେଶ୍ୱର ଲୋକ ମଞ୍ଚର ପ୍ରଭୃତି ସଂଗଠନର କର୍ମକର୍ତ୍ତା ତଥା ସଦସ୍ୟମାନେ ବିଶେଷଜ୍ଞ ଡାକ୍ତରମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ସ୍ୱାଗତ ଶୁଭେଚ୍ଛା ଜଣାଇଥିଲେ। ସଂଯୋଜକ ମେଜର ଡାକ୍ତର ମୁକୁନ୍ଦ ଚରଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱର ଏମ୍ସ ଓପିଡି ସେଣ୍ଟର ପ୍ରଥମ ଦିନ କାର୍ଯ୍ୟକାରୀ ହୋଇଥିଲା। ଏହି ବହିଃର୍ବିଭାଗ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ନ ହେବା ପର୍ଯ୍ୟନ୍ତ ପ୍ରତି ସପ୍ତାହର ଶେଷ ଦୁଇଦିନ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ସ୍ୱାସ୍ଥ୍ୟସେବା ପ୍ରଦାନ କରିବେ।

# ଅଟୋ-ବାଇକ ମୁହାଁ ମୁହିଁ ଧକ୍କା : ଜଣେ ମୃତ, ଦୁଇ ଗୁରୁତର : ଅଟୋ ଚାଳକ ଥାନାରେ ଅଟକ



ବାଲିଆପାଳ, ୧୬/୦୪ (ନି.ପ୍ର): ଆଜି ଅପରାହ୍ନରେ ବାଲିଆପାଳ-କର୍ମିଦ୍ଧା ରାସ୍ତାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ ଭୋଗରାଇ ଅଂଚଳର ଅରୁଣ ବେହେରା (୩୮) ନାମକ ଜଣେ ଯୁବକ ଅପରାହ୍ନ ପ୍ରାୟ ୩ ଘଟିକା ସମୟରେ ଏକ ବାଇକରେ ଅନ୍ୟ ଦୁଇ ଜଣ ସହ ଯୋଗୀଙ୍କୁ ବସାଇ ଦୃତ ଗତିରେ ବାଲିଆପାଳ ପଟୁ କର୍ମିଦ୍ଧା ଆଡକୁ ଯାଉଥିଲେ । ପାରୁଳିଆ ଗଡାପୋଲ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଅଟୋ ସହିତ ବାଇକର ମୁହାଁ ମୁହିଁ ଧକ୍କା ହୋଇଥିଲା । ଅରୁଣ ଏବଂ ତାଙ୍କର ଦୁଇ ସହ ଯୋଗୀ ରାସ୍ତା ଉପରକୁ ଛିଟିକି ପଡିଥିଲେ । ରାସ୍ତାରେ ଯାଉଥିବା ଲେକୋ ୩ ଜଣଙ୍କୁ ସ୍ଥାନୀୟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ । ତେବେ ଡାକ୍ତରଖାନାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ଜଣଙ୍କ ଭିତରୁ ଅତିଗୁରୁତର ଥିବା ଜଣଙ୍କୁ ବାଲେଶ୍ୱର ପଠାଇଦିଆଯାଇଛି । ଅନ୍ୟ ଜଣେ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଛନ୍ତି । ତାଙ୍କର ଚେତା ଫେରିନଥିବାରୁ ଗୁରୁତର ଦୁଇ ଜଣଙ୍କର ପରିଚୟ ମିଳିପାରିନାହିଁ । ଖବର ପାଇ ବାଲିଆପାଳ ପୁଲିସ ଘଟଣାସ୍ଥଳରେ ପହଂଚି ଅଟୋ ସହିତ ଚାଳକକୁ ଥାନାକୁ ନେଇଯାଇଛନ୍ତି ।

# ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ପୋଷାକ ବିତରଣ




ବାଲିଆପାଳ, ୧୬/୦୪ (ନି.ପ୍ର): ବାଲିଆପାଳ ବ୍ଲକର ଡଗରାଠାରେ ଥିବା ମଦରଟେରସା ସେବା ସଂଘ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଭିନକ୍ଷମ ବିଦ୍ୟାଳୟ ଏବଂ ଫେରାପି କେନ୍ଦ୍ରର ୧୨୭ ଜଣ ହିତାଧିକାରୀଙ୍କୁ ୟୁନିଫର୍ମ ,ପରିଚୟ ପତ୍ର ଏବଂ ଜୋତା ବିତରଣ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜ ମୁଖ୍ୟ ଆତିଥି ଭାବରେ ଯୋଗ ଦେଇ ଭିନକ୍ଷମ ପିଲାମାନଙ୍କୁ ଉତ୍ସାହିତ କରିବା ସହିତ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବାବଦରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ସୁବାଷ ଚନ୍ଦ୍ର ଚୌଧୁରୀ ଏବଂ ସଂଘର ସହ ସଂପାଦକ ଅଜିତ କୁମାର ସେଠୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ମଦରଟେରସା ସେବା ସଂଘର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ସହ ଯୋଗ କରିଥିଲେ ।

# କିଡନୀ ରୋଗରେ ଆକ୍ରାନ୍ତ କୁନି ଝିଅ ବର୍ଷାକୁ ସହାୟତାର ହାତ ବଢାଇଲେ ହେଲ୍ପ ଫର ୟୁ ଫାଉଣ୍ଡେସନ



ଜଳେଶ୍ୱର, ୧୬/୦୪ (ନି.ପ୍ର): ଝିଅ ବର୍ଷାର ଦୁଇଟି କିଡନୀ ୫ ବର୍ଷ ହେଲା ନଷ୍ଟ ହେଇଯାଇଛି ଡାକ୍ତର କହିଛନ୍ତି ପ୍ରେତେକ ମାସକୁ ୪ ଥର କଟକ ଯାଇ ଉବସକ୍ଷକୁଷ୍ୱସସ୍ୱ କରିବା ପାଇଁ ହେଲେ ସମୟ ଏମିତି ବର୍ଷାକୁ କଟକ କୁ ଯିବାପାଇଁ ଗାଡ଼ି ଭଡ଼ା ମଧ ଯୋଗାଡ଼ ହେଇ ପାରୁ ନାହିଁ ଏହି ଘଟଣା ଟି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଖୁରୁଣ୍ଟିଆ ଗ୍ରାମର ବାପା ଛେଉଣ୍ଡ କୁନି ଝିଅ ବର୍ଷା ଯାହାର ବଞ୍ଚିବା ପାଇଁ ଇଛା ଅଛି ମାତ୍ର ଭାଗ୍ୟର ବିଡମ୍ବନା ଏହି କୁନିଝିଅ ବର୍ଷା ଦୁନିଆ କ'ଣ ଜାଣିବା ପୁର୍ବରୁ ତା ମା'ର ସ୍ୱପ୍ନକୁ ପୁରଣ କରିବା ପୁର୍ବରୁ ଭଗବାନ ଏମିତି ଦାଉ ସାଜିଲେ କୁନି ଝିଅ ବର୍ଷାର ଦୁଇଟି କିଡନୀ ସମ୍ପୁର୍ଣ୍ଣ ନଷ୍ଟ କରିଦେଲେ ଖେଳ କୁଦ ବୟସରେ କ'ଣ ବା ଜାଣିଛି ନିରିହ କୁନି ଝିଅ ବର୍ଷା ବଡ଼ ହେଲେ ବର୍ଷା ସ୍ୱପ୍ନ ଥିଲା ଶିକ୍ଷତ୍ରି ହେଇ ମାଗଣା ଶିକ୍ଷା ଦାନ କରି ମାର ଦୁଃଖ ଦୁର କରିଥାନ୍ତା । ବାପାଙ୍କ ପାଞ୍ଚ ବର୍ଷ ଆଗରୁ ବାପା ମଧ ଆରପାରିକୁ ଚାଲିଯାଇଛନ୍ତି । ଆଜି ଅର୍ଥ ଅଭାବରୁ ଚିକିତ୍ସା ହୋଇପାରି ନଥିବା ବର୍ଷା ପାଇଁ ସହଯୋଗ ସହାୟତାର ହାତ ବଢାଇଛନ୍ତି ଜଳେଶ୍ୱର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପ ଫର୍ ୟୁ ଫାଉଣ୍ଡେସନ ବର୍ଷାର ଚିକିତ୍ସା ପାଇଁ ସାତ ହଜାର ଟଙ୍କା ପ୍ରଦାନ କରିଛନ୍ତି ଓ ସଙ୍ଗଠନ ସଦସ୍ୟ ଆଶିଷ କୁମାର ସାହୁ, ତରଣି କର, ତପନ ଦେ, ନିଶାନ ସାମଲ, ସୁବ୍ରତ ଜେନା, ସୁବାଶିଷ ରାଉଳ, ସଞ୍ଜୟ ପରିଡ଼ା ଉପସ୍ଥିତ ରେ ଏହି ସହାୟତା କରାଯାଇଥିଲା ବେଳେ ସଙ୍ଗଠନର ସମସ୍ତ ସଦସ୍ୟ ସଦସ୍ୟମାନଙ୍କର ଆର୍ଥିକ ଅବଦାନ ବଳରେ ଏହି ମହାନ କାର୍ଯ୍ୟ ସମ୍ଭବ ହୋଇ ପାରିଥିଲା । ଏହି ମହାନ କାର୍ଯ୍ୟକୁ ବୁଦ୍ଧି ଯିବି ମହଲରେ ବେଶ୍ ପ୍ରଶଂସା କରାଯାଇଛି ।

## ପ୍ରଧାନମନ୍ତ୍ରୀ ମୋଦୀ ୧୮ ଅପ୍ରେଲରୁ ତିନି ଦିବସୀୟ ଗୁଜରାଟ ଗସ୍ତରେ

ନୂଆଦିଲ୍ଲୀ,୧୬ ଅପ୍ରେଲ (ହି.ସ.) – ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୮-୨୦ ଅପ୍ରେଲ ପର୍ଯ୍ୟନ୍ତ ଗୁଜୁରାଟର ତିନିଦିନିଆ ଗସ୍ତରେ ରହିବେ। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଶନିବାର ଦିନ ଗୁଜରାଟ ଗସ୍ତର କାର୍ଯ୍ୟକ୍ରମର ସୂଚନା ଦେଇ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ୧୮ ଅପ୍ରେଲକୁ ସନ୍ଧ୍ୟା ପାଖାପାଖି ୬ଟାରେ ଗାନ୍ଧୀନଗରରେ ସ୍କୁଲର କମାଣ୍ଡ ଏବଂ କଂଟ୍ରୋଲ ସେଂଟରର ଗସ୍ତ କରିବେ। ପ୍ରଧାନମନ୍ତ୍ରୀ ୧୯ ଅପ୍ରେଲକୁ ସକାଳ ପାଖାପାଖି ୯.୪୦ରେ ଦିୟୋଦରରେ ବନାସ ଡ୍ୟାରୀ ସଂକୁଲରେ କେତେକ ବିକାଶ ପରିଯୋଜନାର ଶିଳାନ୍ୟାସ କରିବେ।

# କଞ୍ଚାଲଙ୍କାରେ ପପୁଙ୍କ ନୂଆ ୱେବ ସିରିଜ୍ 'ଟାଉଟର ପ୍ରୋ'




ଭୁବନେଶ୍ୱର, ୧୬/୦୪ (ନି.ପ୍ର): ଅପ୍ରେଲ ୧୫ଠାରୁ କଞ୍ଚାଲଙ୍କା ଓଟିଟି ପ୍ଲାଟଫର୍ମ ରେ ଷ୍ଟ୍ରିମିଙ୍ଗ ହେଉଛି ନୂଆ ୱେବ ସିରିଜ୍ 'ଟାଉଟର ପ୍ରୋ'। ପମ୍‌ପମ୍ ସିରିଜର ଏହା ହେଉଛି ପ୍ରଥମ ଏପିସୋଡ । କମେଡି କିଙ୍ଗ ପପୁ ପମ୍‌ପମ୍ ଏଥିରେ ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି । ପୂର୍ବରୁ ପପୁଙ୍କ ଅଭିନୀତ 'ହ୍ୟାଲୋ ରାବଣ'କୁ କଞ୍ଚାଲଙ୍କା ପ୍ଲାଟଫର୍ମରେ ଜବରଦସ୍ତ ରେସପନ୍ସ ମିଳିଥିଲା । ତେବେ ପମ୍‌ପମ୍ ସିରିଜର ନୂଆ ନୂଆ ଏପିସୋଡ ମାସକୁ ଥରେ ଦର୍ଶକ ଦେଖିବାକୁ ପାଇବେ ବୋଲି ଜଣାପଡିଛି । ସମାଜରେ ଘଟୁଥିବା କିଛି ନିଛକ ସତକଥାକୁ ନେଇ 'ଟାଉଟର ପ୍ରୋ' ନିର୍ମାଣ କରାଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାଇଥିବା ଆବାସ ଚୋରିରୁ ଆରମ୍ଭ ହୋଇଛି କାହାଣୀ । ଅବନୀ ଷଡ଼ଙ୍ଗୀ ନାମକ ଜଣେ ବ୍ୟକ୍ତି ଏନେଇ ଥାନାରେ ଏଫଆଇଆର ଦେଉଛନ୍ତି ଓ ପୁଲିସ ତଦନ୍ତ କରିବାକୁ ଅଭିଯୋଗକାରୀ ଗୁହାରୀ କରିଛନ୍ତି । ଆବାସ ଯୋଜନାରେ ମିଳିଥିବା ଘରଟି ତିଆରି ସରିଥିବା ଅଭିଯୋଗକାରୀ ପ୍ରମାଣିତ କରିବା ପରେ ସମ୍ପୃକ୍ତ ସ୍ଥାନରୁ ଘରଟି ଚୋରୀ ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି । ତେବେ ପୁଲିସ ତଦନ୍ତ ବେଳେ କଣ ସବୁ ପ୍ରମାଣ ପାଉଛି ଓ ଏହି ମାମଲାର ବିଚାର କିଭଳି ହେଉଛି ତାକୁ ନେଇ କାହାଣୀ ଟି ଆଗକୁ ବଢ଼ିଛି । ଏହି ୱେବ ସିରିଜ୍ ଅପ୍ରେଲ ୧୫ଠାରୁ ଷ୍ଟ୍ରିମିଂ ଆରମ୍ଭ ହୋଇଥିବା ବେଳେ ଏଥିରେ ପପୁ ପମପମଙ୍କ ସହ ଅରବିନ୍ଦ ଷଡ଼ଙ୍ଗୀ, ଜୀବନ ପଣ୍ଡା ଓ ଟୁକୁନା ଷ୍ଟାଇଲିସ୍ ପ୍ରମୁଖ ନଜର ଆସିଛନ୍ତି । ପପୁ ପମପମ କ୍ରିଏସନ୍ସ ବ୍ୟାନରରେ ନିର୍ମିତ ଟାଉଟର ପ୍ରୋରେ ରମେଶ ରାଉତ ନିର୍ଦ୍ଦେଶନା ଦେଇଥିବା ବେଳେ ପ୍ରଯୋଜନା ଭାର ସମ୍ଭାଳିଛନ୍ତି ସଂଗୀତା ଶତପଥୀ । କାହାଣୀ ନିଜେ ପପୁ ଲେଖିଥିବା ବେଳେ ଚିତ୍ରନାଟ୍ୟ ମଧ ଦେଖିଛନ୍ତି । ରୁପସାଗର ଏହାର ଡାଇଲଗ୍ ଦେବା ସହ ଭାଗ୍ୟଧର ପାଣି କଞ୍ଚାଲଙ୍କା କ୍ରିଏଟିଭ୍ ହେଡ ଅଛନ୍ତି । ଏହି ୱେବସିରିଜରେ ଦର୍ଶକେ ଭରପୁର କମେଡି ପାଇବେ ବୋଲି କଞ୍ଚାଲଙ୍କା ଓଟିଟି ପ୍ଲାଟଫର୍ମ ଆଶା ପ୍ରକଟ କରିଛି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Managing & Executive Editor : Srustidhar Parida
❐ Editor: Sairindhree Sahoo